# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମେ ୬/୨୦୧୯ (୧୬ ପୃଷ୍ଠା) Dhenkanal, Monday, May 6 / 2019 ★★★★★

୧୫ଶ ଭାଗ ୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







“ମୋଦି ସରକାରଙ୍କ ଅର୍ଥନୈତିକ ଦୂରଦୃଷ୍ଟିର ଅଭାବ ଯୋଗୁ ଭାରତରେ ଆର୍ଥିକ ଅଭିବୃଦ୍ଧି ମନ୍ଥର ହେବାରେ ଲାଗିଛି।
-ମନମୋହନ ସିଂ,
ପୂର୍ବତନ ପ୍ରଧାନମନ୍ତ୍ରୀ





ପଶ୍ଚିମବଙ୍ଗର ନଦୀୟା ଜିଲା କଲ୍ୟାଣୀସ୍ଥିତ ଏକ ଡିଷ୍ଟ୍ରିବ୍ୟୁଶନ୍ ସେଣ୍ଟରରୁ ନିର୍ବାଚନ ଅଧିକାରୀମାନେ ଭୋଟଗ୍ରହଣ ପାଇଁ ଆବଶ୍ୟକ ଉପକରଣ ନେଇ ଯାଉଛନ୍ତି।



ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପ୍ରଭାବିତ ଆସାମର କାମରୂପ ଜିଲାସ୍ଥିତ ବୋକୋରେ ପ୍ରବଳ ବର୍ଷା ହୋଇଛି। ଫଳରେ ସିଙ୍ଗ୍ରା ନଦୀରେ ବନ୍ୟା ଆସିଥିବାବେଳେ ପିଲାମାନେ ଏକ କାଠପୋଲ ଉପରେ ବସିଛନ୍ତି।




ମଧ୍ୟପ୍ରଦେଶର ସଗରରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଭାଜପା ନେତୃବୃନ୍ଦ।

# ରାହୁଲ, ରାଜନାଥଙ୍କ ଭାଗ୍ୟପରୀକ୍ଷା ଆଜି

**ନୂଆଦିଲ୍ଲୀ,୫ା୫(ପି.ଟି.)**





ଚତୁର୍ଦ୍ଦଶ ଲୋକ ସଭା ପାଇଁ ସୋମବାର ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ମତଦାନ ସହ ମଇଦାନକୁ ଓହ୍ଲାଇଥିବା ୬୭୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ବନ୍ଦ ହୋଇଯିବ।

୭ ରାଜ୍ୟରେ ସବୁ ଦଳ ପକ୍ଷରୁ ହାଇଭୋଲ୍‌ଟେଜ୍ ପ୍ରଚାର ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ପଞ୍ଚମ ପର୍ଯ୍ୟାୟରେ ଯେଉଁ ୫୧ ଆସନରେ ମତଦାନ ହେବ ସେଗୁଡ଼ିକ ହେଲା ବିହାରର ୫, ଜମ୍ମୁ ଓ କଶ୍ମୀର ୨, ଝାଡ଼ଖଣ୍ଡ ୪, ମଧ୍ୟପ୍ରଦେଶ ୭, ରାଜସ୍ଥାନ ୧୨, ୟୁପି ୧୪, ପଶ୍ଚିମବଙ୍ଗ ୭। ସୋମବାର ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଥିବା ହେଭିୱେଟ୍‌ଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ମୃତି ଇରାନୀ, ଅର୍ଜୁନ ରାମ ମେଘୱାଲ, ରାଜ୍ୟବର୍ଦ୍ଧନ ସିଂ ରାଠୋର, ଜୟନ୍ତ ସିହ୍ନାଙ୍କ ସମେତ ଉପା ଅଧକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନ୍ ପ୍ରସାଦ, ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ମୁଖ୍ୟ ଶିବପାଲ ଯାଦବ ଓ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ସିହ୍ନା। ୟୁପିର ଅମେଠିରେ ରାହୁଲଙ୍କ ବିରୋଧରେ ଭାଜପାରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ପ୍ରାର୍ଥୀ ହୋଇଛନ୍ତି। ସେପଟେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବିରୋଧରେ ଲକ୍ଷ୍ନୌ ଆସନରେ ସମାଜବାଦୀ ପାର୍ଟି (ଏସ୍‌ପି)ରୁ ଲଢ଼େଇ କରୁଛନ୍ତି ପୁନମ୍ ସିହ୍ନା। ପୁନମ୍‌ଙ୍କ ପାଇଁ ତାଙ୍କ ଝିଅ ତଥା ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଶୁକ୍ରବାର ଲକ୍ଷ୍ନୌରେ ରୋଡ୍ ଶୋ କରିଥିଲେ। ଝାଡ଼ଖଣ୍ଡର ହଜାରିବାଗ୍ ଆସନରେ କେନ୍ଦ୍ରମନ୍ତ୍ରୀ ଜୟନ୍ତ ସିହ୍ନା ପୁଣିଥରେ ପ୍ରାର୍ଥୀ ହୋଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା ଖୁଣ୍ଟି ଆସନରୁ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏମାନଙ୍କ ପାଇଁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଦଳର ଅନେକ ହେଭିୱେଟ୍ ନେତା ପ୍ରଚାର କରିଥିଲେ। ସେହିପରି ବିହାରର ହାଜିପୁର ଓ ଶରନ୍ ଆସନରେ ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଏବଂ ଲାଲୁପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଏଲ୍‌ଡି) ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଛି। ହାଜିପୁରରୁ ପାଶ୍ୱାନଙ୍କ ଭାଇ ପଶୁପତି କୁମାର ପାରସ ପ୍ରାର୍ଥୀ ହୋଇଛନ୍ତି। ମଧୁବନୀ ଆସନରେ ଭାଜପା ଏମ୍‌ପି ହୁକୁମ ନାରାୟଣ ଯାଦବଙ୍କ ପୁଅ ଅଶୋକ ଯାଦବ ପ୍ରଥମଥର ପାଇଁ ମଇଦାନକୁ ଓହ୍ଲାଇଛନ୍ତି। ରାଜସ୍ଥାନର ଜୟପୁର ରୁରାଲ ଆସନରେ ଦୁଇ ପୂର୍ବତନ ଅଲମ୍ପିଆନ୍ ରାଜ୍ୟବର୍ଦ୍ଧନ ସିଂ ରାଠୋର ଓ କ୍ରିଷ୍ଣା ପୁନିଆ ମୁହାଁମୁହିଁ ହୋଇଛନ୍ତି। ବିକାନେର ଆସନରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ବିରୋଧରେ ତାଙ୍କ ସମ୍ପର୍କୀୟ ଭାଇ ମଦନଗୋପାଳ ମେଘୱାଲଙ୍କୁ କଂଗ୍ରେସ ଟିକେଟ ଦେଇଛି। ଏହି ପର୍ଯ୍ୟାୟରେ ଭାଜପା ପାଇଁ ୩୯ ଆସନ ବଞ୍ଚାଇବାର ଚ୍ୟାଲେଞ୍ଜ ରହିଛି। ଏଗୁଡ଼ିକରୁ ଅଧିକାଂଶ ହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ରହିଛି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ୟୁପିର ୧୨, ରାଜସ୍ଥାନର ସମସ୍ତ ୧୨, ମଧ୍ୟପ୍ରଦେଶର ସମସ୍ତ ୭, ଝାଡ଼ଖଣ୍ଡର ସମସ୍ତ ୪, ବିହାରର ୩ ଓ ଜମ୍ମୁ-କଶ୍ମୀରର ଗୋଟିଏ ଆସନ ଦଖଲ କରିବାରେ ସଫଳ ହୋଇଥିଲା। ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ସହ ୪୨୫ ଲୋକ ସଭା ଆସନରେ ଭୋଟଗ୍ରହଣ ଶେଷ ହେବ। ଅବଶିଷ୍ଟ ଦୁଇଟି ପର୍ଯ୍ୟାୟରେ ୧୧୮ ଆସନରେ ମତଦାନ ହେବ। ମେ ୨୩ରେ ସମସ୍ତ ୭ଟି ପର୍ଯ୍ୟାୟର ଫଳ ପ୍ରକାଶ ପାଇବ।

**ପଞ୍ଚମ ପର୍ଯ୍ୟାୟ ନିର୍ବାଚନ**
- ୭ ରାଜ୍ୟର ୫୧ ଆସନରେ ମତଦାନ
- ମଇଦାନରେ ସୋନିଆ, ଇରାନୀଙ୍କ ସମେତ ୬୭୪ ପ୍ରାର୍ଥୀ

## ସଂକ୍ଷେପରେ

### ଖାତକୁ ଖସିଲା କାର୍ ୫ ଭାଜପା କର୍ମୀ ମୃତ

**ସିମ୍ଲା,୫ା୫ (ପି.ଟି.):** ହିମାଚଳ ପ୍ରଦେଶର ମଣ୍ଡି ଜିଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୫ ଜଣ ଭାଜପା କର୍ମକର୍ତ୍ତା ପ୍ରାଣ ହରାଇଛନ୍ତି। ସିରାଜ୍ ତହସିଲ୍‌ର ଭଙ୍ଗ-କୀ-ଦର୍‌ଠାରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ନିର୍ବାଚନ ର୍‌ୟାଲିକୁ ଏମାନେ ଯାଉଥିବାବେଳେ କାର୍‌ଟି ବାଗଚାନୋଗିରେ ୩୦୦ ମିଟର ତଳ ଏକ ଖାତକୁ ଖସିପଡ଼ିଥିଲା। ଗାଡ଼ିରେ ଥିବା ଡ୍ରାଇଭର ଜଣକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲାବେଳେ ଅନ୍ୟ ୫ ଜଣ ଭାଜପା କର୍ମକର୍ତ୍ତା ପ୍ରାଣ ହରାଇଥିବା ପୋଲିସ କହିଛି। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲାବେଳେ ଡ୍ରାଇଭର ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ଟିପୁ ସୁଲ୍‌ତାନ୍‌ଙ୍କୁ ଇମ୍ରାନ୍‌ଙ୍କ ଶ୍ରଦ୍ଧାଞ୍ଜଳି



**ଇସ୍‌ଲାମାବାଦ୍,୫ା୫ (ପି.ଟି.):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଟିପୁ ସୁଲ୍‌ତାନ୍‌ଙ୍କୁ ପ୍ରଶଂସା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ମହୀଶୂର ଶାସକ ଟିପୁ ସୁଲ୍‌ତାନ୍ କ୍ରୀତଦାସ ହୋଇ ବଞ୍ଚିବା ଅପେକ୍ଷା ସ୍ୱାଧୀନତା ଲାଗି ସଂଘର୍ଷ କରି ପ୍ରାଣବଳି ଦେବାକୁ ଶ୍ରେୟ ମଣିଥିଲେ ବୋଲି ଟୁଇଟ୍ କରି ଇମ୍ରାନ୍ କହିଛନ୍ତି। ଟିପୁଙ୍କ ସମୟରେ ହୋଇଥିବା ନୂଆ ରାଜସ୍ୱ ପ୍ରଥା, ପ୍ରଶାସନିକ ସଂସ୍କାର କାର୍ଯ୍ୟ ଅତୁଳନୀୟ ଥିଲା। ପ୍ରକାଶଥାଉ କି, ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ ୧୯୯୧ରେ ବାଙ୍ଗାଲୋର୍‌ଠାରେ ଅନୁଷ୍ଠିତ ଟିପୁ ସୁଲ୍‌ତାନ୍ ସହିଦ୍ ସ୍ମୃତି ସମାରୋହରେ ତାଙ୍କୁ ବିଶ୍ୱର ପ୍ରଥମ ଯୁଦ୍ଧ ରକେଟ୍ ନିର୍ମାତା ବୋଲି କହିଥିଲେ।

### ମୁଖ୍ୟ ସ୍ରୋତକୁ ଫେରିଲେ ଜୈଶ୍ ଆତଙ୍କବାଦୀ

**ଶ୍ରୀନଗର,୫ା୫ (ପି.ଟି.):** ଜମ୍ମୁ-କଶ୍ମୀର୍‌ର ପୁଲୱାମା ଜିଲାରେ ଜଣେ ଜୈଶ୍ ଆତଙ୍କବାଦୀ ରବିବାର ନିଜର ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସାମାଜିକ ମୁଖ୍ୟ ସ୍ରୋତକୁ ଫେରିଛନ୍ତି। ସୁରକ୍ଷା କାରଣରୁ ପୋଲିସ ପକ୍ଷରୁ ତାଙ୍କ ପରିଚୟ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇ ନାହିଁ। ପୋଲିସ ଓ ପରିବାରର ପ୍ରୟାସ ଫଳରେ ପୁଲୱାମାର ଆଉ ଜଣେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ହିଂସା ଛାଡ଼ି ମୁଖ୍ୟ ସ୍ରୋତକୁ ଫେରିବା ଲାଗି ଆଗ୍ରହ ପ୍ରକାଶ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ୨୦୧୭ ପରଠାରୁ କଶ୍ମୀରରେ ୧୨ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅସ୍ତ୍ରଶସ୍ତ୍ର ଛାଡ଼ି ସାମାଜିକ ମୁଖ୍ୟ ସ୍ରୋତକୁ ଫେରିଲେଣି। ସରକାର ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ କର ନ ହେଲେ ଏନ୍‌କାଉଣ୍ଟର୍ କରାଯିବ ବୋଲି କହିବା ପରଠାରୁ ଅଧିକାଂଶ ଆତଙ୍କବାଦୀ ଘରକୁ ଫେରି ପରିବାରର ଚାପ ଫଳରେ ସାମାଜିକ ମୁଖ୍ୟ ଶ୍ରୋତକୁ ଫେରିଥିବା ଜଣାପଡ଼ିଛି।

■ ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ

# ଜଷ୍ଟିସ୍ ବୋବ୍‌ଡେଙ୍କୁ ଦୁଇ ବିଚାରପତି ଭେଟିବା ରିପୋର୍ଟକୁ ଖଣ୍ଡନ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୫ା୫(ପି.ଟି.)**



ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ ପାଇଁ ଗଠିତ ଇନ୍‌ହାଉସ୍ କମିଟି ଅଧକ୍ଷ ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କୁ ଜଷ୍ଟିସ୍ ଆର୍.ଏଫ୍. ନରିମନ୍ ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ଭେଟିଥିବା ନେଇ ଏକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ସୁପ୍ରିମକୋର୍ଟ ପକ୍ଷରୁ ମିଥ୍ୟା ବୋଲି ଅଭିହିତ କରାଯାଇ ରବିବାର ଖଣ୍ଡନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜଷ୍ଟିସ୍ ବୋବ୍‌ଡେଙ୍କୁ ଦୁଇ ବିଚାରପତି ଭେଟିଥିଲେ ବୋଲି ଏକ ଆଗଧାଡ଼ିର ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇଥିଲା। ସର୍ବୋଚ୍ଚ ଅଦାଲତର ସେକ୍ରେଟାରୀ ଜେନେରାଲ ଏକ ବିବୃତିରେ ଏହାକୁ ‘ଅତ୍ୟନ୍ତ ଦୁର୍ଭାଗ୍ୟଜନକ’ ବୋଲି କହିଛନ୍ତି। ପ୍ରକାଶ ଯେ, ସୁପ୍ରିମକୋର୍ଟର ଜଣେ ପୂର୍ବତନ ମହିଳା କର୍ମଚାରୀ ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଆଣିବା ପରେ ଏହାର ତଦନ୍ତ ପାଇଁ ଏକ ତିନିଜଣିଆ କମିଟି ଗଠନ କରାଯାଇଛି।

# ୨୦୦ ଇସଲାମିକ୍ ଧର୍ମଗୁରୁ ବହିଷ୍କୃତ

**କଲମ୍ବୋ,୫ା୫(ଏଏଫ୍‌ପି)**

ଶ୍ରୀଲଙ୍କା ସରକାର ରବିବାର ୨୦୦ ଇସ୍‌ଲାମିକ୍ ଧର୍ମଗୁରୁଙ୍କ ସମେତ ୬୦୦ ବିଦେଶୀ ନାଗରିକଙ୍କୁ ବହିଷ୍କାର କରିଛି। ଦ୍ୱୀପରାଷ୍ଟ୍ରରେ ଇଷ୍ଟର ପର୍ବ ପାଳନ ଅବସରରେ ଆତ୍ମଘାତୀ ଆକ୍ରମଣ ପରଠାରୁ ସ୍ଥାନୀୟ ଜିହାଦୀ ଗୋଷ୍ଠୀକୁ ଏଥିପାଇଁ ଦୋଷାରୋପ କରାଯାଇ ଆସୁଛି। ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ବଜିରା ଅବୟୱର୍ଦ୍ଧନା କହନ୍ତି, ଧର୍ମଗୁରୁମାନେ ଆଇନଗତ ଭାବେ ଦେଶକୁ ଆସିଥିଲେ। ସେମାନେ ଭିଜା ଅବଧି ପରେ ଅଧିକ ଦିନ ରହିଥିବା ଏବଂ ନିରାପତ୍ତା ଦୃଷ୍ଟିକୋଣରୁ ସେମାନଙ୍କ ବିରୋଧରେ ଜରିମାନା ଲାଗୁହେବା ସହିତ ସେମାନଙ୍କୁ ଦେଶରୁ ବହିଷ୍କାର କରାଯାଇଛି। ଦେଶରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଧର୍ମଗୁରୁଙ୍କ ନିମନ୍ତେ ଭିଜା କଟକଣା କଡାକଡି କରାଯାଇଥିବା ଅବୟୱର୍ଦ୍ଧନା ପ୍ରକାଶ କରିଥିଲେ।

# ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଶପଥ ନେଲେ

**ଜୟପୁର,୫ା୫ (ପି.ଟି.)**



ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ

ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ରବିବାର ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ଶପଥଗ୍ରହଣ କରିଛନ୍ତି। ରାଜ୍ୟପାଳ କଲ୍ୟାଣ ସିଂ ତାଙ୍କୁ ରାଜଭବନରେ ଶପଥପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟ ସଚିବ ଡି. ବି. ଗୁପ୍ତା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ଜାରି କରାଯାଇଥିବା ନିଯୁକ୍ତିପତ୍ରକୁ ପାଠ କରିଥିଲେ। ଜଷ୍ଟିସ୍ ଭଟ୍ଟ ହିନ୍ଦୀରେ ଶପଥ ପାଠ କରିଥିଲେ। ଏହି ଶପଥଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ବିଧାନସଭା ବାଚସ୍ପତି ସି.ପି. ଜୋଷୀ, ମନ୍ତ୍ରିମଣ୍ଡଳ ସଦସ୍ୟ, ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିବୃନ୍ଦ, ଜଷ୍ଟିସ୍ ଭଟ୍ଟଙ୍କ ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# କିରନ୍ ବେଦୀଙ୍କ ଇସ୍ତଫା ଦାବି

**ପୁଡୁଚେରୀ,୫ା୫(ଏଏଫ୍‌ପି)**

ପୁଡୁଚେରୀ ଉପରାଜ୍ୟପାଳ କିରନ୍ ବେଦୀଙ୍କ ଇସ୍ତଫା ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଭି. ନାରାୟଣ ସ୍ୱାମୀ। ଏକ ନିର୍ବାଚିତ ସରକାରଙ୍କ ଦୈନନ୍ଦିନ କାର୍ଯ୍ୟରେ ଉପରାଜ୍ୟପାଳ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ନିକଟରେ ମାଡ୍ରାସ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାଡ୍ରାସ ହାଇକୋର୍ଟ ସ୍ପଷ୍ଟ ଭାବେ କହିଥିଲେ, ଉପରାଜ୍ୟପାଳ ସ୍ୱାଧୀନ ଭାବେ କିଛି କରିପାରିବେ ନାହିଁ ଏବଂ ସେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିପରିଷଦଙ୍କ ସହମତି ଭିତ୍ତିରେ କାର୍ଯ୍ୟ କରିବେ। ଏକ ନିର୍ବାଚିତ ସରକାରଙ୍କ ଦୈନନ୍ଦିନ କାର୍ଯ୍ୟ ଉପରେ ଉପରାଜ୍ୟପାଳଙ୍କ ହସ୍ତକ୍ଷେପ ଉପରେ ପ୍ରଶ୍ନ ଉଠାଇ କଂଗ୍ରେସ ବିଧାୟକ କେ. ଲକ୍ଷ୍ମୀନାରାୟଣନ୍ ମାଡ୍ରାସ ହାଇକୋର୍ଟରେ ଏକ ରିଟ୍ ପିଟିଶନ୍ ଦାଖଲ କରିଥିଲେ। ଏହି ଆବେଦନ ଉପରେ ମାଡ୍ରାସ ହାଇକୋର୍ଟ ଏହି ଐତିହାସିକ ରାୟ ଦେଇଛନ୍ତି।



# ମୋଦିଙ୍କ ପାଇଁ ଭୋଟ ମାଗିଲେ ବିବେକ ଓବେରୟ

**ନୂଆଦିଲ୍ଲୀ,୫ା୫(ପି.ଟି.)**

ଦିଲ୍ଲୀରେ ଭାଜପା ପ୍ରାର୍ଥୀଙ୍କ ପାଇଁ ରବିବାର ଭୋଟଭିକ୍ଷା କରିଛନ୍ତି ଅଭିନେତା ବିବେକ ଓବେରୟ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସପକ୍ଷରେ ଭୋଟଦେବାକୁ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି। ‘ପିଏମ୍ ନରେନ୍ଦ୍ର ମୋଦି’ଙ୍କ ବାୟୋପିକ୍‌ରେ ମୋଦି ଭୂମିକାରେ ଅଭିନୟ କରିଥିବା ଓବେରୟ ଦିଲ୍ଲୀର ସମସ୍ତ ୭ଟି ଆସନରେ ଭାଜପା ପ୍ରାର୍ଥୀଙ୍କୁ ଭୋଟଦେବାକୁ ରାଜଧାନୀ ବାସିନ୍ଦାକୁ ଅନୁରୋଧ କରିଛନ୍ତି। ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ପାଇଁ ଓବେରୟ କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ପହଞ୍ଚି ‘ଉରି: ଦି ସର୍ଜିକାଲ୍ ଷ୍ଟ୍ରାଇକ୍’ର ଲୋକପ୍ରିୟ ଡାଏଲଗ୍ ‘ହାଓ ଇଜ୍ ଦି ଜୋସ୍’ରୁ ଭାଷଣ ଆରମ୍ଭ କରିଥିଲେ।

ବିରୋଧୀ ଦଳର କୌଣସି ନେତାଙ୍କ ନାଁ ନ ନେଇ ଅଭିନେତା କଂଗ୍ରେସ ଉପରେ ବର୍ଷି ‘ଚୌକିଦାର’ଙ୍କୁ ଭୋଟ ଦେବାକୁ ସେ ଆହ୍ୱାନ ଦେଇଥିଲେ।

# ଆଇଏସ୍ ଆକ୍ରମଣରେ ୯ ନିହତ

**ତ୍ରିପୋଲି,୫ା୫(ପି.ଟି.)**




ଦକ୍ଷିଣ ଲିବ୍ୟାରେ ଖଲିଫା ହଫ୍‌ତାର ସମର୍ଥକଙ୍କ ଉପରେ ଆଇଏସ୍ ପକ୍ଷରୁ ଆକ୍ରମଣ କରାଯିବା ଫଳରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେଭାରେ ହଫ୍‌ତାର ସେନାଙ୍କ ନିୟନ୍ତ୍ରଣରେ ଥିବା ସାମରିକ ପ୍ରଶିକ୍ଷଣ ଶିବିରକୁ ଟାର୍ଗେଟ କରି ଆଇଏସ୍ ଯୋଦ୍ଧାମାନେ ଆକ୍ରମଣ କରିଥିଲେ। ସେଭା ମେଡ଼ିକାଲ କେନ୍ଦ୍ରର ମୁଖପାତ୍ର ମୋଟ ୯ଟି ମୃତଦେହ ପାଇଥିବା ପ୍ରକାଶ କରିଛନ୍ତି। ଆକ୍ରମଣ ଲାଗି ଆଇଏସ୍ ନିଜକୁ ଦାୟୀ କରିଛି।

**ଅଟକ ବନ୍ଦୀଙ୍କ ମୁକ୍ତି ପାଇଁ ଟାର୍ଗେଟ**

ହଫ୍‌ତାରଙ୍କ ଦ୍ୱାରା ଅଟକ ଥିବା ବନ୍ଦୀଙ୍କୁ ଖଲାସ୍ କରିବା ଲାଗି ଏହା ଉଦ୍ଦିଷ୍ଟ ଥିଲା ବୋଲି ଆଇଏସ୍ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି, ହଫ୍‌ତାର ଲିବ୍ୟା ସେନା ସହାୟତାରେ ସେଭାକୁ ନିୟନ୍ତ୍ରଣରେ ରଖିଥିଲାବେଳେ ଜାତିସଂଘ ଦ୍ୱାରା ସ୍ୱୀକୃତି ପାଇଥିବା ସରକାର ଏହାକୁ ବିରୋଧ କରିଆସୁଛି।

# ଭାଜପା ନେତାଙ୍କୁ ହତ୍ୟା କଲେ ଆତଙ୍କବାଦୀ

**ନୂଆଦିଲ୍ଲୀ/ଶ୍ରୀନଗର,୫ା୫ (ପି.ଟି.)**



ଗୁଲ୍ ମହମ୍ମଦ୍ ମିର୍

ଜମ୍ମୁ-କଶ୍ମୀର୍‌ର ଅନନ୍ତନାଗ୍‌ରେ ଆତଙ୍କବାଦୀମାନେ ଭାଜପାର ଜିଲା ଉପସଭାପତି ଗୁଲ୍ ମହମ୍ମଦ୍ ମିର୍ (୫୭)ଙ୍କୁ ତାଙ୍କ ଘରେ ଶନିବାର ରାତିରେ ଗୁଳିକରି ହତ୍ୟା କରିଛନ୍ତି। ରାଜ୍ୟପାଳ ସତ୍ୟପାଲ ମଲ୍ଲିକ ଏନେଇ ରାଜ୍ୟ ମୁଖ୍ୟ ଶାସନସଚିବ ବି ଭି ଆର୍ ସୁବ୍ରମଣ୍ୟମ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କେଉଁଠି ସୁରକ୍ଷାରେ ଢିଲା ରହିଲା ତାହାର ତଦନ୍ତ କରିବା ସହ ହତ୍ୟାକାଣ୍ଡ ପଛରେ କିଏ ଅଛନ୍ତି ସେ ସମ୍ପର୍କରେ ତଦନ୍ତ ରିପୋର୍ଟ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସୋମବାର ରାଜ୍ୟପାଳ ଜରୁରୀ ବୈଠକ ଡାକି ସୁରକ୍ଷା ସମ୍ପର୍କିତ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।

ମିର୍ ୨୦୦୮ରେ ନିର୍ଦ୍ଦଳୀୟ ଓ ୨୦୧୪ରେ ଦଳୀୟ ଟିକେଟ୍ ପାଇ

**ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନିନ୍ଦା**
**ରାଜ୍ୟପାଳଙ୍କ ତଦନ୍ତ ନିର୍ଦ୍ଦେଶ**


ଦକ୍ଷିଣ କଶ୍ମୀରର ଧ୍ରୁରୁ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ମିର୍‌ଙ୍କୁ ହତ୍ୟା କରାଯିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ତୀବ୍ର ନିନ୍ଦାକରି ଦେଶରେ ହିଂସାର ସ୍ଥାନ ନାହିଁ ବୋଲି ପ୍ରକାଶ କରିଛନ୍ତି। ସେହିପରି ଭାଜପା ଅଧକ୍ଷ ଅମିତ ଶାହ ଦଳରେ ମିର୍‌ଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି କହିବା ସହ ଉପତ୍ୟକାରେ ହିଂସା କରି ଭାଜପା କର୍ମକର୍ତ୍ତାଙ୍କ ମନୋବଳ କମାଯାଇ ପାରିବ ନାହିଁ ବୋଲି କହିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825.

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମେ ୬/୨୦୧୯ | Dhenkanal, Monday, May 6 / 2019 | (ପୃଷ୍ଠା-୧)

**ପଞ୍ଜାବକୁ ବିଜୟୀ କଲେ ରାହୁଲ**

ଲୋକେଶ ରାହୁଲଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ରବିବାର ଆଇପିଏଲ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୬ ଉଇକେଟରେ ପରାସ୍ତ କରିଛି। **୧୩**

**୦୩** **‘ଗଦର’ ସିକ୍ୱେଲରେ ପୁଣି ଆସିବେ ସନି**

ସନି ଦେଓଲଙ୍କ ଅଭିନୀତ ୨୦୦୧ର ବ୍ଲକବଷ୍ଟର ଫିଲ୍ମ ‘ଗଦର: ଏକ୍ ପ୍ରେମ କଥା’ର ସିକ୍ୱେଲ ପରଦାକୁ ଆସିବ।



ତାମିଲନାଡୁ, ଉତ୍ତରପ୍ରଦେଶର ସହାୟତା ଘୋଷଣା
........୩........

# ‘ଫନୀ’ ବିପତ୍ତି: ପାଣି ପାଇଁ ତହଲବିକଳ

- ଅସହାୟ ପ୍ରଶାସନ
- ଏଟିଏମ୍ ଅଚଳ
- ଧନଜୀବନକୁ ନେଇ ଆଶଙ୍କାରେ ଲୋକେ
- ୧୫ ଦିନ ରନ୍ଧାଖାଦ୍ୟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ପେଣ୍ଟକଟା ବୁଲି ସହାୟତା ରାଶି ବାଣ୍ଟିଲେ
- ଆଜି ବାତ୍ୟା ସ୍ଥିତି ଅନୁଧ୍ୟାନ କରିବେ ପ୍ରଧାନମନ୍ତ୍ରୀ

### କ୍ୟାଶ୍‌ଲେସ୍ ଚିନ୍ତାଧାରାକୁ ପ୍ରକୃତିର ତାଚ୍ଛଲ୍ୟ



ବାତ୍ୟା ପରେ ଇଣ୍ଟରନେଟ୍ ସେବା ନ ଥିବାରୁ ପ୍ରାୟ ଏଟିଏମ୍ ଅଚଳ। କାଁ ଭାଁ ଚାଲୁଥିବା ଏଟିଏମ୍ ସାମ୍ନାରେ ନଗଦ ଟଙ୍କା ପାଇଁ ପ୍ରବଳ ଭିଡ଼। ଭୁବନେଶ୍ୱର ପଟିଆ ଅଞ୍ଚଳରେ ରବିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କ୍ରେଡିଟ୍ ଓ ଡେବିଟ୍ କାର୍ଡଧାରୀ ସହରବାସୀ ଏବେ ନଗଦ ଅର୍ଥର ଆବଶ୍ୟକତା ଭଲଭାବେ ଅନୁଭବ କରୁଛନ୍ତି।

### ସହରବାସୀଙ୍କ ପାଇଁ ନଦୀ ଭରସା



ବାତ୍ୟାରେ ବିଦ୍ୟୁତ୍ ସେବା ପ୍ରଭାବିତ ହେବା ଯୋଗୁ ଲୋକମାନେ ନିତ୍ୟକର୍ମ ପାଇଁ ନଦୀ ମୁହାଁ। କଟକର ଯୋବ୍ରା ଆନିକଟ ମହାନଦୀ ତଟର ଦୃଶ୍ୟ। (ଫଟୋ: ବିକାଶ ନାୟକ, ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ବାତ୍ୟା ‘ଫନୀ’କୁ ୩ ଦିନ ପୂରିଗଲା। ଏବେ ବି ଚାରିଆଡ଼େ ହାହାକାର। ବିପର୍ଯ୍ୟସ୍ତ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ପରିସ୍ଥିତିକୁ ସଙ୍ଗିନ କରି ଦେଇଛି। ଧନଜୀବନ ସୁରକ୍ଷା ନେଇ ଲୋକମାନେ ଆଶଙ୍କାରେ ରାତି ବିତାଉଛନ୍ତି। ବିଦ୍ୟୁତ୍ ଓ ପାନୀୟ ଜଳ ଭଳି ଜରୁରୀ ଆବଶ୍ୟକତା ଲୋକମାନଙ୍କ ନିକଟରେ କେବେସୁଦ୍ଧା ପହଞ୍ଚି ପାରିବ ତାହା ମଧ୍ୟ ଆକଳନ କରାଯାଇପାରୁ ନାହିଁ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏଟିଏମ୍ ଅଚଳ ହୋଇପଡ଼ିଥିବାରୁ ଲୋକମାନେ ଜରୁରୀ ସାମଗ୍ରୀ କିଣି ପାରୁନାହାନ୍ତି। ପିଇବା ପାଣି ମୁନ୍ଦେ ପାଇଁ ପୁରୀ ଓ ଭୁବନେଶ୍ୱରରେ ଲୋକମାନେ ତହଲବିକଳ ହେଉଛନ୍ତି। ବାଲ୍‌ତିଏ ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଟ୍ୟାଙ୍କରକୁ ଅପେକ୍ଷା କରିବାକୁ ପଡୁଛି। ଏପରି କି ପାଣି ପାଇଁ କେତେକ ସ୍ଥାନରେ ମାର୍‌ପିଟର ଖବର ମଧ୍ୟ ଆସୁଛି। ଲୋକଙ୍କ ନିତ୍ୟକର୍ମ, ଗାଧୋଇବା ଓ ଶୌଚ ପାଇଁ ଅନେକ ଲୋକ ନିକଟସ୍ଥ ନଦୀ ଓ ପୋଖରୀ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ତଳ କର୍ମଚାରୀ ଯାଏ କେବଳ ଆଇଏଏସ୍, ଆଇପିଏସ୍‌ଙ୍କ ଭଳି ବଡ଼ବଡ଼ିଆଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାରେ ବ୍ୟସ୍ତ ଥିବା ଅଭିଯୋଗ ହେଉଛି। ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ରାଜଧାନୀର ବିଭିନ୍ନ କଲୋନୀ, ସହରତଳି ଅଞ୍ଚଳଠାରୁ ଆରମ୍ଭ କରି ବସ୍ତି ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ରାଜଧାନୀରେ ଏଟିଏମ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ଯେଉଁ କେତୋଟି କାର୍ଯ୍ୟକ୍ଷମ ଅଛି ସେଠାରେ ଲୋକମାନେ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଥିବାର ଦେଖାଦେଇଛି। କେନ୍ଦ୍ର ସରକାରଙ୍କ କ୍ୟାଶ୍ ଲେସ୍ ବ୍ୟବସ୍ଥା ମଧ୍ୟ ଏହି ଅସମୟରେ ମୂଲ୍ୟହୀନ ହୋଇଯାଇଛି। ବିଦ୍ୟୁତ୍ ନ ଥିବାରୁ ଅନ୍ଧକାରର ସୁଯୋଗ ନେଇ ରାଜଧାନୀରେ ଚୋର ଏବଂ ଲୁଟେରାମାନଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି।

ଲୋକମାନେ ଏକପ୍ରକାର ଭୟର ବାତାବରଣ ମଧ୍ୟରେ କାଳ କାଟୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଚାରିଆଡ଼ ଖାଁ ଖାଁ ଲାଗୁଛି। ଲୋକମାନଙ୍କ ଧନଜୀବନ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ପୋଲିସ ପ୍ରଶାସନ ମଧ୍ୟ ଏ ଦିଗରେ ସେଭଳି କିଛି ପଦକ୍ଷେପ ନେଉଥିବା ଭଳି ମନେ ହେଉନାହିଁ। ଗୋଟିଏପଟେ ପାନୀୟ ଜଳ ନ ପାଇ ଛଟପଟ ହେଉଥିବା ବେଳେ ନିଜର ଧନଜୀବନ ସୁରକ୍ଷା ନେଇ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ବାତ୍ୟା ପରବର୍ତ୍ତୀ ପରିସ୍ଥିତିକୁ କିଭଳି ସୁଧରାଯିବ ସେନେଇ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନୀତି ନାହିଁ। ଏଭଳି ପରିସ୍ଥିତିରୁ କେତେ ଦିନ ପରେ ମୁକ୍ତି ମିଳିବ ସେନେଇ ମଧ୍ୟ ସରକାରୀ ସ୍ତରରେ କିଛି ଆକଳନ କରାଯାଇପାରୁ ନାହିଁ। ବାତ୍ୟା ମାଡ଼ରେ ବରବାଦ ହୋଇଯାଇଥିବା ପୁରୀ ଓ ଭୁବନେଶ୍ୱର ସହରକୁ ବିଦ୍ୟୁତ ସଂଯୋଗ କେବେ ହେବ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିପର୍ଯ୍ୟୟ ଲାଗି ବିନିଯୋଗ**

**ଆଜିର ମନ୍ତବ୍ୟ**

“ ମହାଅପମିଶ୍ରଣ ମେଣ୍ଟର ନେତାମାନେ ନିଜ ସମ୍ପତ୍ତି ବଢ଼ାଇବା ଲାଗି କ୍ଷମତାର ଅପବ୍ୟବହାର କରିଛନ୍ତି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୯ କ୍ୟାଲେଣ୍ଡର ବର୍ଷର ପ୍ରଥମ ତ୍ରୈମାସ(ଜାନୁୟାରୀ–ଏପ୍ରିଲ)ରେ ଭାରତ ୨୭.୩୩ ମିଲିୟନ ଟନ ଷ୍ଟିଲ୍ ଉତ୍ପାଦନ କରିଛି।

–ୱାର୍ଲ୍ଡ ଷ୍ଟିଲ ଆସୋସିଏଶନ


NECC NATIONAL EGG CO-ORDINATION COMMITTEE 05.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 95 | 152 | 162 |
| DKL | 97 | 154 | 164 |
| BDK | 97 | 154 | 164 |
| BLS | 100 | 158 | 168 |
| ANG | 97 | 154 | 164 |

*Conditions Apply

Eggs Retail Price- 37/-Dozen
Issued in the Interest of Consumers





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କର୍ତ୍ତବ୍ୟରେ ଅବହେଳା, ୩ ସରକାରୀ କର୍ମଚାରୀ ନିଲମ୍ବିତ

କେନ୍ଦ୍ରାପଡ଼ା ଅଫିସ୍, ୫।୫

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଜିଲାର ୩ ସରକାରୀ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଜିଲା ଶିଶୁ ସୁରକ୍ଷା ବିଭାଗ ପ୍ରୋଗ୍ରାମ ଅଫିସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଶତ୍ରୁଘ୍ନ ସାହୁ ଏବଂ ଜିଲା ନିର୍ବାଚନ ବିଭାଗର ପିଅନ ମଙ୍ଗୁଳି ଚରଣ ମହାନ୍ତିଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଜିଲା ସୂଚନା ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସୂଚନା ମୁତାବକ, ବାତ୍ୟା ଫନୀ ପାଇଁ ଗତ ୨୯ ତାରିଖରୁ ଜିଲାପାଳ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଥିଲେ। ମାତ୍ର ଉପରୋକ୍ତ ୩ କର୍ମଚାରୀ ଜିଲାପାଳଙ୍କ ନିର୍ଦ୍ଦେଶ ନମାନି ଛୁଟିରେ ରହିଥିଲେ। ତେଣୁ ଜିଲାପାଳ ଦାଶରଥି ଶତପଥୀ ସେମାନଙ୍କୁ ରବିବାର ନିଲମ୍ବିତ କରିଛନ୍ତି ବୋଲି ନାୟକ ସୂଚନା ଦେଇଛନ୍ତି।

# ବାତ୍ୟା ପରେ ପେଟ୍ରୋଲ, ଡିଜେଲ ସମସ୍ୟା

- ପୁରୀରେ ସବୁ ତେଲ ଟାଙ୍କି ନାହିଁ
- ପେଟ୍ରୋଲ ଲିଟର ୨୦୦ଟଙ୍କା
- ଆଜି ପୁରୀର ସବୁ ଟାଙ୍କି ଖୋଲିବ କହିଲେ ଦେବାଶିଷ ପାଲିତ
- ରାଜଧାନୀର ସବୁ ଟାଙ୍କିରେ ଲମ୍ବାଧାଡି

ଭୁବନେଶ୍ୱର, ୫।୫(ବ୍ୟୁରୋ)

ବାତ୍ୟା ଫନୀର ପ୍ରଭାବରେ ପୁରୀ, କଟକ ଓ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଫନୀର ପ୍ରଭାବ ୧୯୯୯ ମହାବାତ୍ୟାଠାରୁ ଅଧିକ ଭୟଙ୍କର ଥିଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ବିଶେଷକରି ପୁରୀରେ ଫନୀ ଅଧିକ କ୍ଷୟକ୍ଷତି କରିପକାଇଛି। ଅନ୍ୟପଟେ ପାନୀୟ ଜଳ, ବିଦ୍ୟୁତ୍ ସେବା ଓ ଗମନାଗମନ ଲୋକଙ୍କ ଚିନ୍ତା ଆହୁରି ବଢାଇ ଦେଇଛି। ଏହିସବୁ ସମସ୍ୟା ଦୂର ହେବା ଲାଗି ଆହୁରି ଗୋଟିଏ ମାସ ମଧ୍ୟ ଲାଗିଯାଇପାରେ ବୋଲି ଅନୁମାନ କରାଯାଉଛି। ରାଜଧାନୀରେ ମଧ୍ୟ ଫନୀର ପ୍ରଭାବ ବହୁଳ ମାତ୍ରାରେ ପଡିଛି। ରାଜଧାନୀର ଅନେକ ଘର, ଗଛ, ଗାଡି ଭାଙ୍ଗି ଯାଇଛି। ପୂର୍ବାପେକ୍ଷା ବର୍ତ୍ତମାନ ରାଜଧାନୀରେ ଗମନାଗମନ କିଛି ମାତ୍ରାରେ ସ୍ୱାଭାବିକ ସ୍ଥିତିକୁ ଆସିଛି। କାରଣ ବାତ୍ୟା ପ୍ରଭାବରେ ଭାଙ୍ଗିଯାଇଥିବା ପେଟ୍ରୋଲ ପମ୍ପରୁ ବର୍ତ୍ତମାନ କେତେକ କାର୍ଯ୍ୟକ୍ଷମ କରିବା ଆରମ୍ଭ ହୋଇଛି। ଯେଉଁସବୁ ପମ୍ପ ଖୋଲା ରହିଛି ସେସବୁ ସ୍ଥାନରେ ଲୋକମାନଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ଆଉ ବାଇକ୍, କାର୍ ଓ ଟ୍ରକ ଆଦି ଲମ୍ବା ଲାଇନରେ ପେଟ୍ରୋଲ ପମ୍ପରେ ଅପେକ୍ଷା କରି ତେଲ ପକାଇବାକୁ ବାଧ ହେଉଛନ୍ତି। କାହିଁକି ନା ଯେତିକି ଗାଡିରେ ତେଲ ପାଇଁ ପମ୍ପରେ ଆସି ପହଞ୍ଚୁଛନ୍ତି ତାଠାରୁ ଅଧିକ ହାତରେ ବୋତଲ୍ ଓ ଜାରକିନ୍ ଧରି ତେଲ ବୋହି ନେବାରେ ଲାଗିଛନ୍ତି। ସେଥିପାଇଁ ମଧ୍ୟ ଲୋକଙ୍କୁ ତେଲ ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡିଛି।

ଏହି ସମସ୍ୟା ପୁରୀରେ ଏବେ ଅଧିକ ମାତ୍ରାରେ ଅନୁଭବ ହୋଇଛି। ଗୋଟିଏ ପଟେ ପିଇବା ପାଣି, ଖାଦ୍ୟ, ବିଦ୍ୟୁତ୍ ଏବଂ



ପୁରୀ ସିଟି ରୋଡରେ ଖୋଲା ବଜାରରୁ ପେଟ୍ରୋଲ କିଣିବା ପାଇଁ ଲୋକଙ୍କ ଲମ୍ବା ଧାଡ଼ି।

ଟେଲିଫୋନ୍ ଯୋଗାଯୋଗରୁ ବଞ୍ଚିତ ଥିବାବେଳେ ପେଟ୍ରୋଲ ଓ ଡିଜେଲ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ମିଳୁନାହିଁ। ଉତ୍ତରା ଛକ ପରଠାରୁ ରାସ୍ତାରେ ଥିବା ସବୁ ପମ୍ପ ବାତ୍ୟା ପ୍ରଭାବରେ ଭାଙ୍ଗି ଚୂର୍ମାର ହୋଇଯାଇଛି। ଏହିସବୁ ପମ୍ପଗୁଡିକ କାର୍ଯ୍ୟକ୍ଷମ ହେବା ପାଇଁ ଆହୁରି କେତେଗୁଡିଏ ଦିନ ଲାଗିଯିବ ବୋଲି ସେହିସବୁ ପେଟ୍ରୋଲ ଟାଙ୍କିରେ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀ ମତ ରଖିଛନ୍ତି। ତେବେ ସୋମବାର ସୁଦ୍ଧା ପୁରୀରେ ପେଟ୍ରୋଲ ପମ୍ପରେ ତେଲ ମିଳିବ ବୋଲି ତେଲ କମ୍ପାନୀର କିଛି ଅଧିକାରୀଙ୍କ ମୁହଁରୁ ଶୁଣିବାକୁ ମିଳିଛି। ବିପିସିଏଲ୍ କମ୍ପାନୀ ରିଟେଲ୍‌ର ରାଜ୍ୟ ମୁଖ୍ୟ ଦେବାଶିଷ ପଲିତଙ୍କ ସହ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ତେଲ କେବେସୁଦ୍ଧା ସମ୍ପୂର୍ଣ୍ଣଭାବେ ଯୋଗାଯାଇ ପାରିବ ସେନେଇ ପଚାରିବାରୁ ଦେବାଶିଷ କହିଛନ୍ତି, ଭୁବନେଶ୍ୱରରେ ଯେଉଁସବୁ ପେଟ୍ରୋଲ ପମ୍ପରେ କ୍ଷୟକ୍ଷତି ହୋଇଛି ସେସବୁ ସ୍ଥାନରେ ସୋମବାର ସୁଦ୍ଧା ସବୁ ସମସ୍ୟା ଦୂର ହୋଇଯିବ। ପୁରୀ ପେଟ୍ରୋଲ ପମ୍ପଗୁଡିକ ସଜାଡିବା ଲାଗି ଏକ ବଡ ଟିମ୍‌କୁ ପଠାଯାଇଛି। ସେଠାରେ ମଧ୍ୟ କାଲି ସୁଦ୍ଧା ପେଟ୍ରୋଲ ମିଳିବ ବୋଲି ଦେବାଶିଷ ମତ ରଖିଛନ୍ତି। ଅପରପକ୍ଷରେ ଏନେଇ ଆଇଓସିଏଲ୍ ଓ ଏଚ୍‌ପିସିଏଲ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରି ନାହିଁ।

ସୂଚନାଯୋଗ୍ୟ ଯେ, ପୁରୀ ଅଞ୍ଚଳର ଲୋକମାନେ ଗତ ଦୁଇଦିନ ହୋଇଯିବ ପେଟ୍ରୋଲ ଲିଟର ୨୦୦ଟଙ୍କା ଦେଇ କିଣୁଥିବା ଜଣାପଡିଛି। ଅନ୍ୟକିଛି ଉପାୟ ନ ଥିବାରୁ ଲୋକଙ୍କୁ ପେଟ୍ରୋଲ ଲିଟର ପିଛା ତିନି ଗୁଣା ଅଧିକ ଟଙ୍କା ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଏଭଳି ଏକ ବିପଦ ସମୟରେ ଲୋକମାନେ କଳାବଜାରୀର ଶିକାର ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏନେଇ ସ୍ଥାନୀୟ କିଛି ବାସିନ୍ଦାଙ୍କ ମତାମତ ନେଇଥିଲୁ। ପୁରୀ ଜିଲା ବୀରନରସିଂହପୁର ଗ୍ରାମର ସୌମ୍ୟରଞ୍ଜନ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ଦୈନନ୍ଦିନ ଜୀବନ ପାଇଁ ଆବଶ୍ୟକ ଥିବା ସମସ୍ତ ଜିନିଷ ଲୋକଙ୍କ ପାଖରେ ନାହିଁ। ସାଧାରଣତଃ ଗାଡି ଧରି ଲୋକେ ଏବେ ନିଜ ସମସ୍ୟାର ସମାଧାନ କରିବାକୁ ଚାହୁଁଥିଲେ ମଧ୍ୟ ତାହା ହୋଇପାରୁ ନାହିଁ। ଘରୁ ବାହାରିବା ପରେ ତେଲ ମିଳିବା ଏକ ପ୍ରକାର ଅସମ୍ଭବ ହୋଇଯାଇଛି। ଯେଉଁ ସବୁ ସ୍ଥାନରେ ଦୋକାନରେ ତେଲ ମିଳୁଛି ସେଠାରେ ଲିଟର ୨୦୦ଟଙ୍କା ଅଛି ବୋଲି ସୌମ୍ୟ କହିଛନ୍ତି। ସେହିପରି ଭୁବନେଶ୍ୱର ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଆସିଥିବା ପୁରୀର ରାମଚନ୍ଦ୍ର ସାହୁ କହିଛନ୍ତି, ଆମ ଅଞ୍ଚଳରେ ଲୋକମାନେ କିଭଳି ଜୀବନ କାଟୁଛନ୍ତି ତାକୁ ଦେଖିବାକୁ ଏପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚିନାହିଁ। ଘର ଉପରେ ବଡବଡ ଗଛ ପଡି ସବୁ କ୍ଷତି କରିଦେଇଛି। ଏଠି ଲୋକଙ୍କୁ ଖୋଜି ଏସବୁ କାମ କରିବା ସମ୍ଭବପର ହେଉନାହିଁ। ଏବେ ଗାଡିରେ ପେଟ୍ରୋଲ ଫୁଲ ରହିବା ନିହାତି ଆବଶ୍ୟକ। ତେଣୁ ଲିଟର ପିଛା ତିନିରୁ ୪ଗୁଣା ଟଙ୍କା ଦେଇ ସବୁବେଳେ ପକାଇବା ସମ୍ଭବନୁହେଁ। ତେଣୁ ଏଠାରେ ତେଲ ପକାଇବା ଭଲ ବୋଲି ସେ କହିଛନ୍ତି। ରାଜଧାନୀରେ ଥିବା କିଛି ପେଟ୍ରୋଲ ପମ୍ପର କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସବୁଦିନ ଭଳି ତେଲ ଆସୁଛି। କୌଣସି ଅସୁବିଧା ନାହିଁ। ଲୋକମାନେ ବ୍ୟସ୍ତ ହୋଇ ସମସ୍ୟା ସୃଷ୍ଟି କରୁଛନ୍ତି। ବୋତଲରେ ତେଲ ଦେବାକୁ ମନା କରିଲେ ଏକାଠି ହୋଇ ଟାଙ୍କି ଭାଙ୍ଗି ଦେବାକୁ ବାହାରି ପଡୁଛନ୍ତି। ତେଣୁ ପରିସ୍ଥିତି ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରାଯାଉଛି।

(ରିପୋର୍ଟ: ସୁନୀତ୍ ମିଶ୍ର)

ପ୍ରଥମ ପୃଷ୍ଠାରୁ...

## ପାଣି ପାଇଁ...

ଶକ୍ତି ବିଭାଗ ପାଖରେ ତାହାର ଉତ୍ତର ନାହିଁ। ରେଳ ଷ୍ଟେଶନ, ବିମାନବନ୍ଦର, ଡାକ୍ତରଖାନା, ସଚିବାଳୟ ଭଳି ଜରୁରୀ ସ୍ଥାନକୁ ମଧ୍ୟ ୩ ଦିନ ପରେ ବିଦ୍ୟୁତ ସଂଯୋଗ କରାଯାଇ ପାରିନାହିଁ। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏସବୁ ସ୍ଥାନକୁ ବିଦ୍ୟୁତ ସଂଯୋଗ ହେବ ବୋଲି ଶକ୍ତି ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି।

ବାତ୍ୟା ପ୍ରଭାବିତ ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ। ବିଭିନ୍ନ ଆଶ୍ରୟସ୍ଥଳରେ ଥିବା ଲୋକମାନଙ୍କୁ ୧୫ ଦିନ ପାଇଁ ରନ୍ଧାଖାଦ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ସାମଗ୍ରିକ ରିଲିଫ, ପୁନରୁଦ୍ଧାର ଓ ଗୃହ ନିର୍ମାଣ ଦାୟିତ୍ୱ ଦିଆଯାଇଥିବା ବେଳେ ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀଙ୍କୁ ପାନୀୟଜଳ ଓ ବିଦ୍ୟୁତ ପରିବହନ ବ୍ୟବସ୍ଥା, କୃଷି ବିଭାଗ ସଚିବ ସୌରଭ ଗର୍ଗଙ୍କୁ ଅଣସରକାରୀ ସଂସ୍ଥା ଓ ଅନ୍ତର୍ଜାତୀୟ ସଂସ୍ଥା ସହ ସମନ୍ୱୟ ରକ୍ଷା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବଙ୍କୁ ଗଣମାଧ୍ୟମ ଓ ସାମଗ୍ରିକ ପରିବହନ ଦାୟିତ୍ୱ ପ୍ରଦାନ କରାଯାଇଛି।


ମୁଖ୍ୟମନ୍ତ୍ରୀ ରବିବାର ଅପରାହ୍ନରେ ବାତ୍ୟା ପ୍ରଭାବିତ ପୁରୀ ସହର ପରିଦର୍ଶନ କରିଥିଲେ। ସର୍ବାଧିକ କ୍ଷତିଗ୍ରସ୍ତ ପେଣ୍ଠକଟା ଅଞ୍ଚଳ ବୁଲି ଦେଖିବା ସହ ବିପନ୍ନ ଲୋକଙ୍କ ସହିତ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପେଣ୍ଠକଟା କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ ଓ ସହାୟତା ବାବଦରେ ମୁଖ୍ୟମନ୍ତ୍ରୀ ୫୦ କେଜିଚାଉଳ ଓ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ବିପନ୍ନ ଅଞ୍ଚଳରେ ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ ପୁନଃ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପୁରୀ ସହରରେ ବାତ୍ୟାର ୪୮ ଘଣ୍ଟା ମଧ୍ୟରେ ୭୫ ପ୍ରତିଶତ ଅଞ୍ଚଳରେ ପାଇପ ପାଣି ଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର କରାଯାଇଥିବା ବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ୯୦ ପ୍ରତିଶତ ଅଞ୍ଚଳକୁ ପାଇପ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ କେନ୍ଦ୍ର ସରକାରଙ୍କଠାରୁ କୌଣସି ସହାୟତା ମିଳି ନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେପ୍ରଧାନମନ୍ତ୍ରୀନରେନ୍ଦ୍ରମୋଦିସୋମବାରପୂର୍ବାହ୍ନରେବାତ୍ୟାକ୍ଷତିଗ୍ରସ୍ତଅଞ୍ଚଳଆକାଶମାର୍ଗରୁ ପରିଦର୍ଶନ କରିବେ। ସେ ରାଜଭବନଠାରେ ବାତ୍ୟା କ୍ଷୟକ୍ଷତି ନେଇ ସମୀକ୍ଷା କରିବେ ବୋଲି ଜଣାପଡିଛି।

ସେସୁ ଅଧୀନ ଭୁବନେଶ୍ୱରରେ ୨୯ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ପ୍ରାୟ ୧.୫୬ ଲକ୍ଷ ବିଦ୍ୟୁତ ଖୁଣ୍ଟ ଭାଙ୍ଗିପଡ଼ିଛି। ବିଦ୍ୟୁତ ବ୍ୟବସ୍ଥାର ପୁନରୁଦ୍ଧାର କରିବାକୁ ଭୁବନେଶ୍ୱରରେ ୪ ହଜାର ୫୦୦ କର୍ମଚାରୀ ନିୟୋଜିତ ଅଛନ୍ତି। ରବିବାର ରାତିସୁଦ୍ଧା ସହରର ୧୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ଶକ୍ତି ସଚିବ ସୂଚନା ଦେଇଛନ୍ତି। ଏବେ ସୁଦ୍ଧା ୮ଟିରୁ ୨ଟି ଗ୍ରୀଡ୍ କାର୍ଯ୍ୟକ୍ଷମ ହୋଇଥିବା ସେ କହିଛନ୍ତି।

# ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପରଲୋକ

ଆସିକା,୫।୫(ଡି.ଏନ୍.ଏ.)



ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଆସିକା ଏମ୍‌ପି, ବିଧାୟକ, ଆଇନଜୀବୀ ତଥା ବିଶିଷ୍ଟ ଶ୍ରମିକ ଓ ଚାଷୀ ସଂଗଠକ ଦ୍ୱିତୀକୃଷ୍ଣ ପଣ୍ଡାଙ୍କର ରବିବାର ଭୋରରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା। କିଡ୍‌ନୀ ସମସ୍ୟା ଦେଖାଦେବାରୁ ଗତ ୨୪ ତାରିଖରେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ଆସିକାରେ ତାଙ୍କ ମରଶରୀର ପହଞ୍ଚିଥିଲା। ବିଜୁ ପଟ୍ଟନାୟକ ଛକଠାରେ ଶବାଧାରରେ ବିଭିନ୍ନ ବ୍ୟକ୍ତି ମାଲ୍ୟାର୍ପଣ କରିବା ପରେ କାଳଷଣ୍ଢପୁର ଗ୍ରାମ, ଆସିକା ସହର ଓ ଦ୍ୱିତୀକୃଷ୍ଣଙ୍କ ପୈତୃକ ଗ୍ରାମ ଆସିକା ନିକଟସ୍ଥ ଜୟପୁର ଗ୍ରାମ ପରିକ୍ରମା ପରେ ପୁଣ୍ଡୁଗେଶ୍ୱରପଲ୍ଲୀସ୍ଥିତ ଋଷିକୁଲ୍ୟା ଓ ବଡନଦୀର ସଙ୍ଗମସ୍ଥଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

୧୯୨୩ରେ ଜନ୍ମିତ ଦ୍ୱିତୀକୃଷ୍ଣ ଛାତ୍ରବସ୍ଥା ତଥା ୧୯୪୩ ମସିହାରୁ ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ନିଜକୁ ସମର୍ପିତ କରିଥିଲେ। ୧୯୭୧ରେ ସେ ଆସିକା ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦ ନିର୍ବାଚନରେ ଆସିକା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବାମପନ୍ଥୀ ଚିନ୍ତାଧାରାରେ ଆସ୍ଥା ପ୍ରକଟ କରି ସେହି ଦଳରେ ରାଜନୈତିକ ଜୀବନ ଅତିବାହିତ କରିଥିଲେ। ରାଜନୈତିକ ଜୀବନକାଳ ମଧ୍ୟରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଦେଶ ଗସ୍ତ କରି ଚାଷୀ, ଶ୍ରମିକଙ୍କ ସମସ୍ୟା ସମ୍ପର୍କିତ ବିଭିନ୍ନ ଆଲୋଚନା ଚକ୍ରରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଦ୍ୱାରା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ମଧ୍ୟ ରଚନା କରାଯାଇଛି। ସାରା ଜୀବନ କମ୍ୟୁନିଷ୍ଟ ପାର୍ଟିରେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ରହି ଆସିଥିବା ସ୍ୱର୍ଗତ ପଣ୍ଡା ବହୁବର୍ଷ ଧରି ଏଆଇଟିୟୁସି ରାଜ୍ୟ ସମ୍ପାଦକ, କେନ୍ଦ୍ରୀୟ ଉପସଭାପତି, ଆଖୁଚାଷୀ ସଂଘ ସର୍ବଭାରତୀୟ ଉପ ସଭାପତି, ଆସିକା ଓକିଲ ସଂଘ ସଭାପତି ଓ ଶ୍ରମିକ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ରହିଥିଲେ। ଜୟପୁରରେ ବାପା ଗୌରାଙ୍ଗ ପଣ୍ଡାଙ୍କ ନାମରେ ଏକ ପାଠାଗାର ସ୍ଥାପନ କରିଥିଲେ। ଓକିଲାତି ପେସାରୁ ଦୂରେଇବା ପରେ ନିଜର ସମସ୍ତ ଆଇନ ବହିପତ୍ର ଓ ୧ଲକ୍ଷ ଟଙ୍କା ଆସିକା ଓକିଲ ସଂଘକୁ ଦାନ କରି ଏକ ପାଠାଗାର ମଧ୍ୟ ସ୍ଥାପନା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗଞ୍ଜାମ ଜିଲା ଆଖୁଚାଷୀ ସଂଘ ସମ୍ପାଦକ ସମୀର ପ୍ରଧାନ ଓ ପୂର୍ବତନ ଏମ୍‌ପି ରେଣୁବାଳା ପ୍ରଧାନ ବିଜୁ ପଟ୍ଟନାୟକ ଛକଠାରେ ଦ୍ୱିତୀକୃଷ୍ଣଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଆସିକା ଓକିଲ ସଂଘ ପକ୍ଷରୁ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶୋଭାଯାତ୍ରାରେ ଏଆଇଟିୟୁସିର ବରିଷ୍ଠ ନେତା ରାମକୃଷ୍ଣ ପଣ୍ଡା, ଏଆଇଟିୟୁସି ରାଜ୍ୟ ସମ୍ପାଦକ ସୌରୀବନ୍ଧୁ କର, ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ପାଟ୍ଟଯୋଶୀ, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଦେବହରି ମହାନ୍ତି, ପୀତବାସ ମହାପାତ୍ର, ଲଳିତ ଦାସ, ସନ୍ତୋଷ କୁମାର ପାଣିଗ୍ରାହୀ, ନାରାୟଣ ଜେନା, ପ୍ରବୀଣ ଦାସ, ସୁଦର୍ଶନ ସ୍ୱାଇଁ, କୈଳାସ ପାତ୍ର ଓ ବିଦେଶୀ ନାହାକଙ୍କ ସମେତ ବହୁ କମ୍ୟୁନିଷ୍ଟ କର୍ମୀ ସାମିଲ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବନ୍ଧୁମେଳରେ କଥା କହିବାରେ କଠୋରତା କାରଣରୁ କଳହର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। କିନ୍ତୁ ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ଲାଭ ପାଇଁ ଚିନ୍ତା ବଢ଼ିପାରେ।

**ବୃଷ** ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ଅଶାନ୍ତି ସୃଷ୍ଟିର ମୁଖ୍ୟ କାରଣ ପାଲଟିଯିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାଖ ପଡ଼ୋଶୀଙ୍କଠାରୁ ଅର୍ଥ ସାହାଯ୍ୟ ପାଇ କାମ ହାସଲ କରିବେ।

**ମିଥୁନ** ମନରେ ବିଭିନ୍ନ ପ୍ରକାର କଳ୍ପନାର ରଙ୍ଗିନ ପ୍ରତିଛବି ଉଙ୍କି ମାରିପାରେ। ବ୍ୟବସାୟକୁ ନୂତନ ରୂପ ଦେବାର ପରିକଳ୍ପନା କରି ତଦନୁଯାୟୀ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଆର୍ଥିକ ଓ ବାଚନିକ ସାହାଯ୍ୟ କରିବେ। କଳା,ସାହିତ୍ୟରେ ଉନ୍ନତି କରିବେ ଓ ସମସ୍ୟା ସମାଧାନ ଦିଗରେ ଚେଷ୍ଟିତ ମଧ୍ୟ ହେବେ।

**କର୍କଟ** ଦୀର୍ଘଦିନର ପ୍ରତୀକ୍ଷା ପରେ କୌଣସି ସୂଚନା ଲାଭ କରି ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। ଭୁଲ୍ ବୁଝାମଣା ହେତୁ ସାଧାରଣ କଥାକୁ ନେଇ ପରିବାରରେ କଥା କଟାକଟି ଓ ଟଣାଓଟରା ଦେଖା ଦେଇପାରେ। ପ୍ରକାଶନ, ପ୍ରଶାସନ, ରାଜନୀତି, ଆଇନ, ଅଦାଲତ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗ ପାଇ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ପରିବାରରେ ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଅଫିସ୍‌ରେ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ସାୟାହ୍ନେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ପରିସ୍ଥିତିକୁ ସରଗରମ କରି ରଖିବ। ଅବଶ୍ୟ ହସ୍ତା ନକ୍ଷତ୍ର ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁମାନଙ୍କ ସହ ପୂର୍ବ ଆଲୋଚନା ପ୍ରକାରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ବହୁ ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଆତ୍ମୀୟମାନଙ୍କଠାରୁ ସାହାଯ୍ୟ,ସହଯୋଗ ସହିତ ସ୍ନେହ ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା** ମାନସିକ ସ୍ତରରେ ପ୍ରବଳ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, କଳା, କ୍ରୀଡ଼ା, କୀର୍ତ୍ତନ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ହଠାତ୍ ବହୁତ୍ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ** ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। କେତେକ କ୍ଷେତ୍ରରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅସଫଳତାକୁ କେନ୍ଦ୍ର କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ଅବଶ୍ୟ ଘଟିବ।

**ମକର** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ମଧ୍ୟ ବିଚଳିତ ହୋଇପାରନ୍ତି। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ସାମାଜିକ ସ୍ତରରେ ଯାହା କହିବେ ଅଳ୍ପ କହିବେ କିନ୍ତୁ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକି ଆଣିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡି ଚାଲନ୍ତୁ, ନିଶ୍ଚିତ ସଫଳତା ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ** ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ ହୋଇପାରନ୍ତି। ସାମୟିକ ଅସୁସ୍ଥତା କାରଣରୁ ସ୍ୱାଭାବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ବୈଶାଖ ଶୁକ୍ଳ ଦ୍ୱିତୀୟା ସୋମବାର, ମେ ୬ ତାରିଖ, ରାଶି ନକ୍ଷତ୍ର- କୃତିକା/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ୬।୪୬ମି. ମଧ୍ୟେ, ଘ୧।୨୪ମି. ଗତେ ଘ୩।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୪ମି. ଗତେ ଘ୧୦।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୫୨ମି. ଗତେ ଘ୩।୩୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୬।୫୪ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

real estate

SALE

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12389

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି– 450/-, 650/-. 9438823759, 9937922999. D-66369

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

4BHK Duplex at Balianta with gated community (Land- 1400, construction-2200 @ 55lakh and 2600 @ 65 lakh) Residential land at Hanspal @ 1650 Pahala @ 1400, Balianta @ 850, Malipada @ 1000, Tamando @ 1000, Infovally @ 950. Contact- Mplanets: 9938219397, 9861022055. D-12431

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

3 bedroom flat=35 lakhs at Bhubaneswar, gated community, genuine buyers directly contact Deepak: 9937329999. D-66230

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304.D-66509

Newly opening ayurvedic body massage smart therapist, Shree herbal. 7750020754.D-66513

Full body massage with refreshment, expert therapist: 7381239385, 0674-2540855. D-66510

Herbal full body massage by smart/expert therapist. Contact: 8338067247. D-66512

Experience full body massage with us (expert). Call: 7377048581, 0674-2597822. D-66511

Summer special mesmerizing offer expert therapeutic refreshing massage appointment. 9668374480. D-66514

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୬ ମେ ୨୦୧୯



## ସଂକ୍ଷେପରେ

### ତାମିଲନାଡୁ, ଉତ୍ତରପ୍ରଦେଶର ସହାୟତା ଘୋଷଣା

ଚେନ୍ନାଇ,୫।୫(ପି.ଟି.): ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ରବିବାର ଫନୀ ବିଧ୍ୱସ୍ତ ଓଡ଼ିଶାରେ ରିଲିଫ ଓ ଥଇଥାନ ପାଇଁ ୧୦କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏଥିଯୋଗୁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ମଧ୍ୟ ସେ ସମବେଦନା ଜ୍ଞାପନ କରିଛନ୍ତି। ଉତ୍ତରପ୍ରଦେଶ ସରକାର ମଧ୍ୟ ବାତ୍ୟାବିଧ୍ୱସ୍ତ ଓଡ଼ିଶାକୁ ଅନୁରୂପ ସହାୟତା ଘୋଷଣା କରିଛନ୍ତି। ୟୁପି ସରକାରଙ୍କ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓଡ଼ିଶାର ବାତ୍ୟାବିପନ୍ନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦କୋଟି ଟଙ୍କାର ଜରୁରିକାଳୀନ ସହାୟତା ଘୋଷଣା କରିଛନ୍ତି।

### ଘାଟିରେ ଓଲଟିଲା ମିନିବସ୍: ୧୩ ଆହତ, ୩ ଗୁରୁତର

ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୫।୫: ନୟାଗଡ଼ ଜିଲା ରଣପୁର ଥାନା କୋଟଗଡ଼ ଘାଟିରେ ରବିବାର ଅପରାହ୍ନ ୪ଟାରେ ଏକ ମିନିବସ୍ ଓଲଟି ୧୩ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଦଳେଇସାହିର ଜମେଶ୍ୱର ମହାରଣା, ବଡ଼ବେରଣାର ଅମ୍ଳାନ ଦାସ, ସୁଶାନ୍ତ କୁମାର ଦାସ, ନୂଆଗାଁର କମଳା ଦେଈ, ବୃନ୍ଦାବନପୁରର ପୂର୍ଣ୍ଣଚନ୍ଦ୍ର ମିଶ୍ର, ରାଜସୁନାଖଳାର ବନି ମଲ୍ଲିକ, ବୋଲଗଡ଼ର ବିନୋଦିନୀ ସାହୁ, ବସୁଦିଆର ବିଶ୍ୱନାଥ ସେଠୀ, କାଳୁପଡ଼ାର ଗଙ୍ଗାଧର ବାରିକ, ଭୁବନେଶ୍ୱରର ପାୟଲ ପଟ୍ଟନାୟକ, ବଡ଼ପୁରର ଲେଖନ ପ୍ରଧାନ, କଣ୍ଟିଆର ଗଦାଧର ପ୍ରଧାନ ଓ ଉଦୟଗିରିର ପ୍ରହ୍ଲାଦ କଳାକାର। ଘଟଣାରୁ ପ୍ରକାଶ ଯେ, ଉଗ୍ରତାରା ନାମକ ମିନିବସ୍ (ଓଆର୦୨ଏକ୍ସ-୦୩୭୫) ପ୍ରାୟ ୫୦ ଜଣ ଯାତ୍ରୀଙ୍କୁ ନେଇ ରାଜସୁନାଖଳାରୁ ଚାନ୍ଦପୁର ଅଭିମୁଖେ ଯାଉଥିଲା। କୋଟଗଡ଼ ଘାଟିଠାରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ବସ୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ଯାତ୍ରୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏମାନଙ୍କ ମଧ୍ୟରୁ ଅମ୍ଳାନ, ପ୍ରହ୍ଲାଦ ଓ ପୂର୍ଣ୍ଣଚନ୍ଦ୍ର ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ପୁରୀ ଗ୍ରାମାଞ୍ଚଳରେ ଫନୀ କୋପ ଗମ୍ଭୀର

- ଅସ୍ତରଙ୍ଗ, କାକଟପୁର ବ୍ଲକର ପାନବରଜ ଚାଷୀ ପ୍ରଭାବିତ
- ଆକଳନ ପାଇଁ ପହଞ୍ଚିନି ପ୍ରଶାସନ, ଲୋକେ ଅସନ୍ତୁଷ୍ଟ

ଭୁବନେଶ୍ୱର,୫।୫(ବ୍ୟୁରୋ)


ବାତ୍ୟାରେ ପାନବରଜ ଶୋଇପଡ଼ିଛି।

ସାମୁଦ୍ରିକ ଝଡ଼ ଫନୀର ପ୍ରକୋପରେ ସମଗ୍ର ପୁରୀ ଜିଲା ଛାରଖାର ହୋଇଛି। କାକଟପୁର, କୋଣାର୍କଏନ୍‌ଏସି, ଅର୍କକ୍ଷେତ୍ର ଆଖପାଖ ଗ୍ରାମାଞ୍ଚଳ, ଗୋପ, ନିମାପଡା ଏବଂ ଅସ୍ତରଙ୍ଗ ଅଞ୍ଚଳରେ ଫନୀର କୋପ ଦେଖିବାକୁ ମିଳିଛି। ଅସ୍ତରଙ୍ଗ ଅଞ୍ଚଳରେ ଅନ୍ୟ ଅଞ୍ଚଳ ଅପେକ୍ଷା ବୃକ୍ଷ ନଷ୍ଟ କମ୍ ରହିଛି, ହେଲେ ଏହି ଅଞ୍ଚଳରେ ଥିବା ପ୍ରାୟ ସମସ୍ତ ପାନ ବରଜ ଧ୍ୱଂସ ପ୍ରାୟ ହୋଇଛି। ଟିଣ ଚଦର, କଚ୍ଚା ଘର, ମାଟି କାନ୍ଥ, ଆଜବେଷ୍ଟସ ଘର ଧ୍ୱଂସ ପାଇଛି। ଫନୀ କରାଳ ରୂପ ଉପକୂଳ ଛାଡିବାର ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହୋଇଗଲାଣି, ହେଲେ ପ୍ରଶାସନ କ୍ଷୟକ୍ଷତି ଆକଳନ କରିବା ପାଇଁ ଏଯାଏଁ ପହଞ୍ଚିନାହିଁ।

ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଞ୍ଚାୟତର ବିଲ ଆମ୍ବୁଲି ଗାଁର ଗଗନ କାଣ୍ଡି କହିଛନ୍ତି ଯେ, ତାଙ୍କର କଚ୍ଚାଘର ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ବାତ୍ୟା ଯିବାର ୩ ଦିନ ବିତିଥିଲେ ବି ତହସିଲଦାର, ବିଡିଓ କିମ୍ବା କୌଣସି ସରକାରୀ ବାବୁଙ୍କ ଦେଖା ମିଳିନାହିଁ। ଭୁବନେଶ୍ୱର କିମ୍ବା ନୂଆଦିଲ୍ଲୀରେ କରାଯାଇଥିବା ଘୋଷଣା ଆମ ପାଖରେ ନ ପହଞ୍ଚିଲେ, ତାହାର ମୂଲ୍ୟ କ’ଣ ବୋଲି ଗଗନ କାଣ୍ଡି କହିଛନ୍ତି। ଗଗନ ମୂଲ ଲାଗି ଚଳୁଛନ୍ତି, ତାଙ୍କ ଘରେ ସ୍ତ୍ରୀ, ୨ ପୁଅ, ଗୋଟିଏ ଝିଅ ଅଛନ୍ତି। ତେଣୁ ଉପଯୁକ୍ତ ସମୟରେ ତାଙ୍କ ପାଖରେ ସହାୟତା ନ ପହଞ୍ଚିଲେ, ସେ ଅସୁବିଧା ଭୋଗିବେ ବୋଲି ଗଗନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେହି ଗାଁର ବସନ୍ତ କାଣ୍ଡି, ନିତେଇ କାଣ୍ଡି ଏବଂ ସୁଶାନ୍ତ ରାଉତଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅସ୍ତରଙ୍ଗ ଏବଂ କାକଟପୁର ବ୍ଲକର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଧାନ, ପାନ, ମୀନ ହିଁ ସ୍ଥାନୀୟ ଅଞ୍ଚଳର ମୂଳ ଆୟପନ୍ଥା। ମୋଟ ଜନସଂଖ୍ୟାର ଏକ କ୍ଷୁଦ୍ର ଭାଗ ବ୍ୟକ୍ତିବିଶେଷ ବ୍ୟବସାୟ ସହ ଚାକିରି କରିଥାଆନ୍ତି। ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି ଜନୈକ ପାନବରଜ ଚାଷୀଙ୍କୁ ଧରିତ୍ରୀ ପକ୍ଷରୁ ଭେଟିଥିଲୁ। କାକଟପୁର ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଟି ପଞ୍ଚାୟତର ଜିଉନ୍ତି ଗାଁର ଅମରେଶ୍ୱର ସ୍ୱାଇଁ ପାନବରଜ ଉପରେ ନିର୍ଭରଶୀଳ। ତାଙ୍କ ପାନବରଜ ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। ତାଙ୍କର ବ୍ୟକ୍ତିଗତ ଆକଳନ ଅନୁଯାୟୀ ବାତ୍ୟା ଯୋଗୁ ତାଙ୍କର ସର୍ବନିମ୍ନ ୧୮ରୁ ୨୫ ହଜାର ଟଙ୍କା କ୍ଷୟକ୍ଷତି ହେବ। ଯିଏ ଯେତେ ଅଧିକ ବରଜ କରିଥିବ, ତାହାର ସେତେ କ୍ଷତି । ବ୍ୟକ୍ତିବିଶେଷ ପିଛା କ୍ଷତିର ପରିମାଣ ସର୍ବନିମ୍ନ ୨୫ ହଜାରରୁ ଆରମ୍ଭ କରି ଦେଢ ଲକ୍ଷ ଟଙ୍କା ହେବ। ସ୍ଥାନୀୟ ଅଞ୍ଚଳର ଜନୈକ ବରିଷ୍ଠ ବ୍ୟକ୍ତି ବୃନ୍ଦାବନ ସ୍ୱାଇଁଙ୍କ କହିବାନୁଯାୟୀ, ପାନବରଜ ଛିଡା କରିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ। ୨୦ ବର୍ଷ ପୂର୍ବେ ଯେଉଁ ମଜୁରିଆ ମିଳୁଥିଲେ, ସେଭଳି କୁଶଳୀ ମଜୁରିଆ ଆଉ ମିଳୁନାହାନ୍ତି। ତେଣୁ ଫନୀ ପାନଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି, ସେମାନଙ୍କୁ ତୁରନ୍ତ ସହାୟତା ମିଳିବା ଆବଶ୍ୟକ ବୋଲି ବୃନ୍ଦାବନ କହିଛନ୍ତି। ଅପରପକ୍ଷରେ କାକଟପୁର ଯୁବକ ଜଗଜ୍ଜୀବନ ସ୍ୱାଇଁ କହିଛନ୍ତି ଯେ, ଧାନ ଫସଲ ନଷ୍ଟ କିମ୍ବା କୌଣସି ଗୃହପାଳିତ ପଶୁଙ୍କ ଜୀବନହାନି ହେଲେ ସହାୟତା ଦିଆଯାଉଛି। ଏହାର କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ଗାଇଡ୍ ଲାଇନ ରହିଛି। ତେଣୁ ଏକର କିମ୍ବା ସଂଖ୍ୟା ପିଛା ସହାୟତା ରାଶି ପ୍ରଦାନ କରାଯାଇପାରୁଛି। ସେହି ସମାନ ପଦ୍ଧତି ପାନଚାଷୀଙ୍କ ପାଇଁ ସବୁଦିନିଆ କରାଗଲେ, ଚାଷୀ ତାହାର ପ୍ରକୃତ ମୂଲ୍ୟ ପାଇପାରନ୍ତା ବୋଲି ଜଗଜ୍ଜୀବନ କହିଛନ୍ତି।

–ରିପୋର୍ଟ: ଚିଦାନନ୍ଦ ଜେନା

### ପରଦାକୁ ଆସିବ ‘ଗଦର’ ଫିଲ୍ମର ସିକ୍ୱେଲ

**ମୁମ୍ବାଇ:** ବଲିଉଡ ଅଭିନେତା ସନି ଦେଓଲଙ୍କ ଅଭିନୀତ ୨୦୦୧ର ବ୍ଲକ୍‌ବଷ୍ଟର ଫିଲ୍ମ ‘ଗଦର: ଏକ୍ ପ୍ରେମ କଥା’ର ସିକ୍ୱେଲ ପରଦାକୁ ଆସିବ। ଭାରତ-ପାକିସ୍ତାନ ସମ୍ପର୍କକୁ ଆଧାର କରି ଗଢ଼ିଉଠିଥିବା କାହାଣୀର ଦ୍ୱିତୀୟ ଭାଗ ଆରମ୍ଭ ହେବ। ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଗଦର ଫିଲ୍ମ ସବୁଠୁ ଅଧିକ ଆୟ କରିଥିଲା। ଉକ୍ତ ଫିଲ୍ମ ନିର୍ମାଣ ପାଇଁ ୧୭କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା ୨୫୬ କୋଟି ଟଙ୍କା ଆୟ କରିପାରିଥିଲା।

ଫିଲ୍ମ ପ୍ରଯୋଜନା ସଂସ୍ଥା ସହ ଜଡ଼ିତ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗଦର(ଦ୍ୱିତୀୟ ଭାଗ) କାହାଣୀରେ ରହିବେ ତାରା(ସନି), ଶାକିନା(ଅମୀଷା ପଟେଲ) ଏବଂ ଜିତ୍ (ସେମାନଙ୍କ ପୁଅ)। ବର୍ତ୍ତମାନର ଭାରତ-ପାକିସ୍ତାନ ସମ୍ପର୍କକୁ ନେଇ ଏହା ଗଢ଼ିଉଠିବ। ‘ବାହୁବଳୀ’, ‘ରାମ୍ବୋ’ ଏବଂ ‘ଫାଷ୍ଟ ଆଣ୍ଡ ଫ୍ୟୁରିୟସ୍’ର କାହାଣୀ ଭଳି ଏହା ନିର୍ମାଣ ହେବ। ସନି ଓ ଅନିଲଙ୍କ ଅଭିନୀତ ୨୦୦୯ର ଆଉ ଏକ ହିଟ୍ ଫିଲ୍ମ ‘ଅପ୍‌ନେ’ର ସିକ୍ୱେଲ୍ ପାଇଁ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏଥିରେ ଅଛନ୍ତି ୩ ଦେଓଲ-ସନି, ବବି ଏବଂ ଧର୍ମେନ୍ଦ୍ର।

## ରାସ୍ତା କଡ଼କୁ ମାଡ଼ିଗଲା ମାଲବାହୀ ଟ୍ରେନ ଇଞ୍ଜିନ



ଲାଇନ୍‌ଚ୍ୟୁତ ହୋଇଥିବା ଟ୍ରେନ ଇଞ୍ଜିନ୍।

ମାଲକାନଗିରି,୫।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବାଚେଲି ଅଞ୍ଚଳରେ ରବିବାର ଏକ ମାଲବାହୀ ଟ୍ରେନ ଇଞ୍ଜିନ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାସ୍ତା କଡରେ ଥିବା ଏକ ଭବନ ଉପରେ ଲାଇନ୍‌ଚ୍ୟୁତ ହୋଇ ଟ୍ରେନଟି ଚଢି ଯାଇଥିଲା । ବଚେଲିଠାରୁ ବିଶାଖାପାଟଣା ଯାଉଥିବା ଏହି ଟ୍ରେନ୍‌ଟି ଆଇ.ଏଚ. ରାସ୍ତା ନିକଟରେ ଥିବା ଭବନ ଉପରେ ଚଢି ଯାଇ ଲାଇନଚ୍ୟୁତ ହୋଇଥିଲା। ଫଳରେ ଏହାର ୨ଟି ଇଞ୍ଜିନ ଘର ଉପରେ ଚଢିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଜଗଦଲପୁରରୁ ଏକ ସ୍ୱତନ୍ତ୍ରଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଦିବ୍ୟାଙ୍ଗ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର,୫।୫(ବ୍ୟୁରୋ)

ହୁଇଲ୍ ଚେୟାରରେ ଥାଇ ବି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଆଇନ ବିଷୟରେ ଭାରତରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହାସଲ କରିଛନ୍ତି ଓଡ଼ିଶା ଜନ୍ମିତ କେଶବ ଚନ୍ଦ୍ର ପୃଷ୍ଟି। ଜନ୍ମରୁ ପେରାପ୍ଲେଜିଆ ରୋଗରେ ଆକ୍ରାନ୍ତ କେଶବ କଥା କହିବା, ଚାଲିବା ଏବଂ ଲେଖିବାରେ ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ ତାଙ୍କର ଇଚ୍ଛାଶକ୍ତି, ଅଧ୍ୟବସାୟ, ନିଷ୍ଠା ଓ ଏକାଗ୍ରତା ଆଗରେ ଆଜି ସବୁକିଛି ହାର୍‌ମାନିଛି। ଅନେକ ପ୍ରତିବନ୍ଧକ ସତ୍ତ୍ୱେ ନିକଟରେ ପ୍ରକାଶ ପାଇଥିବା ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କେବଳ ସଫଳତାର ସହ କୃତକାର୍ଯ୍ୟ ହୋଇନାହାନ୍ତି, ବରଂ ସେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଦିଲ୍ଲୀର ସଂସ୍କୃତି ସ୍କୁଲର ଛାତ୍ର କେଶବ ହୁଇଲ୍ ଚେୟାରରେ ଚଳପ୍ରଚଳ କରି ପରୀକ୍ଷାରେ ୯୬.୫ ପ୍ରତିଶତ ନମ୍ବର ରଖିଛନ୍ତି। କେବଳ ଏତିକି ନୁହେଁ, ଆଇନ ବିଷୟରେ ସେ ଦେଶରେ ସର୍ବାଧିକ ନମ୍ବର ରଖି ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଭବିଷ୍ୟତରେ ଜଣେ ବିଚାରପତି ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଦିବ୍ୟାଙ୍ଗମାନଙ୍କୁ ନ୍ୟାୟ ଦେବା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଯାଜପୁର ଜିଲା ଦଶରଥପୁର ଗାଁର କେଶବଙ୍କ ବାପା ଭାରତୀୟ ରାଜସ୍ୱ ସେବାର ଜଣେ ଅଧିକାରୀ ଓ ମା’ ଜଣେ ଗୃହିଣୀ। ନିଜର ଏହି ସଫଳତା ପାଇଁ ସେ ମା’ଙ୍କୁ ଶ୍ରେୟ ଦେଇଥିବା ବେଳେ ବାପା ଓ ଗୁରୁଜନମାନଙ୍କ ଆଶୀର୍ବାଦ ତାଙ୍କୁ ଏଭଳି ସ୍ଥାନରେ ପହଞ୍ଚାଇଛି ବୋଲି କହିଛନ୍ତି।


ପରିବାର ସହ କେଶବ।

- ବାତ୍ୟା ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

# ଘର ସମ୍ପୂର୍ଣ୍ଣ ଭାଙ୍ଗିଥିଲେ ମିଳିବ ୯୫ ହଜାର

**ପୁରୀ ଜିଲାର କ୍ଷତିଗ୍ରସ୍ତ ପରିବାରକୁ ଅତିରିକ୍ତ ୫୦ କିଲୋ ଚାଉଳ, ୨ ହଜାର ଟଙ୍କା, ପଲିଥିନ**

ଭୁବନେଶ୍ୱର, ୫।୫(ବ୍ୟୁରୋ)

ବାତ୍ୟା ‘ଫନୀ’ରେ କ୍ଷତିଗ୍ରସ୍ତ ପ୍ରତ୍ୟେକ ଜିଲାକୁ ଗୋଟିଏ ମାସ ଅଧିକ ଭତ୍ତା ପ୍ରଦାନ କରାଯିବା ସହ ରିଲିଫ କୋଡ୍ ଅନୁଯାୟୀ ଗୃହ ନିର୍ମାଣ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଘୋଷଣା କରିଛନ୍ତି। ସମ୍ପୂର୍ଣ୍ଣ ଭାଙ୍ଗିଥିବା ଘରକୁ ୯୫,୧୦୦ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରାଯାଇଥିବା ବେଳେ ଆଂଶିକ କ୍ଷତିଗ୍ରସ୍ତ ପାଇଁ ୫,୨୦୦ ଏବଂ ଅଳ୍ପ କ୍ଷତି ହୋଇଥିବା ଘରକୁ ୩,୨୦୦ ଟଙ୍କା ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଘରଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟ ଗୃହ ନିର୍ମାଣ ଯୋଜନାରେ ପୁନଃନିର୍ମାଣ କରାଯିବ। ପୁରୀ ଏବଂ ଖୋର୍ଦ୍ଧା ଜିଲାର ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ପରିବାରଗୁଡିକୁ ୫୦ କିଲୋ ଚାଉଳ, ୨ ହଜାର ଟଙ୍କା ଏବଂ ପଲିଥିନ ପ୍ରଦାନ କରାଯିବ। ସେହିପରି ଖୋର୍ଦ୍ଧା ଜିଲାର ଖାଦ୍ୟ ସୁରକ୍ଷା ଯୋଜନାରେ ଥିବା ପରିବାରଗୁଡିକୁ ଗୋଟିଏ ମାସର ଅତିରିକ୍ତ ଚାଉଳ ସହ ୧ ହଜାର ଟଙ୍କା ଓ ପଲିଥିନ, କଟକ, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର ଜିଲାର ପ୍ରଭାବିତ ଖାଦ୍ୟ ସୁରକ୍ଷା ଯୋଜନାରେ ଥିବା ପରିବାରଗୁଡିକୁ ଗୋଟିଏ ମାସର ଅଧିକ ଚାଉଳ ସହ ୫୦୦ ଟଙ୍କା ଓ ପଲିଥିନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କୃଷି, ଉଦ୍ୟାନ କୃଷି, ପ୍ରାଣିସମ୍ପଦ, ସସ୍ୟସମ୍ପଦ ଆଦିର କ୍ଷୟକ୍ଷତିକୁ ରିଲିଫ କୋର୍ଡ ଅନୁଯାୟୀ ଭରଣା କରାଯିବ । ରିଲିଫ ଏବଂ ଥଇଥାନ ପରେ ମିଶନ ମୁଡରେ ବନୀକରଣ କାର୍ଯ୍ୟକ୍ରମକୁ ହାତକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟାରେ ୧୪୫ଟି ବ୍ଲକର ୧୫ ହଜାର ୮୪୬ ଗ୍ରାମ ଓ ୫୧ଟି ପୌରାଞ୍ଚଳର ଦେଢ଼କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ୩ ଲକ୍ଷ ୩୨ ହଜାର ୫୭୦ ଘର ନଷ୍ଟ ହୋଇଛି। ୧୭ ହଜାର ୨୮୦ ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଲକ୍ଷ ୬୩ ହଜାର ୯୪୫ ଲୋକଙ୍କୁ ସହାୟତା ପ୍ରଦାନ କରାଯାଉଛି। ୧୫ ହଜାର ୧୭୯ ଆଶ୍ରୟ ସ୍ଥଳରେ ବିପନ୍ନ ଲୋକମାନଙ୍କୁ ରଖାଯାଇଛି। ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ରାଜ୍ୟ ସରକାର ସହାୟତା ଘୋଷଣା କରିଛନ୍ତି।

ବାତ୍ୟା ମାଡ଼ରେ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବେସରକାରୀ ଭାବେ ମୃତ୍ୟୁସଂଖ୍ୟା ୬୬ରେ ପହଞ୍ଚିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀରେ ୩୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଭୁବନେଶ୍ୱରରେ ୧୨ , ବାରିପଦାରେ ୪ , ଯାଜପୁର ୫, ବାଲେଶ୍ୱରରେ ୧, କେନ୍ଦ୍ରାପଡାରେ ୩, ନୟାଗଡରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ବହୁ ଲୋକ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମାତ୍ର ସରକାରୀ ଭାବେ ବାତ୍ୟାରେ ମୃତ୍ୟୁସଂଖ୍ୟା ୩୨ ହୋଇଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

- ପୈତୃକ ସମ୍ପତ୍ତି ପାଇଁ ମାନବିକତା ଭୁଲିଗଲେ ୨ ପୁଅ

# ୮୫ ବର୍ଷୀୟା ମା’ଙ୍କୁ ଘରୁ ତଡ଼ିଦେଲେ

ରାୟଗଡ଼ା ଅଫିସ୍,୫।୫

ପୈତୃକ ସମ୍ପତ୍ତିକୁ ନେଇ ଦୁଇ ଭାଇ ୮୫ ବର୍ଷୀୟା ମା’ଙ୍କୁ ଘରୁ ତଡ଼ିଦେଇଛନ୍ତି। ବୃଦ୍ଧା ମା’ ଜଣକ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ନ ପାଇ ବଡ଼ପୁଅ ଘରଦାଣ୍ଡରେ ବସି କାନ୍ଦୁଥିବାର ଅଭାବନୀୟ ଚିତ୍ର ରାୟଗଡ଼ା ଜିଲାରେ ଦେଖିବାକୁ ମିଳିଛି। ଖବରପାଇ ପୋଲିସ ସେଠାରେ ପହଞ୍ଚି ଉକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ, ୮୫ ବର୍ଷୀୟା ଏସ୍. ପ୍ରମିଳାଙ୍କ ବଡ଼ପୁଅ ଏସ୍. ତାବିଟେୟା ନେହେରୁ ନଗରସ୍ଥିତ କଲେଜ ରୋଡ୍‌ରେ ରୁହନ୍ତି। ସେହିପରି ସାନପୁଅ ଏସ୍. ସୀମାଦ୍ରି ରାବଣା ସାଇପ୍ରିୟା ନଗରର ବାସିନ୍ଦା। କିଛିବର୍ଷ ହେଲା ପ୍ରମିଳା ସାନପୁଅ ରାବଣାଙ୍କ ନିକଟରେ ରହିଆସୁଥିଲେ । କିନ୍ତୁ ରାବଣା ଆଉ ତାଙ୍କ ପୋଷିପାରିବେ ନାହିଁ କହି ମା’ଙ୍କୁ ରବିବାର ବଡ଼ଭାଇ ତାବିଟେୟାଙ୍କ ଘରକୁ ନେଇଯାଇଥିଲେ। ତାବିଟେୟା କବାଟ ନ ଖୋଲିବାରୁ ଘରଦାଣ୍ଡରେ ମା’ଙ୍କୁ ବସାଇ ଚାଲିଯାଇଥିଲେ ରାବଣା। ଦୀର୍ଘ ସମୟ ଧରି ସେଠାରେ କାନ୍ଦି କାନ୍ଦି ପ୍ରମିଳା ଅସୁସ୍ଥ ହୋଇପଡ଼ିଥିଲେ । ଏହାଦେଖି ସ୍ଥାନୀୟ ବାସିନ୍ଦା ଓ ଗଣମାଧ୍ୟମ ପ୍ରତିନିଧିମାନେ ପୋଲିସକୁ ଜଣାଇଥିଲେ । ପୋଲିସ ସେଠାରେ ପହଞ୍ଚି ବଡ଼ପୁଅ ତାବିଟେୟାଙ୍କୁ ଡାକିଥିଲେ ମଧ୍ୟ କେହି ଶୁଣି ନ ଥିଲେ । ଦୀର୍ଘ ସମୟ ପରେ କବାଟ ଖୋଲିବାରୁ ପୋଲିସ ତାବିଟେୟା ଓ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ନେବା ସହ ପ୍ରମିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ପରେ ପୋଲିସ ପ୍ରମିଳାଙ୍କ ୨ ପୁଅଙ୍କୁ ଥାନାକୁ ଡକାଇ ଆଲୋଚନା କରି ପ୍ରମିଳାଙ୍କୁ ରାବଣାଙ୍କ ପାଖରେ ଛାଡ଼ିଥିଲା। ମା’ଙ୍କ ଦେଖାଶୁଣା ପାଇଁ ତାବିଟେୟା ଅର୍ଥ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉଭୟେ ୬ମାସ ଲେଖାଏଁ ପାଳି କରି ମା’ଙ୍କୁ ରଖିବା ପାଇଁ ଚୁକ୍ତି ହୋଇଥିବା ରାବଣା ପ୍ରକାଶ କରିଛନ୍ତି। କିନ୍ତୁ ତାବିଟେୟା କହିଛନ୍ତି ଯେ, ପଦ୍ମପୁର ତହସିଲ ଅନ୍ତର୍ଗତ ଗୁଡ଼ିଆବନ୍ଧରେ ଥିବା ୨୦ ଏକର ପୈତୃକ ଜମି ରାବଣାଙ୍କୁ ଦିଆଯାଇଛି। ଯଦି ସେ ସମ୍ପତ୍ତି ନେବେ, ତେବେ ମାଆଙ୍କୁ ପାଳିବେ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣା ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଥିବା ଜଣାପଡ଼ିଛି।



# ବିପର୍ଯ୍ୟୟ ଲାଗି ବିନିଯୋଗ

'ଫନୀ' ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ନିଜେ ଡାକି ଆଣିଛୁ। ଏବେକାର ପିଢ଼ିର ୨୯ ଅକ୍ଟୋବର ୧୯୯୯ର ମହାବାତ୍ୟା ମନେଥିବ। ସେତେବେଳରୁ ଏବେ ପର୍ଯ୍ୟନ୍ତ ଫାଇଲିନ୍, ହୁଦ୍‌ହୁଦ୍ ଏବଂ ଗତବର୍ଷର ତିତ୍‌ଲିଠାରୁ ଏଇମାସ ୩ ତାରିଖର ଫନୀ ଯାଏ ଯେତେ ବିପର୍ଯ୍ୟୟ ଘଟିବାରେ ଲାଗିଛି ତାହାସବୁ 'କେମିତି କେଜାଣି' ବୋଲି କହିହେବ ନାହିଁ। ପୂର୍ବରୁ ସାଧାରଣତଃ ଏହି ବାତ୍ୟା ବର୍ଷାଋତୁ ଶେଷହେବା ପରେ ଅକ୍ଟୋବର-ନଭେମ୍ବର ବେଳକୁ ଘଟୁଥିଲା। ଏବେ ଫନୀ ମେ'ରେ ଘଟିଥିବାରୁ ମନେହେଉଛି ଯେ ଭବିଷ୍ୟତରେ ଏହିଭଳି ବିପତ୍ତି ବାର୍ଷିକ ସର୍ବନିମ୍ନ ଦୁଇଥର ଘଟିବାର ଆଶଙ୍କା ସୃଷ୍ଟି ହୋଇଗଲାଣି।

ଓଡ଼ିଶାରେ ୧୯୯୯ ମହାବାତ୍ୟାର ଉଗ୍ରରୂପ ଆଜି ବି ରାଜ୍ୟବାସୀଙ୍କ ମନରେ ବିପର୍ଯ୍ୟୟର ଛାପ ଛାଡ଼ିଦେଇଛି। ସେତେବେଳେ ଆଜି ପରି ବୈଷୟିକ ଯଥା ବିପୁଳ ସଂଖ୍ୟାର ମୋବାଇଲ ଫୋନ୍, ୪ଜି, ଇଣ୍ଟରନେଟ୍ ସହ ସୁସଂଗଠିତ ଓଡ୍ରାଫ୍ ଭଳି ସାଧନ ନ ଥିଲା। ଏପରି କି ରାଜ୍ୟ ସରକାର ଓ ପ୍ରଶାସନ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ନ ଥିଲେ। ଦୀର୍ଘ ୨ ଦଶନ୍ଧି ପରେ ୨୦୧୯ ମେ ୩ର ସାମୁଦ୍ରିକ ଝଡ଼ 'ଫନୀ' ରଚିଛି ତାଣ୍ଡବ। ସବୁ ପ୍ରକାର ବୈଷୟିକ ଓ ବୈଜ୍ଞାନିକ ଯନ୍ତ୍ରପାତି ଉପଲବ୍ଧ ହୋଇଥିଲେ ସୁଦ୍ଧା ବିପର୍ଯ୍ୟୟରୁ ନିସ୍ତାର ମିଳିନାହିଁ। ବିଦ୍ୟୁତ୍, ଟେଲି ଓ ଇଣ୍ଟରନେଟ୍ ଯୋଗାଯୋଗ ପ୍ରକୃତିର କୋପରେ ବିଚ୍ଛିନ୍ନ ହୋଇଯାଇଛି। ଫନୀ ପୁରୀ ଛୁଇଁ ଉପକୂଳ ଅତିକ୍ରମ କରିବ ବୋଲି ଏପ୍ରିଲ ଅଧାଅଧି ସମୟରୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏପରି କି ଆମେରିକା ନୌସେନା ଅନୁମାନ କରି ସତର୍କ କରାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ମୁକାବିଲା ପାଇଁ ପ୍ରସ୍ତୁତ ରହିଥିଲେ ମଧ୍ୟ ଅତ୍ୟାବଶ୍ୟକ ଯୋଗାଯୋଗ ଭିତ୍ତିଭୂମିକୁ ସୁରକ୍ଷିତ ରଖାଯାଇ ପାରିନାହିଁ। ଯଦି ୧୯୯୯ ମହାବାତ୍ୟା ସହ ଫନୀକୁ ତୁଳନା କରାଯାଏ, ତା' ହେଲେ ସେତେବେଳେ ଅସଂଖ୍ୟ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏବର ବାତ୍ୟାରେ ସେଭଳି ମୃତ୍ୟୁ ଘଟି ନ ଥିଲେ ମଧ୍ୟ କ୍ଷୟକ୍ଷତିର ସୀମା ଟପିଛି। ଲକ୍ଷାଧିକ ଗଛ ଉପୁଡ଼ିବା, ଖୁଣ୍ଟ ଉପରେ ଟଣାଯାଇଥିବା ବିଦ୍ୟୁତ୍ ଓ ଟେଲିଫୋନ୍ ତାର ଛିଣ୍ଡିବା, ମୋବାଇଲ ଟାୱାର ଭୂଲୁଣ୍ଠିତ ହେବା ସହ ଅନେକ ଘରଦ୍ୱାର ଭାଙ୍ଗିବାର ଚିତ୍ର ସବୁଠି ଦେଖିବାକୁ ମିଳିଛି। ଜୀବନର ଏକ ବିଶେଷ ଅଂଶ ପାଲଟିଥିବା ଇଣ୍ଟରନେଟ୍ ଓ ମୋବାଇଲ ଯୋଗାଯୋଗ ଥାଣୁ ପାଲଟିଯିବା ପରେ ପ୍ରମାଣିତ ହୋଇଛି ଯେ ଯାନ୍ତ୍ରିକ ବ୍ୟବସ୍ଥାର ନିୟନ୍ତ୍ରଣ ମଣିଷ ହାତମୁଠା ବାହାରକୁ ଚାଲିଗଲାଣି। ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ ହେବା ଦ୍ୱାରା ଜଳଯୋଗାଣ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ସ୍ଥିତି ଏଭଳି ଅବସ୍ଥାକୁ ଟାଣି ନେଇଛି ଯେ, ସହରବାସୀ ମଧ୍ୟ ପାଣି ଅଭାବରୁ ନଈ ଓ କେନାଲରେ ଗାଧୋଇବାକୁ ଧାଇଁଲେଣି। ଅବଶ୍ୟ ଫନୀ ସମୟରେ ଓଡ୍ରାଫ୍ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ମୁକାବିଲା ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ସଙ୍ଗଠନର କର୍ମକର୍ତ୍ତା ତଥା ସ୍ୱେଚ୍ଛାସେବୀଙ୍କ ତତ୍ପରତା ଦେଖିଲେ ସେମାନେ ପ୍ରଶଂସାଯୋଗ୍ୟ ବୋଲି କହିହେବ। ସୁ ସୁ ପବନ ଗଛଗୁଡ଼ିକୁ ମାଟିରେ ମିଶାଇଦେଉଥିବାବେଳେ କଟର୍ ସାହାଯ୍ୟରେ ସେଗୁଡ଼ିକୁ ରାସ୍ତାରୁ ହଟାଇବା ଦିଗରେ ଏହି କର୍ମଚାରୀମାନଙ୍କ ପ୍ରଚେଷ୍ଟା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଫନୀର ମୁକାବିଲା ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କହୁଥିଲେ। ବିଗତ ବର୍ଷଗୁଡ଼ିକୁ ଦେଖିଲେ ଫାଇଲିନ୍, ହୁଦ୍‌ହୁଦ୍ ଓ ତିତ୍‌ଲିର ମୁକାବିଲା ଦିଗରେ ରାଜ୍ୟ ସରକାର ସର୍ବାଧିକ ସତର୍କତା ଅବଲମ୍ବନ କରି ଦେଶବିଦେଶରୁ ପ୍ରଶଂସାର ପତ୍ର ସାଉଁଟିଥିଲେ। 'ଜିରୋ କାଜୁଆଲ୍‌ଟି' ହୋଇଯାଇଥିଲା ପ୍ରାକୃତିକ ବିପର୍ଯ୍ୟୟ ଅବ୍ୟବହିତ ପୂର୍ବରୁ ସରକାରୀ ସ୍ଲୋଗାନ। ହେଲେ ଏବେ ଫନୀରେ ତାହା ଭୁଲ ପ୍ରମାଣିତ ହୋଇ ୪୩ ଜଣଙ୍କ ଜୀବନ ଯିବାର ଖବର ମିଳିଛି। ବେସରକାରୀ ଭାବେ ହିସାବ କଲେ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ କେବଳ ନିର୍ଦ୍ଦିଷ୍ଟ ମାସ ନୁହେଁ, ବର୍ଷର ପ୍ରତ୍ୟେକ ସମୟ ପାଇଁ ବନ୍ୟା ଓ ବାତ୍ୟା ଲାଗି ସରକାରଙ୍କୁ ବିଦ୍ୟୁତ୍, ଟେଲି ଯୋଗାଯୋଗ ଓ ଇଣ୍ଟରନେଟ୍ ଭଳି ଦୃଶ୍ୟମାନ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ। ଉପରେ ତାର ଟାଣି ନୁହେଁ, ମାଟି ଭିତରେ କେବ୍‌ଲିଂ କରି ଭୂତଳ ବ୍ୟବସ୍ଥାକୁ ମଜଭୁତ କରାଯାଇ ପାରିଲେ ପ୍ରାକୃତିକ ବିଭୀଷିକାର ରୋଷରୁ ଏସବୁକୁ ସୁରକ୍ଷିତ ରଖାଯାଇପାରନ୍ତା। କେବଳ ଫନୀ ଭଳି ବିପର୍ଯ୍ୟୟ ପରେ ପୁନରୁଦ୍ଧାର କଥା ଚିନ୍ତା ନ କରି ଏଥିଲାଗି ସରକାରଙ୍କୁ ବିଧିବଦ୍ଧ ଭାବେ ଏବେଠାରୁ ଏଦିଗରେ ଯତ୍ନଶୀଳ ହୋଇ ପୁଞ୍ଜିନିବେଶ କରିବାର ଆବଶ୍ୟକତା ଜରୁରୀ ହୋଇପଡ଼ିଲାଣି। ଅପରପକ୍ଷରେ ନାଗରିକମାନେ ମଧ୍ୟ ଦାୟିତ୍ୱବାନ୍ ହେବାର ସମୟ ଆସିଲାଣି। ଏହା ସତ ଯେ ଭୋଟ ପୂର୍ବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲେ ସବୁ ରାଜନୈତିକ ଦଳର ତତ୍ପରତା ବୃଦ୍ଧି ପାଇଥାଆନ୍ତା। ସମ୍ଭବତଃ ବିପନ୍ନଙ୍କୁ ସାହାଯ୍ୟ ଓ ସାମଗ୍ରୀ ଯୋଗାଇବା ହୋଇଯାଇଥାଆନ୍ତା ପ୍ରଚାରର ଉତ୍ତମ ମାଧ୍ୟମ। ସେଭଳି ପରିସ୍ଥିତିରେ ପ୍ରାର୍ଥୀମାନଙ୍କୁ ମଦ ଯୋଗାଇବାକୁ ଦାବି ହୋଇ ନ ଥାଆନ୍ତା। କିନ୍ତୁ ଏହି ରାଜନେତାମାନଙ୍କୁ ସେଭଳି ପୁଣ୍ୟ କାମ କରିବାର ସୁଯୋଗ ମିଳିଲା ନାହିଁ। ଆଜିର ଖବର ଅନୁଯାୟୀ ଭୁବନେଶ୍ୱରରୁ ପୁରୀ ରାସ୍ତା ସମେତ ଅନ୍ୟ କେତେକ ଜାଗାରେ ହିଂସା ଓ ରାସ୍ତାରୋକୋ କରାଯାଇ ରିଲିଫ୍ ଦାବି କରାଯାଇଛି। ତାହା କ୍ରମଶଃ ଦୁଷ୍ଟ ଚରିତ୍ର ଲୋକଙ୍କ ହାତକୁ ଚାଲିଯିବାର ଆଶଙ୍କା ରହିଛି। ସେଭଳି ପରିସ୍ଥିତି ସୃଷ୍ଟି ହୋଇଗଲେ, ସାଧାରଣ ଲୋକଙ୍କ ପାଖକୁ ସାହାଯ୍ୟ ପହଞ୍ଚିବା ପରିବର୍ତ୍ତେ ଏହି ଗୁଣ୍ଡାମାନଙ୍କ ହାତରେ ବାଟମାରଣା ହୋଇଯିବ। ସେଥିପାଇଁ ସହର ଓ ଗ୍ରାମାଞ୍ଚଳବାସୀ ସତର୍କ ରହି କୌଣସି ହିଂସା ଓ ଲୁଟତରାଜ ଘଟାଇବା ଉଚିତ ନୁହେଁ କିମ୍ବା କାହାରି ଯାତାୟାତରେ ବାଧା ଉପୁଜାଇବା ମଙ୍ଗଳମୟ ନୁହେଁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | C | | | | 4 | | | | | | | 2 | |
| | | 5 | | 0 | 8 | 1 | | | 4 | | E | A | | |
| B | D | | 4 | | | 3 | 8 | | | 6 | | | | |
| | | 4 | | | C | E | | | | | | | 7 | 5 |
| | | | 5 | | | | B | 7 | | | | D | | 1 |
| 8 | | | | | 1 | | | 3 | | | 5 | | | |
| 4 | | | | | 3 | | 1 | 8 | | | | | 6 | E |
| | | | B | | 9 | | | | | 2 | | | | |
| E | | | | D | | 0 | 4 | | 6 | | | | | |
| | 6 | | | A | E | C | | 9 | 0 | | 1 | 7 | B | |
| | | 3 | 2 | 5 | | | | | | | | | | |
| 2 | | | | E | | D | 6 | 5 | | | C | 1 | | B |
| C | | | | | | | | | | | D | | | 3 |
| | E | D | | | | | | B | | A | | C | | |
| 1 | | | | 3 | B | | E | 2 | | | 6 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 6 | 2 | 9 | 8 | E | 7 | 4 | A | 0 | 5 | B | C | 3 | 1 |
| 3 | 5 | 0 | D | C | B | 1 | 2 | 9 | E | A | 4 | 7 | 6 | 8 |
| 4 | E | A | 7 | 6 | 1 | C | B | 3 | 2 | D | 8 | 5 | 0 | 9 |
| B | 9 | 7 | 3 | 2 | 0 | 5 | 8 | D | C | 1 | 6 | 4 | E | A |
| C | 1 | 8 | 5 | A | 4 | E | 0 | 6 | 9 | 3 | 7 | D | B | 2 |
| 6 | B | 5 | C | 4 | 8 | 2 | 9 | E | D | 0 | 1 | 3 | A | 7 |
| E | C | D | 1 | 9 | A | 8 | 7 | 4 | 6 | B | 3 | 2 | 5 | 0 |
| 8 | 2 | 1 | B | E | 3 | 0 | D | 5 | 7 | C | A | 6 | 9 | 4 |
| 9 | 0 | 3 | 6 | 5 | 7 | A | 1 | B | 8 | 4 | 2 | E | D | C |
| 7 | A | 4 | 2 | 0 | D | 6 | 3 | C | 5 | E | 9 | 1 | 8 | B |
| 5 | 4 | 9 | A | B | 2 | D | 6 | 0 | 1 | 7 | E | 8 | C | 3 |
| 0 | 3 | E | 8 | 7 | 5 | 4 | A | 2 | B | 6 | C | 9 | 1 | D |
| 1 | 7 | C | E | 3 | 9 | B | 5 | 8 | A | 2 | D | 0 | 4 | 6 |
| A | D | 6 | 4 | 1 | C | 9 | E | 7 | 3 | 8 | 0 | B | 2 | 5 |
| 2 | 8 | B | 0 | D | 6 | 3 | C | 1 | 4 | 9 | 5 | A | 7 | E |

ଗତକାଲିର ଉତ୍ତର

# ଲିପ୍‌ଷ୍ଟିକ୍‌ର ଲାଲ୍ ସଙ୍କେତ



ଡ. ରମେଶ ଚନ୍ଦ୍ର ପରିଡ଼ା

'ଲିପ୍‌ଷ୍ଟିକ୍' ସୌନ୍ଦର୍ଯ୍ୟର ଏକ ପ୍ରତୀକ। ସେଥିପାଇଁ ଅଧିକାଂଶ ସ୍ଥଳେ ସୌନ୍ଦର୍ଯ୍ୟ ପ୍ରତି ସ୍ୱଭାବତଃ ଦୁର୍ବଳତା ଥିବା ନାରୀମାନେ ସେମାନଙ୍କ ଓଠକୁ ଲାଲ୍ ବା ନାରଙ୍ଗୀ କରିବା ପାଇଁ ବିବିଧ ପ୍ରସାଧନର ଉପଯୋଗ କରିଥାନ୍ତି। ଏହି ଆବଶ୍ୟକତା ପୂରଣ ଲାଗି ଲିପ୍‌ଷ୍ଟିକ୍‌ର ଜନ୍ମ। ଐତିହାସିକ ତଥ୍ୟ ଅନୁସାରେ ଆଜକୁ ପ୍ରାୟ ୫୦୦୦ ବର୍ଷ ପୂର୍ବେ ପ୍ରଥମେ ଏହାର ବ୍ୟବହାର ଆରମ୍ଭ ହୋଇଥିଲା। ଅବଶ୍ୟ ସେତେବେଳେ ନାରୀ ଓ ପୁରୁଷ ଉଭୟେ ଏହା କରୁଥିଲେ। ମିଶରୀୟ ଇତିହାସ ପ୍ରସିଦ୍ଧ ରାଣୀ କ୍ଲିଓପାଟ୍ରା ମଧ୍ୟ ଏହାର ବ୍ୟବହାର କରୁଥିଲେ ବୋଲି କୁହାଯାଏ। ସେ ସମୟରେ ତାହା କରିବା ଥିଲା ସାମାଜିକ ପ୍ରତିଷ୍ଠାର ପରିଚୟ। ସେହିପରି ସିନ୍ଧୁ ସଭ୍ୟତା କାଳରେ (ଖ୍ରୀ.ପୂ. ୩୦୦୦ରୁ ୧୫୦୦ ପୂର୍ବେ) ଆମ ଦେଶରେ, ତତ୍ପରେ ଚାଇନାରେ (୧୦୦୦ ବର୍ଷ ପୂର୍ବେ) ଏବଂ ବିଭିନ୍ନ ଇସ୍‌ଲାମୀୟ ଦେଶଗୁଡ଼ିକରେ (୬୦୦ରୁ ୯୦୦ ବର୍ଷ ପୂର୍ବେ) ଏହା ବ୍ୟବହୃତ ହେଉଥିବାର ସୂଚନା ମିଳେ। ସେଗୁଡିକର ପ୍ରସ୍ତୁତିରେ ବିନିଯୋଗ ହେଉଥିଲା ପ୍ରାକୃତିକ ଉପାଦାନ ସମୂହ। ତଥାପି ତାହା ସମ୍ପୂର୍ଣ୍ଣ ନିରାପଦ ନ ଥିଲା।

ମହମ ଏବଂ ଉଦ୍ଭିଜ୍ଜ ଲାଲ ରଙ୍ଗରୁ ପ୍ରସ୍ତୁତ ଆଧୁନିକ ଲିପ୍‌ଷ୍ଟିକ୍‌ର ଜନ୍ମ ହେଲା ୧୬ଶ ଶତାବ୍ଦୀର ଇଂଲଣ୍ଡରେ। ତେବେ, ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହାର ବ୍ୟବହାର କେବଳ କେତେକ ନିର୍ଦ୍ଦିଷ୍ଟ ବର୍ଗର ମହିଳା ଓ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏ ଶତାବ୍ଦୀର ଶେଷ ଭାଗକୁ (୧୮୮୪-୧୮୮୫) ଫ୍ରାନ୍ସର ଏକ ପ୍ରସାଧନ କମ୍ପାନୀ ହରିଣ ଚର୍ବି, ଜଡାତେଲ ଓ ମହମ ସହିତ ରଙ୍ଗ ମିଶାଇ ଏହାକୁ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ କଲା। ତେଣୁ ୧୯୨୦ ଦଶକ ବେଳକୁ ଇଂଲଣ୍ଡ ସମେତ ସମଗ୍ର ୟୁରୋପରେ ଏହାର ଗ୍ରହଣୀୟତା ବଢ଼ିବାକୁ ଲାଗିଲା। ସେଠାରୁ ଏହା ଆସିଲା ଆମେରିକା, ଅଷ୍ଟ୍ରେଲିଆ ତଥା ବ୍ରିଟିଶ ଉପନିବେଶମାନଙ୍କ ସମେତ ଆମ ଦେଶକୁ। କ୍ରମେ ବିଭିନ୍ନ ଦେଶରେ ଏହାର ପ୍ରସ୍ତୁତି ପାଇଁ ଭିନ୍ନ ଭିନ୍ନ ଉପାଦାନ ବ୍ୟବହାର କରାଗଲା। ତାହାରି ଉପରେ ନିର୍ଭର କରି ପ୍ରସ୍ତୁତ ହେବାକୁ ଲାଗିଲା ନାନା କିସମର ଲିପ୍‌ଷ୍ଟିକ୍।

ବର୍ତ୍ତମାନ ସାଧାରଣ ଭାବେ ଉପଲବ୍ଧ ଲିପ୍‌ଷ୍ଟିକ୍‌ରେ ମୁଖ୍ୟ ଉପାଦାନ ହେଲା ବିଭିନ୍ନ ପ୍ରକାର ମହମ, ତୈଳ ପ୍ରତିଜାରକ, ରଙ୍ଗ ଏବଂ ସ୍ନିଗ୍ଧକାରକ । ତନ୍ମଧ୍ୟରୁ ଅନ୍ୟତମ ମୁଖ୍ୟ ଉପାଦାନ ମହମ ନାନା ପ୍ରକାର, ଯଥା ମହୁଫେଣାରୁ ସଂଗୃହୀତ ମହମ, ମହମବତିରେ ବ୍ୟବହୃତ ମହମ, ବ୍ରାଜିଲ୍ ମହମ, ଓଜୋକେରାଇଟ୍ ମହମ ଇତ୍ୟାଦି। ସେହିପରି ଏଥିରେ ବ୍ୟବହୃତ ତୈଳାକ୍ତ ପଦାର୍ଥ ହୋଇପାରେ ଅଲିଭ ତେଲ- ଖଣିଜ ତୈଳ, କୋକୋ ଲହୁଣି, କପା ମଞ୍ଜି ତେଲରୁ ପ୍ରସ୍ତୁତ ଲହୁଣି କିମ୍ବା ପେଟ୍ରୋଲିୟମରୁ ଉତ୍ପନ୍ନ ଜେଲି। ଏହି ଉପାଦାନଗୁଡିକରେ ଥାଏ ସ୍ୱଳ୍ପ ପରିମାଣରେ ସୀସା, କ୍ରୋମିୟମ୍ ଏବଂ ଅନ୍ୟାନ୍ୟ ସୂକ୍ଷ୍ମମାତ୍ରିକ ଧାତୁ, ଯାହାକି ଚିହ୍ନଟ କରିବା ସହଜ ନୁହେଁ। ତେବେ ତାହାସବୁ ଶରୀର ମଧ୍ୟରେ ଜମାହୋଇ ରହନ୍ତି ଏବଂ ସହଣୀୟ ସୀମା ଅତିକ୍ରମ କରିଗଲେ ନାନାଦି ବିଷାକ୍ତ ପ୍ରଭାବ ପ୍ରକଟ କରନ୍ତି। ପୁନଶ୍ଚ ଏଥିରେ ଥିବା ରଙ୍ଗ କୌଣସି ଜୈବ ବା ଅଜୈବ ପଦାର୍ଥ, ଲାଖ ଆଦିରୁ ତିଆରି ରଙ୍ଗ ହୋଇଥାନ୍ତି। ଏହା ବ୍ୟତୀତ ସିଲିକା, ମାଇକା, କୃତ୍ରିମ ରତ୍ନ କଣିକା, ବିସ୍‌ମଥ୍, ସିଲିକନ୍ ଇତ୍ୟାଦି ଭିନ୍ନ ଭିନ୍ନ ପ୍ରକାର ଲିପ୍‌ଷ୍ଟିକ୍‌ରେ ବିଭିନ୍ନ ମାତ୍ରାରେ ଥାଏ। ଏଗୁଡ଼ିର ସ୍ୱାସ୍ଥ୍ୟ ଉପରେ ଯେଉଁ କୁପ୍ରଭାବ ରହିଛି, ତହିଁରୁ କେତୋଟି ସମ୍ପର୍କରେ ନିମ୍ନରେ ସୂଚିତ କରାଗଲା-

(୧) ମହମ- ଏହା ନାନାଦି ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ। (୨) କୃତ୍ରିମ ରଙ୍ଗ- ତହିଁରୁ ଅନେକ କୋଇଲାରୁ ଉତ୍ପନ୍ନ ପିଚୁ କିମ୍ବା ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟରୁ ପ୍ରସ୍ତୁତ, ଯାହାକି କର୍କଟ ରୋଗକାରୀ। ପୁନଶ୍ଚ ଏଥିରେ ସୀସା, ଆଲୁମିନିୟମ, ବେରିୟମ୍, ପଟାସିୟମ୍ ଏବଂ ଷ୍ଟ୍ରୋଂଟିୟମ୍ ଭଳି ଧାତବ ପଦାର୍ଥ ଥାଏ, ଯାହାକି କର୍କଟ ରୋଗଠାରୁ ଆରମ୍ଭ କରି ଆଲ୍‌ଝିମର୍ସ ଆଦି ବିବିଧ ସ୍ନାୟବିକ ରୋଗ, ଗର୍ଭପାତ, ମୂର୍ଚ୍ଛା ଇତ୍ୟାଦିର କାରଣ ହୋଇପାରେ। (୩) ଥାଲେଟସ୍- ଏହି କୃତ୍ରିମ ରାସାୟନିକ ଲିପ୍‌ଷ୍ଟିକ୍‌କୁ ନମନୀୟ ଓ ଚିକ୍କଣ କରିବାରେ ବ୍ୟବହାର କରାଯାଏ। ଆମ ଅନ୍ତଃସ୍ରାବୀ ଗ୍ରନ୍ଥି ଏବଂ ପ୍ରଜନନ ବ୍ୟବସ୍ଥା ଉପରେ ଏହାର ନକାରାତ୍ମକ ପ୍ରଭାବ ରହିଛି। (୪) ଖଣିଜ ତୈଳ- ଲିପ୍‌ଷ୍ଟିକର ଚିକ୍କଣତା ଏବଂ ଉଜ୍ଜ୍ୱଳତା ବୃଦ୍ଧି ପାଇଁ ତହିଁରେ ବ୍ୟବହୃତ ଏହି ପେଟ୍ରୋଲଜାତ ଦ୍ରବ୍ୟଟି ଆଲର୍ଜି ଓ କର୍କଟ ରୋଗର ସମ୍ଭାବନା ସୃଷ୍ଟିକରେ। (୫) ସଂରକ୍ଷଣକାରୀ- ଲିପ୍‌ଷ୍ଟିକ୍‌କୁ ଦୀର୍ଘଦିନ ସାଇତି ରଖିବାରେ ଏବଂ ଏଥିରେ କୌଣସି ସୂକ୍ଷ୍ମଜୀବ ନ ବଢ଼ିବାରେ ସହାୟତା କରିଥାଏ ତହିଁରେ ମିଶାଯାଉଥିବା ରସାୟନ ପାରାବେନସ୍। ଏହାର ଅନ୍ତଃସ୍ରାବୀ ବ୍ୟବସ୍ଥାକୁ ବିଶୃଙ୍ଖଳିତ କରିବା ସହିତ କର୍କଟ ରୋଗ ଏବଂ ଅର୍ବୁଦ ସୃଷ୍ଟିକାରୀ ଗୁଣ ଅଛି। (୬) କୃତ୍ରିମ ବାସ୍ନା- ତହିଁରୁ ଅଧିକାଂଶ ହେଲେ ପେଟ୍ରୋଲିୟମ୍‌ଜାତ ପଦାର୍ଥ ବେଞ୍ଜିନ୍ ଏବଂ ତଜ୍ଜାତ ଦ୍ରବ୍ୟ। ଆଲ୍‌ଡିହାଇଡସ୍ ତଥା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ଏହାର ଅନ୍ତର୍ଭୁକ୍ତ। ଡାକ୍ତରମାନେ ଏଗୁଡିକୁ ଅନ୍ୟତମ ପ୍ରଧାନ ଆଲର୍ଜିକାରୀ ରୂପେ ଗଣନା କରନ୍ତି। ପୁନଶ୍ଚ ଏହା ମଧ୍ୟ କର୍କଟ ରୋଗ, ଜନ୍ମଗତ ତ୍ରୁଟି, କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାରେ ତ୍ରୁଟିର କାରଣ ହୋଇପାରେ। (୭) ଓଠ ଚିକ୍କଣକାରୀ- ବୟସ୍କ ଲୋକଙ୍କ ଓଠକୁ ଚିକ୍କଣ କରିବାକୁ ଏବଂ ସେଥିରେ ଥିବା ଫାଟ ପୂରଣ କରିବାକୁ ତହିଁରେ ମିଶାଯାଇଥାଏ ପଲି ମିଥାକ୍ରିଲେଟ୍ ନାମକ କୃତ୍ରିମ ପଲିମରର ସୂକ୍ଷ୍ମାତିସୂକ୍ଷ୍ମ କଣିକା। ଏହା ଆଲର୍ଜି ଏବଂ ବିଭିନ୍ନ ହୃଦ୍‌ରୋଗ ସମସ୍ୟା ଉତ୍ପନ୍ନ କରିପାରେ।

୨୦୦୭ରେ ଆମେରିକାର 'କ୍ୟାମ୍ପେନ୍ ଫର୍ ସେଫ୍ କସ୍‌ମେଟିକ୍‌ସ' ୩୩ଟି ବ୍ରାଣ୍ଡର ଲିପ୍‌ଷ୍ଟିକ୍‌ରେ ସୀସା ପରିମାଣ ଆକଳନ କରି 'ଏକ ବିଷାକ୍ତ ଚୁମ୍ବନ' (ଏ ପଏଜନ୍‌ସ କିସ୍) ଶୀର୍ଷକ ରିପୋର୍ଟ ଟିଏ ପ୍ରସ୍ତୁତ କରିଥିଲେ। ଏହାପରେ ୨୦୦୯ ମସିହାରେ ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ କରିଥିବା ଆଉ ଏକ ସର୍ବେକ୍ଷଣରେ ପରୀକ୍ଷା କରାଯାଇଥିବା ୨୦ଟି ନମୁନାରେ ତାହା ନିୟୁତ ପ୍ରତି ୦.୯ରୁ ୩.୦୩ଭାଗ ପର୍ଯ୍ୟନ୍ତ ଥିବାର ଜଣାପଡିଲା। ତେଣୁ ଏହା ତା'ର ସର୍ବେକ୍ଷଣର ପରିସରକୁ ପରିବର୍ଦ୍ଧିତ କଲା ୨୦୧୦ ମସିହାରେ। ଏଥିରେ ଆମେରିକାରେ ମିଳୁଥିବା ପ୍ରାୟ ୪୦୦ ପ୍ରକାର ଲିପ୍‌ଷ୍ଟିକ୍ ସମ୍ପର୍କରେ ଅନୁଧ୍ୟାନ କରାଗଲା। ତହିଁରେ ହାରାହାରି ନିୟୁତ ପ୍ରତି ୧.୧୧ ଭାଗ ଏବଂ ଏକ ଜଣାଶୁଣା କମ୍ପାନୀ ମେ ବି ଲାଇନ୍‌ର 'ପିଙ୍କ୍ ପେଟାଲ୍' ବ୍ରାଣ୍ଡରେ ତାହା ସର୍ବାଧିକ ୭.୧୯ ହୋଇଥିବାର ଦେଖାଗଲା।

ସାଧାରଣତଃ ବ୍ରାଣ୍ଡେଡ୍ ଲିପ୍‌ଷ୍ଟିକଗୁଡ଼ିକର ଖୋଳ ଉପରେ ସେଥିରେ ଥିବା ଉପାଦାନଗୁଡ଼ିକ ସମ୍ପର୍କରେ ସୂଚନା ଦିଆଯାଇଥାଏ। କିନ୍ତୁ ସୀସାକୁ ତାହାର ଅନ୍ତର୍ଭୁକ୍ତ କରାଯାଏ ନାହିଁ। କାରଣ ଏହାକୁ ତହିଁରେ ଏକ ଉପାଦାନ ରୂପେ ମିଶାଯାଏନା ବରଂ ବିଭିନ୍ନ ଉପାଦାନରେ ତାହା କିଛି କିଛି ମାତ୍ରାରେ ଥାଏ। ଅବଶ୍ୟ ଏହାର ପରିମାଣ ବେଶ୍ କମ୍ ଏବଂ ସେଥିପାଇଁ ତାହାକୁ ବିପଜ୍ଜନକ ବୋଲି ଗଣନା ନ କରିବାକୁ କେତେକ ମତପ୍ରକାଶ କରନ୍ତି। ତେବେ, ସୀସାର ଗୋଟିଏ ଗୁଣ ହେଲା, ତାହା ଶରୀର ମଧ୍ୟରେ ଜମା ହୋଇରହେ। ସମୟକ୍ରମେ ନିରାପଦ ମାତ୍ରା ଅତିକ୍ରମ କରିଗଲା ପରେ ତା'ର ବିଷାକ୍ତ ଗୁଣ ପ୍ରକଟିତ ହୋଇପାରେ। ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଅନୁଧ୍ୟାନ ଅନୁସାରେ ଜଣେ ଜଣେ ମହିଳା ଦିନକୁ ୧୪/୧୫ ଥର ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ଅତଏବ ତାଙ୍କ ଶରୀର ମଧ୍ୟକୁ ତହିଁରୁ ପ୍ରାୟ ୮୭ ମିଲିଗ୍ରାମ୍ ପ୍ରବେଶ କରିଥାଏ। ଦୀର୍ଘଦିନ ଧରି ଏପରି କଲେ ତାହା କ୍ଷତିକାରକ ସାବ୍ୟସ୍ତ ହେବା ସ୍ୱାଭାବିକ। ପୁନଶ୍ଚ ଏହି ଅନୁଧ୍ୟାନକାରୀ ଦଳ ଲିପ୍‌ଷ୍ଟିକ୍‌ରେ ଟ୍ରାଇକ୍ଲୋସାନ ରସାୟନର ସନ୍ଧାନ ପାଇଛନ୍ତି। ଏହି ପଦାର୍ଥଟି ମସ୍ତିଷ୍କଠାରୁ ହୃତ୍‌ପିଣ୍ଡ ସମେତ ଶରୀରର ସମସ୍ତ ଅଙ୍ଗର ମାଂସପେଶୀ ଲାଭ କରୁଥିବା ସ୍ନାୟବିକ ସୂଚନାକୁ ବାଧାଦିଏ। ମୂଷାଠାରେ ହୋଇଥିବା ଏକ ପରୀକ୍ଷାରୁ ଏହା ୨୦ ମିନିଟ୍ ମଧ୍ୟରେ ହୃତ୍‌ପିଣ୍ଡର କ୍ରିୟା ୨୫% ହ୍ରାସ କରିଥିବାର ଜଣାପଡିଥିଲା।

ଏଣୁ ଆମେ ବହୁଳ ଭାବେ ବ୍ୟବହାର କରୁଥିବା ଲିପ୍‌ଷ୍ଟିକ୍ ଦେହ ପାଇଁ ବିଷାକ୍ତ ସାବ୍ୟସ୍ତ ହୋଇପାରେ। ତାହା ଯେତେ ଶସ୍ତା ସେଥିରେ କ୍ଷତିକାରକ ଅପମିଶ୍ରଣର ମାତ୍ରା ସେତେ ଅଧିକ ହେବାର ସମ୍ଭାବନା ରହିଛି। ଅଧିକାଂଶ ଲିପ୍‌ଷ୍ଟିକ୍‌ର ରଙ୍ଗ ଲାଲ୍। ଏଣୁ ଏହାକୁ ବିପଦ ସୂଚାଉଥିବା ଲାଲ୍ ସଙ୍କେତ ରୂପେ ଗ୍ରହଣ କରି ତାହା ଯେତେ ସମ୍ଭବ କମ୍ ବ୍ୟବହାର କରିବା କିମ୍ବା ଆଦୌ ନ କରିବା ନିରାପଦ ହେବ।

ମୋ-୯୯୩୭୯୮୫୭୬୬

# ଓଡ଼ିଆ ସାହିତ୍ୟର ଶ୍ରୀମନ୍ଦିର



ମୀନାକ୍ଷୀ ଦେବୀ

ଓଡ଼ିଶା ଇତିହାସରେ ୧୯୦୩ ମସିହାର ଗୁରୁତ୍ୱ ଅବିସ୍ମରଣୀୟ। ଏହିବର୍ଷ ଗଠିତ ହୋଇଥିଲା ଦୁଇଟି ଅନନ୍ୟ ଅନୁଷ୍ଠାନ 'ଉତ୍କଳ ସମ୍ମିଳନୀ' ଓ 'ଉତ୍କଳ ସାହିତ୍ୟ ସମାଜ', ଯେଉଁ ଦୁଇଟି ଅନୁଷ୍ଠାନ ଏକ ନୂତନ ଉତ୍କଳ ଗଠନରେ ପ୍ରମୁଖ ଭୂମିକା ନେଇଥିଲା। ୧୮୦୩ରୁ ୧୯୦୩ ଏହି ଶହେବର୍ଷର ସମୟ ଓଡ଼ିଶାପାଇଁ ଏକ ପକ୍ଷରେ ଦୁଃଖ, ହତାଶା, ପ୍ରାକୃତିକ ବିପଦ, ପଡ଼ୋଶୀଙ୍କ ବିଦ୍ୱେଷ ତଥା ଇଂରେଜ ସରକାରଙ୍କର ଓଡ଼ିଆମାନଙ୍କୁ ଅବହେଳା ଓ ହେୟଜ୍ଞାନରେ ପରିପୂର୍ଣ୍ଣ ଥିଲା, ଅନ୍ୟ ପକ୍ଷରେ ଥିଲା ସବୁ ଦୁଃଖବିପଦକୁ ସାମ୍ନାକରି ଭାଷା, ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରିବା, ସର୍ବୋପରି ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ ହେବାର ସମୟ।

ଭାଷା ଓ ଜାତିର ଏମିତି ଏକ ଉନ୍ମାଦନାମୟ ସମୟ ମଧ୍ୟରେ କଟକ ନର୍ମାଲ ସ୍କୁଲର ତତ୍କାଳୀନ ଅଧ୍ୟକ୍ଷ ଭକ୍ତକବି ମଧୁସୂଦନଙ୍କ ନେତୃତ୍ୱରେ ନର୍ମାଲ ସ୍କୁଲ ପରିସରରେ ସ୍ଥାପିତ ହୋଇଥିଲା 'ଆଲୋଚନା ସଭା'। ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା। ପରେ ଯୁବପୀଢ଼ି ଓ ଅନ୍ୟ ସାହିତ୍ୟିକମାନେ ଏଥିରେ ଯୋଗ ଦେଲେ। ମଧୁସୂଦନ ଥିଲେ ଏହାର ସଭାପତି। ଚନ୍ଦ୍ରମୋହନ ମହାରଣା, ଯୋଗେଶଚନ୍ଦ୍ର ରାୟ, ପଣ୍ଡିତ ହରିହର ରଥ, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରଭୃତି ଏଥିରେ ଯୋଗଦେଇ ପ୍ରବନ୍ଧ ପାଠ ଓ ଆଲୋଚନା ଆଦି କରୁଥିଲେ। ଆଲୋଚନା ସଭାର ବୈଠକ କେତେବେଳେ ନର୍ମାଲ ସ୍କୁଲ ପରିସରରେ ତ କେତେବେଳେ ନିକଟବର୍ତ୍ତୀ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ଘରେ ବସୁଥିଲା। ଏହି 'ଆଲୋଚନା ସଭା'ର ପରିବର୍ଦ୍ଧିତ ରୂପ ହେଉଛି 'ଉତ୍କଳ ସାହିତ୍ୟ ସମାଜ'।

ଦେଶ ମିଶ୍ରଣ ଉଦ୍ଦେଶ୍ୟରେ ରମ୍ଭାଠାରେ ଆହୂତ ସମ୍ମିଳନୀ ପରେ ୧୯୦୩ ଏପ୍ରିଲ ମାସରେ ଅନୁଷ୍ଠିତ 'ଗଞ୍ଜାମ ଜାତୀୟ ସମ୍ମିଳନୀ'ରେ ସାହିତ୍ୟର ଉନ୍ନତି ଓ ଭାଷାର ସୁରକ୍ଷା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀରେ ବହୁ ଜାତିପ୍ରେମୀ ଓ ସାହିତ୍ୟିକ ଯୋଗ ଦେଇଥିଲେ ଯେଉଁମାନଙ୍କ ମଧ୍ୟରୁ ଅନେକ 'ଆଲୋଚନା ସଭା' ସହିତ ସଂଶ୍ଳିଷ୍ଟ ଥିଲେ। ଭାଷା-ସାହିତ୍ୟକୁ ନେଇ ସେ ସମୟର ଭାବାବେଗ 'ଆଲୋଚନା ସଭା'କୁ ଏକ ମହାନ୍ ସାହିତ୍ୟ ଅନୁଷ୍ଠାନରେ ପରିଣତ କରିଥିଲା। ୧୯୦୩ ମେ ୭ ତାରିଖରେ ମଧୁସୂଦନ ରାଓଙ୍କ ସଭାପତିତ୍ୱରେ ଗଠିତ ହୋଇଥିଲା ଶତାୟୁ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'। 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର ଥିଲେ ଏହାର ପ୍ରଥମ ସମ୍ପାଦକ। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଏକ ସ୍ଥାୟୀ କମିଟି ଗଢ଼ାଯାଇଥିଲା ଯାହା 'ଉତ୍କଳ ସାହିତ୍ୟ ସମାଜ' ସହିତ ସଂଯୁକ୍ତ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆ ଯାଇଥିଲା।

'ଉତ୍କଳ ସାହିତ୍ୟ ସମାଜ'ର ନିଜସ୍ୱ ଗୃହ ନ ଥିବାରୁ କେତେବେଳେ ଉତ୍କଳ ସମ୍ମିଳନୀ ମଣ୍ଡପରେ ତ କେତେବେଳେ ଟାଉନ୍‌ହଲରେ ଏହାର ବାର୍ଷିକ ଉତ୍ସବ ହେଉଥିଲା। ସଦସ୍ୟମାନଙ୍କ ପ୍ରଚେଷ୍ଟା ଫଳରେ ବହୁ ରାଜା, ଜମିଦାର ଓ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଦତ୍ତ ଅର୍ଥରେ 'ଉତ୍କଳ ସାହିତ୍ୟ ସମାଜ'ର ସଭାଗୃହ ୧୯୨୬-୨୭ରେ ଗଠିତ ହେଲା ଏବଂ ୧୯୨୮ ଏପ୍ରିଲ୍ ମାସ ୨୨ ତାରିଖରେ ଏହି ସଭାଗୃହର ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହେଲା, ଯାହାର ନାଁ ରହିଲା ଶ୍ରୀରାମଚନ୍ଦ୍ର ଭବନ। ପରବର୍ତ୍ତୀ ସମୟରେ ଶଶିଭୂଷଣ ରାୟ, ଚିନ୍ତାମଣି ଆଚାର୍ଯ୍ୟ, ମଧୁସୂଦନ ଦାଶ (ଶିକ୍ଷକ) ଏବଂ ବହୁ ବଦାନ୍ୟ ବ୍ୟକ୍ତି ଏହାର ପାଠାଗାର ପାଇଁ ପୁସ୍ତକ ଓ ଅର୍ଥ ଦାନ କରିଥିଲେ। ୧୯୪୪ ମସିହାରେ ବହୁ ଦୁଷ୍ପ୍ରାପ୍ୟ ପୁସ୍ତକ ଓ ପତ୍ରପତ୍ରିକାକୁ ନେଇ 'ଉତ୍କଳ ଗୌରବ ମଧୁସୂଦନ ପାଠାଗାର' ଏବଂ ଅଧ୍ୟୟନ କକ୍ଷ ସ୍ଥାପିତ ହେଲା।

(୭।୫ 'ଉତ୍କଳ ସାହିତ୍ୟ ସମାଜ'ର ପ୍ରତିଷ୍ଠା ଦିବସ ଉପଲକ୍ଷେ)

ସମୟକ୍ରମେ 'ଉତ୍କଳ ସାହିତ୍ୟ ସମାଜ' ଭାଷା-ସାହିତ୍ୟର ଉନ୍ନତି ଦିଗରେ ଆଗେଇ ଚାଲିଲା ଓ ଚାଲିଛି ମଧ୍ୟ। ଉତ୍କଳର ବରପୁତ୍ରମାନଙ୍କର ପ୍ରତିକୃତି ଶ୍ରୀରାମଚନ୍ଦ୍ର ଭବନ କକ୍ଷରେ ସ୍ଥାନ ପାଇଛି। ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ଉପରେ ଆଲୋଚନାଚକ୍ର ଏବଂ ପ୍ରବନ୍ଧପାଠ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଅନୁଷ୍ଠାନ ଆନୁକୂଲ୍ୟରେ ବହୁ ଉପାଦେୟ ପୁସ୍ତକ ପ୍ରକାଶିତ ହୋଇଛି। ଭକ୍ତକବି ମଧୁସୂଦନ, ବିଶ୍ୱନାଥ କର, ଗୋପାଳ ପ୍ରହରାଜ, ଶଶିଭୂଷଣ ରାୟ, ରାମଶଙ୍କର ରାୟ, ଚିନ୍ତାମଣି ଆଚାର୍ଯ୍ୟ, ବିଚ୍ଛନ୍ଦଚରଣ, କାଳିନ୍ଦୀଚରଣ, ସରଳାଦେବୀ ପ୍ରଭୃତି ବହୁ ମହାମନୀଷୀ ଏହି ଅନୁଷ୍ଠାନର ସଭାପତି ଓ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫକୀରମୋହନ, ରାଧାନାଥ, ଉତ୍କଳଗୌରବ ମଧୁସୂଦନ, ଗଙ୍ଗାଧର, ନୀଳମଣି ବିଦ୍ୟାରତ୍ନ ପ୍ରଭୃତି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପଦରଜରେ ଧନ୍ୟ ହୋଇଛି ଏହାର ସଭାଗୃହ।

୨୦୦୩-ଶତାବ୍ଦୀ ସମ୍ବତ୍ସର ଉପଲକ୍ଷେ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଶୀତତାପନିୟନ୍ତ୍ରିତ ସଭାକକ୍ଷ 'ଶତାବ୍ଦୀ ଭବନ' ପ୍ରତିଷ୍ଠିତ ହୋଇଛି। ପ୍ରତିଷ୍ଠିତ ହୋଇଛି ଶ୍ରୀଧର ପାଠାଗାର। ପୁଣି 'ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ'ର ପୁସ୍ତକ ପ୍ରୋତ୍ସାହନ ସଂସ୍ଥା ସ୍ଥାପିତ ହୋଇ ଏହାର ଗୌରବ ବୃଦ୍ଧିକରିଛି। ୨୦୧୮ ମସିହାରେ 'ଶତାବ୍ଦୀ ଭବନ'ର ଉପର ମହଲାରେ ସ୍ଥାପିତ ହୋଇଛି 'ସାହିତ୍ୟ ଭବନ'।

୧୯୦୩ରୁ ୨୦୧୯- ୧୧୬ବର୍ଷ ବିତିଗଲାଣି ଏ ଭିତରେ। ଏତେ ଦୀର୍ଘ ସମୟଧରି ନିରବଚ୍ଛିନ ଭାବରେ କ୍ରିୟାଶୀଳ ଥିବା କୌଣସି ସାହିତ୍ୟ ଅନୁଷ୍ଠାନ ପ୍ରାୟତଃ ଭାରତବର୍ଷରେ ନାହିଁ। ଏହା ହିଁ 'ଉତ୍କଳ ସାହିତ୍ୟ ସମାଜ'ର ବୈଶିଷ୍ଟ୍ୟ ଓ ତା'ର ଗୌରବ। ଏହି ଅନୁଷ୍ଠାନର ପ୍ରଥମ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରି କବିବର ରାଧାନାଥ କହିଥିଲେ, 'ମନୁଷ୍ୟ କେବଳ ମସ୍ତିଷ୍କବାନ୍ ନୁହେଁ, ତା'ର ଆତ୍ମା ଓ ହୃଦୟ ମଧ୍ୟ ଅଛି। ଏହି ଆତ୍ମା ଓ ହୃଦୟର ଅସ୍ତିତ୍ୱ ଲୋପ ନ ହେବା ପର୍ଯ୍ୟନ୍ତ ସାହିତ୍ୟର ଲୋପ ଅସମ୍ଭବ। ଯେତେଦିନ ଯାଏ ଏ ଜାତି ବଞ୍ଚିରହିଥିବ, ସେତେଦିନ ଯାଏ ରହିଥିବ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟର ଶ୍ରୀମନ୍ଦିର ଏହି 'ଉତ୍କଳ ସାହିତ୍ୟ ସମାଜ'। ଏ ଶତାୟୁ ଅନୁଷ୍ଠାନ ସହସ୍ରାୟୁ ହେଉ ଓ କାଳ ବକ୍ଷରେ ଉଡ଼ାଉ ଓଡ଼ିଆ ଭାଷା-ସାହିତ୍ୟର ବିଜୟଧ୍ୱଜ- ଏହାହିଁ ଆଜିର କାମନା।

ଝାଞ୍ଜିରୀମଙ୍ଗଳା (ଚକୋଲୋଟ୍ ଲେନ୍), କଟକ, ମୋ: ୯୩୩୭୨୭୨୨୪୭

## ଏଇ ଭାରତରେ

ବିବାହକୁ ନେଇ ବିଭିନ୍ନ ସ୍ଥାନରେ ରହିଛି ଭିନ୍ନ ଭିନ୍ନ ପରମ୍ପରା। ଆମେ ଦେଶର ମଧ୍ୟପ୍ରଦେଶ ଓ ଛତିଶଗଡ଼ ଆଦିବାସୀଙ୍କ ବିବାହ ପରମ୍ପରା ଅନ୍ୟମାନଙ୍କଠୁ ନିଆରା। ଏଠାରେ ରହୁଥିବା ବୈଗା ଜନଜାତି ବିବାହ ପୂର୍ବରୁ ଗୋଟିଏ ରାତି ଜଙ୍ଗଲରେ ବିତାଇ ଥାଆନ୍ତି। ଏହା ସେମାନଙ୍କର ପରମ୍ପରା ବୋଲି କୁହାଯାଏ। ପ୍ରତିବର୍ଷ ହୋଲିପର୍ବ ପରେ ଏଠାରେ ପାଳନ କରାଯାଏ ଏହି ପରମ୍ପରା। ଉକ୍ତ ପରମ୍ପରା ଅନୁଯାୟୀ ଗୋଟିଏ ଗାଁର କେତେକ ଯୁବକ ଅନ୍ୟ ଗାଁକୁ ନାଚିବାକୁ ଯାଇଥାଆନ୍ତି। ସେମାନେ ଯୁବତୀମାନଙ୍କ ସହ ନାଚିଥାଆନ୍ତି। ଏହି ସମୟରେ ସେମାନେ ପରସ୍ପରକୁ ପ୍ରେମ ନିବେଦନ କରନ୍ତି। ଏଥିରେ ସଫଳ ହେଲେ ପ୍ରେମୀଯୁଗଳ ଗୋଟିଏ ରାତି ଜଙ୍ଗଲରେ ବିତାଇଥାଆନ୍ତି। ପରେ ସେମାନେ ଘରକୁ ଫେରି ଗୁରୁଜନଙ୍କ ଆଶୀର୍ବାଦ ନେଇଥାଆନ୍ତି। ଏହାପରେ ଉଭୟଙ୍କର ବିବାହ କରାଯାଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୬ ମେ ୧୯୯୪

- କଟକ ଜିଲାର ଦୈତାରି ନିକଟରେ ଏକ ଇସ୍ପାତ କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାର ଓ ମେସ୍କୋ ଶିଳ୍ପ ଗ୍ରୁପ୍ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ପାଲେଷ୍ଟାଇନକୁ ସ୍ୱାୟତ୍ତ ଶାସନ କ୍ଷମତା ଦେବା ସଂକ୍ରାନ୍ତରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ୟିତଝାକ ରାବିନ ଏବଂ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନର ଅଧ୍ୟକ୍ଷ ୟାସେର ଆରାଫତଙ୍କ ମଧ୍ୟରେ ଏକ ଐତିହାସିକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ !
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ଡାକ୍ତରଖାନା ଅବସ୍ଥା ସୁଧୁରିବ କେବେ

ମହାଶୟ,

ଜଟଣୀ ସହର ଏବଂ ଆଖପାଖ ଗାଁଗଣ୍ଡାରୁ ଶହ ଶହ ରୋଗୀ ଚିକିତ୍ସା ପାଇଁ ଜଟଣୀର ଏକମାତ୍ର ସରକାରୀ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ଜଣେ ଦୁଇଜଣ ଡାକ୍ତରଙ୍କ ଦ୍ୱାରା ଡାକ୍ତରଖାନାଟି ଚାଲୁଥିଲେ ମଧ୍ୟ ଚିକିତ୍ସା ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ। ରାତିରେ ଯଦି କୌଣସି ରୋଗୀ ଯାଆନ୍ତି ତେବେ ଡାକ୍ତର ଚିକିତ୍ସା ନ କରି ଖୋର୍ଦ୍ଧା କିମ୍ବା ଭୁବନେଶ୍ୱରକୁ ରେଫର କରିଦିଅନ୍ତି। ଡାକ୍ତରଖାନାରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ତାହା ଖତ ଖାଉଛି। ଗରିବ ଲୋକଙ୍କୁ ସେମାନଙ୍କ ରୋଗୀଙ୍କୁ ଧରି ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ। ଛୋଟ ଛୋଟ କେସ୍‌ରେ ମଧ୍ୟ ଡାକ୍ତରମାନେ କୌଣସି ଦାୟିତ୍ୱ ନିଅନ୍ତି ନାହିଁ। ଆଶାକରୁ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବେ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### କାଳିଆ ଯୋଜନାରୁ ବଞ୍ଚିତ

ରାଜ୍ୟ ସରକାର କାଳିଆ ଯୋଜନାରେ କୃଷକ, ଭୂମିହୀନ ପରିବାରକୁ ସହାୟତା ରାଶି ଯୋଗାଇ ଦେଉଥିବା ବେଳେ ପୁରୀ ଜିଲା ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଶତାଧିକ ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। କାଳିଆ ଯୋଜନା ହେଉଛି ଦେଶର ସବୁଠାରୁ ଭଲ ଓ ଶ୍ରେଷ୍ଠ ଯୋଜନା। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ଯୋଜନାରୁ ବାଦ୍ ପଡିଥିବା ଚାଷୀ ମହଲରେ ଦୃଢ଼ ଦାବି ହେଉଛି।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଏପ୍ରିଲ ୨୮- ଇଣ୍ଡୋନେସିଆ ନିର୍ବାଚନ ଭୋଟ ଗଣତିବେଳେ କାର୍ଯ୍ୟଚାପରେ ୨୭୨ ଜଣ ନିର୍ବାଚନ କର୍ମଚାରୀଙ୍କ ମୃତ୍ୟୁ ଘଟିଛି ଏବଂ ୧୮୭୮ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି।

୨୯- ପିକିସ୍ତାନ ସୀମା ଉଲ୍ଲଂଘନ ଅଭିଯୋଗରେ ଗିରଫ କରି ଜେଲରେ ରଖିଥିବା ୫୫ଭାରତୀୟ ଧୀବର ଓ ୫ ସାଧାରଣ ନାଗରିକଙ୍କୁ ମୁକ୍ତ କରିଛି।

୩୦- ଭଦ୍ରକ ଜିଲାର ତିହିଡ଼ିରେ ବିଷାକ୍ତ ମଦ ପିଇ ୯ ମୃତ ଏବଂ ୬୦ରୁ ଊର୍ଦ୍ଧ୍ୱ ଅସୁସ୍ଥ।

ମେ ୧-ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ବୁଧବାର ମାଓବାଦୀମାନେ ବିସ୍ଫୋରଣ ଘଟାଇବାରୁ ଡ୍ରାଇଭରଙ୍କ ସହ ୧୫ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି।

୩- ମହାବାତ୍ୟା 'ଫନୀ' ଦ୍ୱାରା ପୁରୀ ସମେତ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ବ୍ୟାପକ କ୍ଷୟକ୍ଷତି। ୧୪୦ରୁ ୨୦୦ କିମି ବେଗରେ ବହିଲା ପବନ।

## ସଂକ୍ଷେପରେ

### ଟାଟା ମୋଟର୍ସ ବନ୍ଦ କରିବ ଛୋଟ ଡିଜେଲ କାର୍ ବିକ୍ରି

**ନୂଆଦିଲ୍ଲୀ,୫-୫:** ପ୍ରଦୂଷଣ ନିୟନ୍ତ୍ରଣ ସଂକ୍ରାନ୍ତ ନିୟାମକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମାରୁତି ସୁଜୁକି ପରେ ଏବେ ଟାଟା ମୋଟର୍ସ ନିଜର ପୋର୍ଟଫୋଲିଓରୁ ଛୋଟ ଡିଜେଲ କାର୍ ହଟାଇ ଦେବାକୁ ବିଚାର କରୁଛି। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଦେଶରେ ବିଏସ୍୬ ନିୟମ ଲାଗୁ ହେବା ପରେ ଡିଜେଲ ଗାଡ଼ି ମହଙ୍ଗା ହୋଇଯିବା କାରଣରୁ ଏହାର ଚାହିଦା ହ୍ରାସ ପାଇବ। ୨୦୨୦ ଏପ୍ରିଲରୁ ଡିଜେଲ କାର୍ ଉତ୍ପାଦନ ବନ୍ଦ କରିଦେବ ବୋଲି ଦେଶର ସର୍ବବୃହତ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକି ପୂର୍ବରୁ କହିସାରିଛି। ଆସନ୍ତା ବର୍ଷ ଏପ୍ରିଲରୁ ବିଏସ୍୬ ନିୟମ ଲାଗୁ ହେବ। ଅନ୍ୟପକ୍ଷରେ ଟାଟା ମୋଟର୍ସ ବର୍ତ୍ତମାନ ଏଣ୍ଟ୍ରି ଲେବଲରେ ହ୍ୟାଚ୍‌ବ୍ୟାକ୍ ଟିଆଗୋ, ସେଡାନ, ବୋଲ୍ଟ ଓ ଜେଷ୍ଟ କାର୍ ବିକ୍ରି କରିଥାଏ। ଟାଟା ମୋଟର୍ସର ପାସେଞ୍ଜର ଭେହିକିଲ୍ ବିଜନେସ୍ ୟୁନିଟ ପ୍ରେସିଡେଣ୍ଟ ମୟଙ୍କ ପାରିକଙ୍କ ମତରେ ଛୋଟ ଓ ମିଡ୍ ସାଇଜ ଡିଜେଲ ଇଞ୍ଜିନ କାର୍ ଚାହିଦା ଧିମା ହେବା କାରଣରୁ ଛୋଟ କ୍ଷମତାର ନୂଆ ଇଞ୍ଜିନ ବିକାଶ କରିବା ଖର୍ଚ୍ଚ ଅପେକ୍ଷାକୃତ ଅଧିକ ହେବ। ଏହି ବର୍ଗରେ ୮୦ ପ୍ରତିଶତ ଚାହିଦା ପେଟ୍ରୋଲ ଭାରିଆଣ୍ଟ ପ୍ରତି ରହୁଛି। ସେ କହିଛନ୍ତି ଯେ, ବିଏସ୍୬ ଇଞ୍ଜିନଯୁକ୍ତ ଡିଜେଲ ଗାଡ଼ି ଅତ୍ୟଧିକ ମହଙ୍ଗା ହୋଇଯିବ। ଫଳରେ ଏହାର ବୋଝ କ୍ରେତା ମୁଣ୍ଡାଇବେ। ଫଳରେ ଡିଜେଲ ଇଞ୍ଜିନଯୁକ୍ତ ଗାଡ଼ି ଚାହିଦା ଯଥେଷ୍ଟ ହ୍ରାସ ପାଇବ।

### ଇ-ଭିଜାରେ ୨୫ ଲକ୍ଷ ବିଦେଶୀ ଆସିଛନ୍ତି

**ନୂଆଦିଲ୍ଲୀ,୫-୫:** ଭାରତ ଗତବର୍ଷ ୨୫ ଲକ୍ଷରୁ ଅଧିକ ଇ-ଭିଜା ଜାରି କରିଥିଲା ଏବଂ ୨୦୧୫ ତୁଳନାରେ ଏଥିରେ ୫ ଗୁଣ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଭିଜାର ମୁଖ୍ୟ ଶ୍ରେଣୀ ସଂଖ୍ୟା ୨୬ରୁ ହ୍ରାସ ପାଇ ୨୧ ହୋଇଛି। ଗୃହ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ଭିଜାର ଉପଶ୍ରେଣୀ ସଂଖ୍ୟା ୧୦୪ରୁ ୬୫କୁ ହ୍ରାସ ପାଇଛି। ଏଭଳି ଭାବେ ଭିଜା ପାଇବାରେ ଥିବା ଆଶଙ୍କାକୁ ଅନେକାଂଶରେ ଦୂର କରାଯାଇପାରିଛି। ଗୃହ ମନ୍ତ୍ରଣାଳୟ ଅଧୀନ ଇମିଗ୍ରେସନ ବ୍ୟୁରୋ ପକ୍ଷରୁ ୨୦୧୫ରେ ୫.୨୯ ଲକ୍ଷ ଇ-ଭିଜା ଜାରି କରାଯାଇଥିଲା, ଯାହା କି ଗତବର୍ଷ ଅର୍ଥାତ୍ ୨୦୧୮ରେ ୨୫.୧୫ ଲକ୍ଷରେ ପହଞ୍ଚିଯାଇଛି। ସେହିପରି ବିଦେଶରେ ଭାରତୀୟ ମିଶନ ଦ୍ୱାରା ଜାରି ନିୟମିତ ଅଥବା ପେପର ଭିଜା ସଂଖ୍ୟା ଏହି ଅବଧିରେ ୪୫ ଲକ୍ଷରୁ ହ୍ରାସ ପାଇ ୩୫ ଲକ୍ଷ ହୋଇଛି।

### ନିର୍ବାଚନ ଯୋଗୁ ଖଦିର ରେକର୍ଡ ବିକ୍ରି

**ନୂଆଦିଲ୍ଲୀ,୫-୫:** ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଖଦିର ଡ୍ରେସ ଡିମାଣ୍ଡ ବେଶ୍ ବଢ଼ିଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ଖଦି କାରବାର ଗତବର୍ଷ ଅପେକ୍ଷା ୨୯ପ୍ରତିଶତ ବୃଦ୍ଧିପାଇଛି। ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ ଅଧକ୍ଷ ବିନୟ କୁମାର ସାକ୍ସେନା କହିଛନ୍ତି ଯେ, ବିଗତ ୫ ବର୍ଷକୁ ହିସାବକୁ ନେଲେ ୨୦୧୩-୧୪ ପରେ ଖଦି କାରବାର ୪ ଗୁଣା ବୃଦ୍ଧି ପାଇଛି। ୨୦୧୩-୧୪ରେ ଏହି କାରବାର ୮୧୧ କୋଟି ଟଙ୍କା ଥିଲା ବେଳେ ୨୦୧୮-୧୯ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ଏହା ୩୨୧୫ କୋଟି ଟଙ୍କାରେ ପହଞ୍ଚିଛି। ଗତ କିଛି ବର୍ଷ ହେଲା ଦେଶରେ କେତେକ ରାଜ୍ୟରେ ବିଧାନସଭା ଅନୁଷ୍ଠିତ ହୋଇଥିବା ବେଳେ ଏବେ ସାଧାରଣ ନିର୍ବାଚନ ହେଉଛି। ଏବେ ଗ୍ରୀଷ୍ମ ପ୍ରବାହ କାରଣରୁ ନେତା ଏବଂ ରାଜନୈତିକ କର୍ମୀଙ୍କ ମଧ୍ୟରେ ଖଦି କପଡାର ଚାହିଦା ବେଶ ବଢ଼ିଛି। କାରଣ ଖରାଦିନେ ଏହି ଡ୍ରେସ୍ ପିନ୍ଧିବା ସ୍ୱାସ୍ଥ୍ୟ ଦୃଷ୍ଟିରୁ ବେଶ୍ ଆରାମଦାୟକ ଓ ଲାଭଦାୟକ ହୋଇଥାଏ। ବିକ୍ରି ହୋଇଥିବା ଖଦି ମଧ୍ୟରେ ୪୦ ପ୍ରତିଶତ କେବଳ କପଡା ହୋଇଥିବା ବେଳେ ୬୦ ପ୍ରତିଶତ ସିଲେଇ ହୋଇଥିବା ଡ୍ରେସ୍ ରହିଛି।

# କ୍ଷୀଣ ହେଉଛି ଜେଟ୍ ଏୟାରୱେଜ ବିକ୍ରି

**ନୂଆଦିଲ୍ଲୀ,୫-୫**

ଜେଟ୍ ଏୟାରୱେଜକୁ କିଣିବା ଲାଗି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ପ୍ରାରମ୍ଭରେ ଆଗ୍ରହ ପ୍ରକାଶ କରିଥିବା କମ୍ପାନୀଗୁଡ଼ିକ ଏବେ ପଛକୁ ହଟିବା ଆରମ୍ଭ କଲେଣି। ଏଣୁ ଉକ୍ତ ଘରୋଇ ବିମାନ କମ୍ପାନୀକୁ ବିକ୍ରି କରିବା ସମ୍ଭବ ହେବ ନାହିଁ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି। ଫଳରେ କମ୍ପାନୀକୁ ଦେବାଳିଆ ସମାଧାନ ପ୍ରକ୍ରିୟା ଅଧୀନକୁ ଆଣିବା ଛଡ଼ା ଅନ୍ୟବାଟ ରହିବ ନାହିଁ ବୋଲି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଜେଟ୍‌କୁ କିଣିବା ଲାଗି କେହି ଆଗ୍ରହ ପ୍ରକାଶ କଲେ ସରକାର ଅନ୍ୟକୁ ହସ୍ତାନ୍ତର କରିଥିବା ସ୍ଲଟ୍‌ଗୁଡ଼ିକୁ ପୁନର୍ବାର ଫେରାଇ ଦେବେ। କାରଣ ଏଗୁଡ଼ିକୁ ଅସ୍ଥାୟୀ ଭାବେ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। କିନ୍ତୁ ଅଦ୍ୟାବଧି କେହି ଚୂଡ଼ାନ୍ତ ବିଡ୍ ଦାଖଲ ନ କରିବା ଚିନ୍ତାର ବିଷୟ।




ଅନ୍ୟପକ୍ଷରେ ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ନିକଟ ଭବିଷ୍ୟତରେ ଯେ କେହି ଜେଟ୍‌କୁ ଏନ୍‌ସିଏଲ୍‌ଟିକୁ ଟାଣିବ। ଏହା କେବଳ ସମୟକୁ ଅପେକ୍ଷା କରିବା ଛଡ଼ା ଅନ୍ୟ କିଛି ନୁହେଁ। ସୂଚନାଥାଉ କି, ଜେଟ୍ ଏୟାରୱେଜକୁ ବିକ୍ରି କରିବା ଲାଗି ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ ସମୂହ ବିଡ୍ ଆହ୍ୱାନ କରିଛି। ୧୦ ତାରିଖ ସୁଦ୍ଧା ବିଡ୍ ଦାଖଲ ଲାଗି ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ କେହି ଆଗ୍ରହ ପ୍ରଦର୍ଶନ ନ କଲେ କର୍ମଚାରୀ ଓ ନିବେଶକଙ୍କୁ ନେଇ ଗଠିତ କନ୍‌ସୋର୍ଟିୟମ ପକ୍ଷରୁ ଦିଆଯିବାକୁ ଥିବା ବିଡ୍ ଉପରେ ବିଚାର କରାଯିବ ବୋଲି ଏସ୍‌ବିଆଇ କ୍ୟାପିଟାଲ କହିଛି। କମ୍ପାନୀ ଉପରେ ଏବେ ପ୍ରାୟ ୮୪୦୦ କୋଟି ଟଙ୍କାର ଋଣ ବକେୟା ରହିଥିବା ବେଳେ ଏହାକୁ ଆଦାୟ କରିବା ଲାଗି ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ ସମୂହ କମ୍ପାନୀର ୫୧% ଅଂଶଧନ ନିଜ ହାତକୁ ନେଇଛନ୍ତି। ସମୂହ ପକ୍ଷରୁ ଏସ୍‌ବିଆଇ କ୍ୟାପିଟାଲକୁ ବିଡ଼ିଂ ପାଇଁ ଦାୟିତ୍ୱ ଦିଆଯାଇଛି। ଇତିମଧ୍ୟରେ ଟିପିଜି କ୍ୟାପିଟାଲ, ଇଣ୍ଡିଗୋ ପାର୍ଟନର୍ସ, ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ(ଏନ୍‌ଆଇଆଇଏଫ୍) ଏବଂ ଏତିହାଦ୍ ଏୟାରୱେଜ ଜେଟ୍‌ର ଅଂଶଧନ କିଣିବା ଲାଗି ଆଗ୍ରହ ପ୍ରଦର୍ଶନ କରିଥିଲେ ହେଁ ସେମାନେ ଚୂଡ଼ାନ୍ତ ବିଡିଂରେ ସାମିଲ ହେବାକୁ ଅମଙ୍ଗ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଜେଟ୍ କର୍ମଚାରୀମାନେ ବିଡ୍ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଲାଗି ଏସ୍‌ବିଆଇର ଅନୁମତି ମାଗିଛନ୍ତି। କମ୍ପାନୀକୁ ଅଧିଗ୍ରହଣ କରିବା ଲାଗି ସେମାନେ ବାହ୍ୟ ନିବେଶକଙ୍କଠାରୁ ପ୍ରାୟ ୩ହଜାର କୋଟି ଟଙ୍କା ଆଣିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବିଦେଶୀ ନିବେଶକ କାଢ଼ିନେଲେ ୧୨୫୫ କୋଟି

**ମୁମ୍ବାଇ, ୫-୫:** ବିଦେଶୀ ନିବେଶକମାନେ ଗତ ୩ ମାସ ହେବ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ ପ୍ରକାଶ କରିଥିବା ବେଳେ ଚଳିତ ମାସର ମାତ୍ର ଦୁଇ ଦିନରେ ୧୨୫୫ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। ସଦ୍ୟତମ ଡିପୋଜିଟୋରୀ ଡାଟା ଅନୁଯାୟୀ, ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସ (ଏଫ୍‌ପିଆଇ) ଇକ୍ୱିଟି ମାର୍କେଟରୁ ୩୬୭.୩୦ କୋଟି ଟଙ୍କା , ଡେଟ୍ ମାର୍କେଟରୁ ୮୮୮.୧୯ କୋଟି ଟଙ୍କା ଏପରି ମେ ୨-୩ରେ ମୋଟ୍ ୧୨୫୫.୪୯ କୋଟି ଟଙ୍କା କାଢ଼ି ନେଇଛନ୍ତି। ମହାରାଷ୍ଟ୍ର ଦିବସ ଉପଲକ୍ଷେ ମାର୍କେଟ ମେ ପହିଲାରେ ବନ୍ଦ ରହିଥିଲା। ଏଫ୍‌ପିଆଇ ଏପ୍ରିଲରେ ୧୬,୦୯୩ କୋଟି ଟଙ୍କା, ମାର୍ଚ୍ଚରେ ୪୫,୯୮୧ କୋଟି ଟଙ୍କା ଏବଂ ଫେବୃୟାରୀରେ ୧୧,୧୮୨ କୋଟି ଟଙ୍କା ନିବେଶ କରିଥିଲେ। ଜିଓଜିତ୍ ଫାଇନାନ୍‌ସିଆଲ ସର୍ଭିସେସ୍‌ର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ଭି.କେ.ବିଜୟକୁମାର କହିଛନ୍ତି ଯେ, ମାତ୍ର ଦୁଇଦିନର କାରବାରକୁ ଦେଖି ଏଫ୍‌ପିଆଇଙ୍କ ଗତିବିଧି ସମ୍ପର୍କରେ ଜାଣିବା ଅସମ୍ଭବ। ସାଧାରଣ ନିର୍ବାଚନ ଫଳାଫଳକୁ ସେମାନେ ଅପେକ୍ଷା କରିଥିବା ମନେହେଉଛି। ବିଶ୍ୱର ଅଗ୍ରଣୀ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ସୁଧ ହାର ନେଇ ସ୍ଥିତାବସ୍ଥା ବଜାୟ ରଖିବା ଉପରେ ଜୋର୍ ଦେଇଥିବାରୁ ବିଗତ ଦିନରେ ଭାରତରେ ବିଦେଶୀ ଅର୍ଥ ପ୍ରବାହ ବଢ଼ିଛି ବୋଲି ଫଣ୍ଡସ୍‌ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ ରିସର୍ଚ୍ଚ ମୁଖ୍ୟ ବିଦ୍ୟା ବାଲା କହିଛନ୍ତି।




■ ବି୨ବି ଇନ୍‌ଭଏସ

# ସେପ୍ଟେମ୍ବରରୁ ବାଧ୍ୟତାମୂଳକ





**ନୂଆଦିଲ୍ଲୀ,୫-୫:** ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଧୀନରେ ଟିକସ ଫାଙ୍କିକୁ ରୋକିବା ଲାଗି କେନ୍ଦ୍ର ସରକାର ନୂଆ ନୂଆ ପନ୍ଥା ଆଣୁଛନ୍ତି। ଏହି କ୍ରମରେ ଏକ ନିର୍ଦ୍ଧାରିତ ସୀମାଠାରୁ ଉର୍ଦ୍ଧ୍ୱରେ କାରବାର ଉପରେ ବ୍ୟବସାୟୀଙ୍କ ମଧ୍ୟରେ ହେଉଥିବା କିଣାବିକା ପାଇଁ ତିଆରି ହେଉଥିବା ଇନ୍‌ଭଏସ ଅର୍ଥାତ୍ ଚାଲାଣକୁ ସରକାରୀ ପୋର୍ଟାଲ ବା ଜିଏସ୍‌ଟିଏନ୍‌ରୁ କାଢ଼ିବାକୁ ହେବ। ଆସନ୍ତା ସେପ୍ଟେମ୍ବରରୁ ଏହା ବାଧ୍ୟତାମୂଳକ ହେବ। ଏଭଳି ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିବା ଲାଗି କେନ୍ଦ୍ର, ରାଜ୍ୟ ଏବଂ ଜିଏସ୍‌ଟି ନେଟ୍‌ୱର୍କର ମୋଟ ୧୩ ଜଣ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କେନ୍ଦ୍ର ରାଜସ୍ୱ ସଚିବ ଏହାକୁ ଲାଗୁ କରିବା ନେଇ ଅନୁଧ୍ୟାନ କରୁଛନ୍ତି। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ବି୨ବି କିଣାବିକା ଲାଗି ଇ-ଚାଲାଣ ବ୍ୟବସ୍ଥାକୁ ଆସନ୍ତା ୩-୪ ମାସ ମଧ୍ୟରେ ଆରମ୍ଭ କରାଯିବ। ଏହା ପର୍ଯ୍ୟାୟକ୍ରମେ ଲାଗୁ ହେବ। ଏହାଦ୍ୱାରା ଜିଏସ୍‌ଟି ଫାଙ୍କିକୁ ଅନେକାଂଶରେ ରୋକାଯାଇପାରିବ ବୋଲି ଆଶାକରାଯାଉଛି। ଏହାଦ୍ୱାରା ବ୍ୟବସାୟୀଙ୍କୁ ମଧ୍ୟ ଜିଏସ୍‌ଟି ରିଟର୍ନ ଦାଖଲ କରିବା ସହଜ ହେବ। କାରଣ ସେମାନଙ୍କର ମାଲ୍ ଚାଲାଣର ସମ୍ପୂର୍ଣ୍ଣ ତଥ୍ୟ ପୂର୍ବରୁ ଜିଏସ୍‌ଟିଏନ୍ ନିକଟରେ ଉପଲବ୍ଧ ହେବ। ସେ କହିଛନ୍ତି ଯେ, ପଠାଯାଉଥିବା ମାଲ୍‌ର ମୂଲ୍ୟ ଆଧାରରେ ଇ-ଚାଲାଣ ନିୟମ ଲାଗୁ ହୋଇପାରେ।

# ଅଶୋଧିତ ତେଲ ଆମଦାନୀ ୮୪% ବୃଦ୍ଧି

**ନୂଆଦିଲ୍ଲୀ,୫-୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅଶୋଧିତ ତେଲ ନିର୍ଭରତା ୧୦% କମାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଚାହିଦା କିନ୍ତୁ ବଢ଼ିବାରେ ଲାଗିଛି। ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ, ଦେଶର ଅଶୋଧିତ ତେଲ ଆମଦାନୀ ସର୍ବୋଚ୍ଚ ସ୍ତର ୮୪%ରେ ପହଞ୍ଚିଯାଇଛି। ସୂଚନାଥାଉ କି, ୨୦୧୫ ମାର୍ଚ୍ଚରେ 'ଉର୍ଜା ସଙ୍ଗମ'ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ୨୦୨୨ ସୁଦ୍ଧା ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶର ତେଲ ଆମଦାନୀ ନିର୍ଭରତାକୁ ୬୭%କୁ ହ୍ରାସ କରିବାକୁ ହେବ। ୨୦୧୩-୧୪ରେ ଏହା ୭୭ ପ୍ରତିଶତ ଥିଲା। ପ୍ରଧାନମନ୍ତ୍ରୀ ୨୦୩୦ ସୁଦ୍ଧା ଦେଶର ଅଶୋଧିତ



ତେଲ ଆମଦାନୀକୁ ୫୦%କୁ ହ୍ରାସ କରିବା ଲାଗି ଆହ୍ୱାନ ଦେଇଥିଲେ। ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନ ପେଟ୍ରୋଲିୟମ ଯୋଜନା ଏବଂ ବିଶ୍ଳେଷଣ ପ୍ରକୋଷ୍ଠ(ପିପିଏସି)ର ରିପୋର୍ଟ ଅନୁସାରେ ତୈଳ ବ୍ୟବହାର ଦ୍ରୁତଗତିରେ ବୃଦ୍ଧିପାଉଥିବା ବେଳେ ଏବଂ ଉତ୍ପାଦନ ସ୍ଥିର ରହିବା କାରଣରୁ ଦେଶର ଅଶୋଧିତ ତୈଳ ଆମଦାନୀ ନିର୍ଭଶୀଳତା ବୃଦ୍ଧି ପାଇ ୨୦୧୮-୧୯ରେ ୮୩.୭ ପ୍ରତିଶତରେ ପହଞ୍ଚିଯାଇଛି, ଯାହା କି, ୨୦୧୭-୧୮ରେ ୮୨.୯ ପ୍ରତିଶତ ରହିଥିଲା। ପିପିଏସି ଅନୁସାରେ, ୨୦୧୫-୧୬ରେ ଆମଦାନୀ ୮୦.୬% ରହିଥିଲା। ଦେଶର ଅଶୋଧିତ ତୈଳ ଉପଯୋଗ ୨୦୧୫-୧୬ରେ ୧୮.୪୭ କୋଟି ଟନ ଥିଲା ବେଳେ ୨୦୧୬-୧୭ରେ ଏହା ବୃଦ୍ଧି ପାଇ ୧୯.୪୬ କୋଟି ଏବଂ ୨୦୧୭-୧୮ରେ ୨୦.୬୨ କୋଟି ଟନ ହୋଇଥିଲା। ସେହିପରି ୨୦୧୮-୧୯ରେ ଚାହିଦା ୨.୬ ପ୍ରତିଶତ ବୃଦ୍ଧି ପାଇ ୨୧.୧୬ କୋଟି ଟନରେ ପହଞ୍ଚିଯାଇଛି। ତେବେ ଏହି ସମୟରେ ଘରୋଇ ଉତ୍ପାଦନ ହ୍ରାସ ପାଇଛି। ୨୦୧୫-୧୬ରେ ଉତ୍ପାଦନ ୩.୬୯ କୋଟି ଟନ ଥିଲା ବେଳେ ୨୦୧୬-୧୭ରେ ଏହା ୩.୬ କୋଟି ଟନ ରହିଥିଲା। କିନ୍ତୁ ୨୦୧୭-୧୮ରେ ଏହା ୩.୫୭ କୋଟି ଟନ ଏବଂ ୨୦୧୮-୧୯ରେ ଏହା ୩.୪୨ କୋଟି ଟନକୁ କମିଯାଇଛି।

OFFICE OF THE ANGUL MUNICIPALITY, ANGUL
No. 3110 Date: 03.05.2019
2nd CORRIGENDUM
The date of opening of tenders with reference to Bid Identification No. EO/AGLM-12/2018-19, EO/AGLM-13/2018-19, EO/AGLM-14/2018-19, and No. 2011/dt. 07.03.2019 in rescheduled to dt. 09.05.19 at 9.00 A.M. instead of 25.05.19 at 11.00 A.M. due to Imposition of Model Code of Conduct for General Election 2019.
Sd./- S.K. Jena
Executive Officer
Angul Municipality

ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟ
ବିଦ୍ୟାର୍ଥୀଙ୍କୁ ପ୍ରେରଣା, ସମାଜର ସଶକ୍ତୀକରଣ
(ଏକ ସଂସଦ ଅଧିନିୟମ ଦ୍ୱାରା ୨୦୦୭ରେ ପ୍ରତିଷ୍ଠିତ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ)
ଅମରକଣ୍ଟକ, ଜିଲ୍ଲା-ଅନୁପପୁର, ମଧ୍ୟପ୍ରଦେଶ - ୪୮୪୮୮୭
ନାମଲେଖା ଅଧିସୂଚନା ୨୦୧୯-୨୦
ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା (ଆଇଜିଏନ୍‌ଟିୟୁ-ଏଆଇଇଇ) ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମରେ ନାମଲେଖା ପାଇଁ ପ୍ରତିଭାବାନ ଓ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି:
ଆଇଜିଏନ୍‌ଟିୟୁ ମୁଖ୍ୟ କ୍ୟାମ୍ପସ୍, ଅମରକଣ୍ଟକଠାରେ ଅଧ୍ୟୟନ କାର୍ଯ୍ୟକ୍ରମ
**ବି.ଏ. କାର୍ଯ୍ୟକ୍ରମ:** (ଇତିହାସ, ରାଜନୀତି ବିଜ୍ଞାନ, ଭୂଗୋଳ), (ଇତିହାସ, ଅର୍ଥଶାସ୍ତ୍ର, ସମାଜ ବିଜ୍ଞାନ), (ହିନ୍ଦୀ, ଇତିହାସ, ମନୋବିଜ୍ଞାନ), (ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ, ମନୋବିଜ୍ଞାନ), (ରାଜନୀତି ବିଜ୍ଞାନ, ଭୂଗୋଳ, ଅର୍ଥଶାସ୍ତ୍ର), (ମନୋବିଜ୍ଞାନ, ଅର୍ଥଶାସ୍ତ୍ର, ସମାଜ ବିଜ୍ଞାନ), (ଇଂରାଜୀ, ଏଆଇଏଚ୍‌ସି ଏବଂ ପ୍ରତ୍ନତତ୍ତ୍ୱ, ଭୂଗୋଳ), (ଏଆଇଏଚ୍‌ସି ଏବଂ ପ୍ରତ୍ନତତ୍ତ୍ୱ, ଆଦିବାସୀ ଅଧ୍ୟୟନ, ଭାଷା ବିଜ୍ଞାନ), (ହିନ୍ଦୀ, ଏଆଇଏଚ୍‌ସି ଏବଂ ପ୍ରତ୍ନତତ୍ତ୍ୱ, ଇଂରାଜୀ), (ଭାଷାବିଜ୍ଞାନ, ହିନ୍ଦୀ, ଆଦିବାସୀ ଅଧ୍ୟୟନ), (ଆଦିବାସୀ ଅଧ୍ୟୟନ, ଇଂରାଜୀ, ଭାଷା ବିଜ୍ଞାନ)
**ବି.ଏସ୍‌ସି. କାର୍ଯ୍ୟକ୍ରମ:** (ଜୈବପ୍ରଯୁକ୍ତି, ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ), (ଜୈବପ୍ରଯୁକ୍ତି, ଜୀବ ବିଜ୍ଞାନ, ରସାୟନ ବିଜ୍ଞାନ), (ଜୈବପ୍ରଯୁକ୍ତି, ପରିବେଶ ବିଜ୍ଞାନ, ରସାୟନ ବିଜ୍ଞାନ), (ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ରସାୟନ ବିଜ୍ଞାନ), (ଉଦ୍ଭିଦ ବିଜ୍ଞାନ, ପରିବେଶ ବିଜ୍ଞାନ, ରସାୟନ ବିଜ୍ଞାନ), (ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ପରିବେଶ ବିଜ୍ଞାନ), (ଜୈବପ୍ରଯୁକ୍ତି, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ), (ଜୀବ ବିଜ୍ଞାନ, ପରିବେଶ ବିଜ୍ଞାନ, ରସାୟନ ବିଜ୍ଞାନ), (ଜୀବ ବିଜ୍ଞାନ, ଜୈବପ୍ରଯୁକ୍ତି, ପରିବେଶ ବିଜ୍ଞାନ), (ଜୈବପ୍ରଯୁକ୍ତି, ପରିବେଶ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ)।
**ବି.ଏସ୍‌ସି. କାର୍ଯ୍ୟକ୍ରମ:** ଯୋଗ
**ବି.କମ୍. କାର୍ଯ୍ୟକ୍ରମ:** ବି.କମ୍.
**ବି.ଏ. (ସମ୍ମାନ):** ସାମ୍ବାଦିକତା ଓ ଜନ ସଞ୍ଚାର
**ବି.ଭୋକ୍. କାର୍ଯ୍ୟକ୍ରମ:** (ସଫ୍ଟୱେର୍-ଡେଭଲପମେଣ୍ଟ), (ଥିଏଟର, ଷ୍ଟେଜକ୍ରାଫ୍ଟ, ଫିଲ୍ମ ପ୍ରଡକ୍ସନ୍ ଏବଂ ମିଡିଆ ଟେକ୍ନୋଲୋଜି)
**ପେସାଦାର କାର୍ଯ୍ୟକ୍ରମ:** ବି.ସି.ଏ., ବି.ବି.ଏ., ବି.ବି.ଏ-ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନ, ବି.ଫାର୍ମ., ଡି.ଫାର୍ମ., ବି.ଇଡି.
**ଏମ୍.ଏ.:** ଇଂରାଜୀ, ହିନ୍ଦୀ, ଭାଷା ବିଜ୍ଞାନ, ବ୍ୟାବହାରିକ ମନୋବିଜ୍ଞାନ (ଏମ୍.ଏ./ଏମ୍.ଏସ୍‌ସି.), ଅର୍ଥଶାସ୍ତ୍ର, ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ, ଇତିହାସ, ଭୂଗୋଳ (ଏମ୍.ଏ./ଏମ୍.ଏସ୍‌ସି.), ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନ, ଆଦିବାସୀ ଅଧ୍ୟୟନ, ଏମ୍.ଏ.- ସାମ୍ବାଦିକତା ଏବଂ ଜନସଞ୍ଚାର, ଶିକ୍ଷାରେ ଏମ୍.ଏ., ମାଷ୍ଟର ଅଫ୍ ସୋସିଆଲ ୱାର୍କ।
**ଏମ୍.ଏସ୍‌ସି.:** ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂବିଜ୍ଞାନ, ରସାୟନ ବିଜ୍ଞାନ, ଜୈବପ୍ରଯୁକ୍ତି, ପରିବେଶ ବିଜ୍ଞାନ, ଗଣିତ, ପରିସଂଖ୍ୟାନ, ଭୌତିକ ବିଜ୍ଞାନ।
**ଏମ୍.କମ୍ କାର୍ଯ୍ୟକ୍ରମ:** ଏମ୍.କମ୍
**ପେସାଦାର ସ୍ନାତକୋତ୍ତର କାର୍ଯ୍ୟକ୍ରମ:** ଏମ୍.ସି.ଏ., ଏମ୍.ବି.ଏ. (ବ୍ୟବସାୟ ପରିଚାଳନା), ଏମ୍.ବି.ଏ. (ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା)
ଆଞ୍ଚଳିକ କ୍ୟାମ୍ପସ୍, ମଣିପୁରଠାରେ ଅଧ୍ୟୟନ କାର୍ଯ୍ୟକ୍ରମ
**ଏମ୍.ଏ.:** ରାଜନୀତି ବିଜ୍ଞାନ, ମାଷ୍ଟର ଅଫ୍ ସୋସିଆଲ ୱାର୍କ, ସମାଜ ବିଜ୍ଞାନ, ଆଦିବାସୀ ଅଧ୍ୟୟନ।
**ପେସାଦାର ସ୍ନାତକୋତ୍ତର କାର୍ଯ୍ୟକ୍ରମ:** ଏମ୍.ସି.ଏ. (ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେଶନ୍)
ସବିଶେଷ ସୂଚନା ପାଇଁ ଦୟାକରି ଲିଙ୍କ୍ ରେ ପ୍ରଦତ୍ତ ବିଶ୍ୱବିଦ୍ୟାଳୟର ସୂଚନା ପୁସ୍ତିକା ପରିଦର୍ଶନ କରନ୍ତୁ: http://www.igntu.ac.in/Admission/Prospectus2019-20.pdf
ଗୁରୁତ୍ୱପୂର୍ଣ୍ଣ ତାରିଖ
ଅନ୍‌ଲାଇନ୍ ଆବେଦନ ଆରମ୍ଭ ତାରିଖ : ୧୫।୦୩।୨୦୧୯ ହଲ୍ ଟିକେଟ ଡାଉନ୍‌ଲୋଡ ତାରିଖ : ୨୦।୦୫।୨୦୧୯
ଅନ୍‌ଲାଇନ୍ ଆବେଦନ ବନ୍ଦ ହେବା ତାରିଖ: ୧୬।୦୫।୨୦୧୯ ପ୍ରବେଶିକା ପରୀକ୍ଷା ତାରିଖ : ୦୧ ଓ ୨ ଜୁନ ୨୦୧୯
କିପରି ଆବେଦନ କରିବେ: କେବଳ ଅନ୍‌ଲାଇନ୍ ଆବେଦନ। ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍: www.igntu.ac.in ପରିଦର୍ଶନ କରନ୍ତୁ
**ପ୍ରବେଶିକା ପରୀକ୍ଷା କେନ୍ଦ୍ର: ମଧ୍ୟପ୍ରଦେଶ-** ଆଇଜିଏନ୍‌ଟିୟୁ - ଅମରକଣ୍ଟକ, ଅନୁପପୁର, ଝାବୁଆ, ଗ୍ୱାଲିୟର, ଭୋପାଳ, ଇନ୍ଦୋର, ଜବଲପୁର, ଶାହଡୋଲ, ଡିଣ୍ଡୋରୀ, **ଛତିଶଗଡ଼-** ରାୟପୁର, ରାୟଗଡ଼, ଜଗଦଲପୁର, ଅମ୍ବିକାପୁର, **ଆନ୍ଧ୍ରପ୍ରଦେଶ-** ଶ୍ରୀକାକୁଲମ, **ଆସାମ-** ଗୁଆହାଟୀ, **ଗୁଜରାଟ-** ପଞ୍ଚମହଲ, ସୁରତ, **ହିମାଚଳପ୍ରଦେଶ-** କାଙ୍ଗ୍ରା, **ଜାମ୍ମୁ ଓ କାଶ୍ମୀର -** ଜାମ୍ମୁ, **ଝାଡ଼ଖଣ୍ଡ-** ରାଞ୍ଚି, **କର୍ଣ୍ଣାଟକ-** କରୱର, **କେରଳ -** ୱାୟାନାଡ଼, **ମହାରାଷ୍ଟ୍ର -** ଗଡ଼ଚିରୋଲୀ, ପୁଣେ, **ମଣିପୁର-** ଇମ୍ଫାଲ, **ମେଘାଳୟ-** ଶିଲଂ, **ନୂଆଦିଲ୍ଲୀ, ଓଡ଼ିଶା-** ଭୁବନେଶ୍ୱର, ସମ୍ବଲପୁର, **ରାଜସ୍ଥାନ-** ଉଦୟପୁର, **ତାମିଲନାଡୁ-** ସାଲେମ, **ତେଲେଙ୍ଗାନା-** ଆଦିଲାବାଦ, **ଉତ୍ତରପ୍ରଦେଶ-** ସୋନଭଦ୍ରା, **ଉତ୍ତରାଖଣ୍ଡ-** ଡେରାଡୁନ, ମୁନସିଆରୀ, ବରକୋଟ। **ପଶ୍ଚିମବଙ୍ଗ-** ଝାରଗ୍ରାମ, ସିଲିଗୁଡ଼ି, ସୁନ୍ଦରବନ।
- ପରୀକ୍ଷା ନିୟନ୍ତ୍ରକ
ଯୋଗାଯୋଗ ନଂ.- ୦୮୦୯୩୭୫୨୬୫୦, ୦୭୫୦୪୨୪୯୮୬୯, ୦୯୮୯୩୮୭୪୬୦୮, ୦୮୮୩୯୫୫୨୦୧୫, ୦୭୮୬୯୧୯୪୫୫୬, ୦୯୬୬୯୦୭୮୨୯୬
ଆଡମିଶନ୍ ଡେସ୍କ: ୦୭୬୨୯-୨୬୯୭୮୩
davp 21345/11/0001/1920

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି କି ଆମେ ନିମ୍ନଲିଖିତ ଅନୁସୂଚୀରେ ବର୍ଣ୍ଣିତ ସମ୍ପତ୍ତି ପ୍ରସଙ୍ଗରେ ଆର୍ଯ୍ୟ ଆଇରନ୍ ଆଣ୍ଡ ଷ୍ଟିଲ କମ୍ପାନୀ ପ୍ରା. ଲିଃ, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ ତଥା ପଞ୍ଜୀକୃତ କାର୍ଯ୍ୟାଳୟ ୫୧-୫୩, ଏ ୱିଙ୍ଗ, ମିତ୍ତଲ କୋର୍ଟ, ନରିମାନ ପଏଣ୍ଟ, ମୁମ୍ବାଇ - ୪୦୦୦୨୧ ମହାରାଷ୍ଟ୍ରର ମାଲିକାନା, ଅଧିକାର, ଟାଇଟଲ ଏବଂ ସ୍ୱାର୍ଥର ତଦନ୍ତ କରୁଅଛୁ।
ବିକ୍ରୟ, ବୁଝାମଣା ସ୍ମାରକ, ବିନିମୟ, ବନ୍ଧକ, ସଙ୍କଳ୍ପ, ପ୍ରଭାର, ଉପହାର, ନ୍ୟାସ, ଉତ୍ତରାଧିକାର, ଅନୁକ୍ରମଣ, ଦଖଲ, ଲିଜ୍, ପ୍ରଜାସ୍ୱତ୍ୱ, ରକ୍ଷଣାବେକ୍ଷଣ ଭୋଗାଧିକାର, ଲାଇସେନ୍ସ, ଇଚ୍ଛାର୍ପଣ, ଉତ୍ତରାର୍ପଣ, ଭାଗ, ଭାରାର୍ପଣ, ପ୍ରତିଦାବୀ, ଧାରଣ ଅଧିକାର, ସଂଲଗ୍ନତା, ଆଇନଗତ ଆଦେଶ କିମ୍ବା କୌଣସି ନ୍ୟାୟାଳୟର ଆଦେଶ, ବିକାଶମୂଳକ ଅଧିକାର, ବାଟର ଅଧିକାର, ଲିସ୍‌ପେଣ୍ଡେନ୍ସ, ସଂରକ୍ଷଣ, ରାଜିନାମା, ଏଫ୍‌ଏସ୍‌ଆଇ/ଏଫ୍‌ଏସଆର୍ ଉପଯୋଗ, କିମ୍ବା କୌଣସି ଉତ୍ତରଦାୟୀତା ଅଥବା ଅନ୍ୟ କୌଣସି ପ୍ରକୃତର ଦାବି କାରଣରୁ କଥିତ ସମ୍ପତ୍ତି କିମ୍ବା ତାହାର କୌଣସି ଭାଗ କିମ୍ବା ଅଂଶ ସଂକ୍ରାନ୍ତରେ ଯଦି କୌଣସି ବ୍ୟକ୍ତି(ମାନ)ଙ୍କ କିମ୍ବା ସତ୍ତା(ମାନ)ଙ୍କ କୌଣସି ଆପତ୍ତି, ଦାବି, ଅଧିକାର, ଟାଇଟଲ ଏବଂ/କିମ୍ବା ସ୍ୱାର୍ଥ ଥାଏ ତେବେ ତାଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଛି ଯେ ସେମାନେ ଏ ସପକ୍ଷରେ ମୂଳ ଦଲିଲଗୁଡ଼ିକର ପ୍ରମାଣିତ ପ୍ରକୃତ ପ୍ରତିଲିପି ସହିତ ଲିଖିତ ସୂଚନା ନିମ୍ନ ସ୍ୱାକ୍ଷରକାରୀଙ୍କ ନିମ୍ନଦର୍ଶିତ ଠିକଣାରେ ଏହି ନୋଟିସ ପ୍ରକାଶନର ୧୪ ଦିନ ମଧ୍ୟରେ ପ୍ରେରଣ କରିବେ, ଅନ୍ୟଥା ଏପରି ବ୍ୟକ୍ତି(ମାନ)ଙ୍କର କିମ୍ବା ସତ୍ତା(ମାନ)ଙ୍କର ଦାବି(ଗୁଡ଼ିକ), ଯଦି ଥାଏ, ଛାଡ଼ ଏବଂ/କିମ୍ବା ପରିତ୍ୟକ୍ତ କରାଯାଇଛି ବୋଲି ବିବେଚନା କରାଯିବ।

ଅନୁସୂଚୀ

୧. ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଡ୍‌କୋ ଦ୍ୱାରା ଲିଜ୍ ଦିଆଯାଇଥିବା ୧୭.୯୯ ଏକର ପରିମାପର ବେସରକାରୀ ଭାବେ ଅର୍ଜିତ ଜମି:

| ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର (ଏକରରେ) | କିସମ | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର (ଏକରରେ) | କିସମ |
|---|---|---|---|---|---|---|---|
| ୨ | ୪୮୬ | ୦.୦୫୫ | ତୈଳା ୧ | ୧୯ | ୩୬୬ | ୦.୧୩୫ | ଶାରଦ ୩ |
| ୩ | ୬୪୪ | ୦.୨୫୦ | ଶାରଦ ୧ | | ୫୩୫ | ୦.୩୭୦ | ତୈଳା ୧ |
| ୫ | ୫୩୬ | ୦.୩୭୮ | ତୈଳା ୧ | | ୫୩୮ | ୦.୩୨୫ | ଘରବାରି ୨ |
| | ୩୬୮/୧୦୨୪ | ୦.୦୬୦ | ତୈଳା ୧ | | ୩୬୮/୧୦୨୫ | ୦.୦୫୦ | ତୈଳା ୧ |
| ୮ | ୫୧୦ | ୦.୩୯୦ | ତୈଳା ୧ | | ୫୩୫/୧୦୨୬ | ୦.୩୮୫ | ତୈଳା ୧ |
| ୯ | ୫୦୯ | ୦.୩୧୮ | ତୈଳା ୧ | | ୫୩୪/୧୦୨୭ | ୦.୦୭୦ | ତୈଳା ୧ |
| | ୫୧୧ | ୦.୨୨୦ | ଘରବାରି ୨ | ୨୧ | ୪୮୭ (ପି) | ୧.୭୮୮ | ତୈଳା ୧ |
| ୧୧ | ୩୬୩ | ୦.୨୫୦ | ତୈଳା ୧ | | ୬୫୧ (ପି) | ୦.୦୫୫ | ଶାରଦ ୩ |
| | ୫୪୦ | ୦.୨୨୩ | ତୈଳା ୧ | ୨୪ | ୫୩୦ | ୦.୧୧୦ | ତୈଳା ୧ |
| ୧୨ | ୩୬୪ | ୦.୧୬୦ | ଶାରଦ ୩ | ୨୮ | ୫୦୪ | ୦.୨୨୫ | ଘରବାରି ୨ |
| | ୩୬୭ | ୦.୦୭୫ | ତୈଳା ୧ | | ୫୦୫ | ୦.୭୭୫ | ଘରବାରି ୨ |
| | ୫୩୪ | ୦.୫୦୦ | ତୈଳା ୧ | ୨୯ | ୫୦୨ | ୦.୪୫୦ | ଘରବାରି ୨ |
| | ୫୩୭ | ୦.୪୧୦ | ତୈଳା ୧ | ୩୦ | ୫୩୧ | ୧.୩୦୦ | ତୈଳା ୧ |
| | ୫୩୯ | ୦.୧୯୮ | ଘରବାରି ୨ | | ୬୫୦ | ୧.୧୪୦ | ଶାରଦ ୩ |
| | ୩୬୬/୧୦୨୩ | ୦.୦୨୫ | ଶାରଦ ୩ | | ୫୩୧/୧୦୬୦ | ୦.୧୩୦ | ତୈଳା ୧ |
| ୧୬ | ୫୦୮ | ୦.୦୩୫ | ଘରବାରି ୨ | | ୫୩୧/୧୦୬୧ | ୦.୦୬୦ | ଘରବାରି ୨ |
| ୧୮ | ୪୮୫ | ୦.୪୭୦ | ତୈଳା ୧ | ୩୭ | ୩୬୨ | ୦.୨୮୦ | ତୈଳା ୧ |
| | ୪୮୯ | ୦.୩୨୩ | ଘରବାରି ୨ | | ୫୪୧ | ୦.୧୭୮ | ତୈଳା ୧ |
| | ୪୯୦ | ୦.୦୮୮ | ତୈଳା ୧ | ୩୭/୩୫ | ୬୫୪ | ୦.୧୦୦ | ଶାରଦ ୧ |
| | ୪୯୧ | ୦.୧୩୫ | ତୈଳା ୧ | ୩୭/୬ | ୪୮୬/୧୨୬୦ | ୦.୨୦୦ | ତୈଳା ୧ |
| | ୪୯୨ | ୦.୨୮୦ | ତୈଳା ୧ | ୩୭/୭ | ୪୮୬/୧୨୬୧ | ୦.୨୦୦ | ତୈଳା ୧ |
| | ୪୯୩ | ୦.୨୫୩ | ଘରବାରି ୨ | ୩୭/୭୨ | ୪୮୬/୧୨୬୯ | ୦.୧୦୦ | ତୈଳା ୧ |
| | ୪୯୪ | ୦.୧୫୦ | ଘରବାରି ୨ | ୩୭/୧୪ | ୪୮୬/୧୨୭୦ | ୦.୪୦୦ | ତୈଳା ୧ |
| | ୪୯୮ | ୦.୨୩୫ | ଘରବାରି ୨ | ୩୭/୧୫ | ୪୮୬/୧୨୭୧ | ୦.୧୦୦ | ତୈଳା ୧ |
| | ୪୯୯ | ୦.୧୭୮ | ତୈଳା ୧ | ୩୭/୬୩ | ୪୮୬/୧୨୭୫ | ୦.୧୦୦ | ତୈଳା ୧ |
| | ୫୦୦ | ୦.୦୮୩ | ତୈଳା ୧ | ୩୭/୫୩ | ୪୮୬/୧୩୦୯ | ୦.୧୦୦ | ତୈଳା ୧ |
| | ୫୦୧ | ୦.୬୦୦ | ଘରବାରି ୨ | ୩୭/୨୭ | ୪୮୬/୧୨୬୫ | ୦.୧୦୦ | ତୈଳା ୧ |
| | ୫୦୬ | ୦.୮୮୫ | ଘରବାରି ୨ | | ୪୮୬/୧୨୬୬ | ୦.୧୦୦ | ଘରବାରି ୧ |
| | ୫୦୭ | ୦.୪୧୩ | ଘରବାରି ୨ | | ମୋଟ | ୧୭.୯୯୯ | |
| | ୬୪୮ | ୦.୮୭୩ | ତୈଳା ୨ | ଅବସ୍ଥିତି ରାଜସ୍ୱ ଗ୍ରାମ - ମଟକମବେଡା, ଥାନା ଓ ତହସିଲ ବଡ଼ବିଲ, | | | |
| | ୫୧୩/୧୦୫୭ | ୦.୧୬୦ | ଘରବାରି ୨ | ଜିଲ୍ଲା କେନ୍ଦୁଝର, ଓଡ଼ିଶା ରାଜ୍ୟ। | | | |

୨. ୬.୬୫୬ ଏକର ପରିମାପର ଜମିରେ ପଟ୍ଟା-ଧୃତି ସ୍ୱାର୍ଥ ଯାହା ହେଉଛି ଇଣ୍ଡଷ୍ଟ୍ରିଆଲ ପ୍ଲଟ୍ ନଂ.୨୪, ଇଡ୍‌କୋ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ରାଜସ୍ୱ ପ୍ଲଟ୍ ନଂ. ୧୧୬ରୁ ୧୨୦, ୧୨୨ (ପି), ୧୮୧ (ପି) ଓ ୧୦୮/୪, ରାଜସ୍ୱ ଖାତା ନଂ. ୩,୫,୯,୧୧,୧୨,୧୩ ଓ ୨୬ରେ ସମାବିଷ୍ଟ, ରାଜସ୍ୱ ଗ୍ରାମ - ମଟକମବେଡ଼ା, ଥାନା ଓ ତହସିଲ ବଡ଼ବିଲ, ଜିଲ୍ଲା କେନ୍ଦୁଝର, ଓଡ଼ିଶା ରାଜ୍ୟ, ସୀମା ଓ ଚଉହଦୀ: ପୂର୍ବରେ ଇଡ୍‌କୋ ଜମି, ପଶ୍ଚିମରେ ବେସରକାରୀ ଜମି, ଉତ୍ତରରେ ଇଡ୍‌କୋ ଜମି ଓ ଦକ୍ଷିଣରେ ବେସରକାରୀ ଜମି।
୩. ୧୫.୦ ଏକର ପରିମାପର ଜମିରେ ପଟ୍ଟା-ଧୃତି ସ୍ୱାର୍ଥ ଯାହା ହେଉଛି ଇଣ୍ଡଷ୍ଟ୍ରିଆଲ ପ୍ଲଟ୍ ନଂ.୧୦, ଇଡ୍‌କୋ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ରାଜସ୍ୱ ପ୍ଲଟ୍ ନଂ. ୧୦୭/୧(ପି) ଓ ୧୦୮/ପି, ରାଜସ୍ୱ ଖାତା ନଂ.୧୨୬ରେ ସମାବିଷ୍ଟ, ରାଜସ୍ୱ ଗ୍ରାମ- ମଟକମବେଡ଼ା, ଥାନା ଓ ତହସିଲ ବଡ଼ବିଲ, ଜିଲ୍ଲା କେନ୍ଦୁଝର, ଓଡ଼ିଶା ରାଜ୍ୟ।
୪. ୧୦.୪୯ ଏକର ପରିମାପର ଜମିର ପଟ୍ଟା-ଧୃତି ଯାହା ହେଉଛି ଇଣ୍ଡଷ୍ଟ୍ରିଆଲ ପ୍ଲଟ୍ ନଂ.୧୦/ଏ, ଇଡ୍‌କୋ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ରାଜସ୍ୱ ପ୍ଲଟ୍ ନଂ. ୧୦୮/୧(ପି) ଓ ୧୧୦, ରାଜସ୍ୱ ଖାତା ନଂ.୨୬, ରାଜସ୍ୱ ଗ୍ରାମ- ମଟକମବେଡ଼ା, ଥାନା ଓ ତହସିଲ ବଡ଼ବିଲ, ଜିଲ୍ଲା କେନ୍ଦୁଝର, ଓଡ଼ିଶା ରାଜ୍ୟ। ସୀମା ଓ ଚଉହଦୀ: ପୂର୍ବରେ ବେସରକାରୀ ଜମି, ପଶ୍ଚିମରେ ନାଳ, ଉତ୍ତରରେ ଇଡ୍‌କୋ ପ୍ଲଟ୍ ଓ ଦକ୍ଷିଣରେ ସଡ଼କ ଓ ବେସରକାରୀ ଜମି।
୫. ସର୍ବମୋଟ ୫.୭୦ ଏକର ପରିମାପର ପୂର୍ଣ୍ଣ ସ୍ୱତ୍ୱାଧିକାର ବିଶିଷ୍ଟ ଜମି ଯାହା ହେଉଛି ପ୍ଲଟ୍ ନଂ.୮୪୮ (ପରିମାପ ୪.୮୧ ଏକର) କିସମ ଶାରଦ - ॥ ଏବଂ ପ୍ଲଟ୍ ନଂ. ୮୪୯ (ପରିମାପ ୦.୮୯ ଏକର) କିସମ ତୈଳା - ।, ହାଲ ଖାତା ନଂ.୩୪, ଗ୍ରାମ - ବଲାଣୀ, ଥାନା ଓ ତହସିଲ ବଡ଼ବିଲ, ଦଣ୍ଡପାଟ-ଚମକପୁର, ସବ୍‌ଡିଭିଜନ ଚମ୍ପୁଆ, ଜିଲ୍ଲା କେନ୍ଦୁଝର, ଓଡ଼ିଶା ରାଜ୍ୟ। ଏବଂ
୬. ସର୍ବମୋଟ ୨.୨୮ ଏକର ପରିମାପର ପୂର୍ଣ୍ଣ ସ୍ୱତ୍ୱାଧିକାର ବିଶିଷ୍ଟ ଜମି ଯାହା ହେଉଛି ପ୍ଲଟ୍ ନଂ.୬୯୧ (ପରିମାପ ୧.୨୧ ଏକର) ଏବଂ ପ୍ଲଟ୍ ନଂ. ୮୫୧ (ପରିମାପ ୧.୦୭ ଏକର) କିସମ ତୈଳା - ।, ହାଲ ଖାତା ନଂ.୧୦୦, ଗ୍ରାମ - ବଲାଣୀ, ଥାନା ଓ ତହସିଲ ବଡ଼ବିଲ, ଦଣ୍ଡପାଟ-ଚମକପୁର, ସବ୍‌ଡିଭିଜନ ଚମ୍ପୁଆ, ଜିଲ୍ଲା କେନ୍ଦୁଝର, ଓଡ଼ିଶା ରାଜ୍ୟ।

ତାରିଖ ୬ ମେ, ୨୦୧୯
ଠିକଣା:
**ଏଏସ୍‌ଏ ଲିଗାଲ୍ ସର୍ଭିସେସ୍ ଏଲ୍‌ଏଲ୍‌ପି**
୩୦୫ ଓ ୩୦୬, ମାଗ୍ନମ୍ ଓପସ୍,
ଗ୍ରାଣ୍ଡ ହୟାତ୍ ନିକଟ, ମୁଦ୍ରା ଗ୍ରୁପ୍ ପଛ,
ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ - ୪୦୦୦୫୫

**ଏଏସ୍‌ଏ ଲିଗାଲ୍ ସର୍ଭିସେସ୍ ଏଲ୍‌ଏଲ୍‌ପି ପାଇଁ**
ସ୍ୱା./-
(ଅତୁଲ ଶର୍ମା)
ପରିଚାଳନା ଭାଗୀଦାର



# ନନ୍ଦନକାନନରେ ବ୍ୟାପକ କ୍ଷତି

## ■ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ■ ୧୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ପ୍ରାଣୀ ଉଦ୍ୟାନ

ଭୁବନେଶ୍ୱର, ୫।୫: ବାତ୍ୟା 'ଫନୀ'ରେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି ନନ୍ଦନକାନନ। ସବୁଜ ବନାନୀରେ ପରିପୂର୍ଣ୍ଣ ଏହି ପ୍ରାଣୀ ଉଦ୍ୟାନକୁ ସମ୍ପୂର୍ଣ୍ଣ ଛାରଖାର କରିଦେଇଛି 'ଫନୀ'। ଛୋଟବଡ଼ ସବୁ ଗଛ ଭାଙ୍ଗି ପଡ଼ିବା ସହ ଉପୁଡ଼ି ଯାଇଛି। ବିଦ୍ୟୁତ୍ ଖୁଣ୍ଟ, ଟାୱାର ଆଦି ଭାଙ୍ଗିପଡିଥିବାବେଳେ ଏନ୍‌କ୍ଲୋଜର ଓ ସିସିଟିଭି ଆଦି କ୍ଷତିଗ୍ରସ୍ତ ହୋଇଛି। ପ୍ରାଥମିକ ଆକଳନରୁ ପ୍ରାୟ ୪କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନର ସ୍ଥିତିକୁ ନେଇ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନକୁ ବନ୍ଦ ରଖାଯାଇଛି। ବାତ୍ୟା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରାକ୍ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିଲେ। ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ପ୍ରାଣୀ ଉଦ୍ୟାନକୁ ବନ୍ଦ ରଖାଯାଇଥିଲା। ପଶୁପକ୍ଷୀଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା। ସୋମବାର ଦିନ ନନ୍ଦନକାନନ ଖୋଲିବାର ଥିଲା। କିନ୍ତୁ ବାତ୍ୟାରେ ନନ୍ଦନକାନନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଏହାର ପୁନରୁଦ୍ଧାର ପାଇଁ ପୁଣି ଥରେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଯଦି ୧୨ତାରିଖ ବେଳକୁ ସ୍ଥିତି ସୁଧୁରିଥାଏ ତା'ହେଲେ ନିର୍ଦ୍ଧାରିତ ତାରିଖରେ ଖୋଲାଯିବ, ନଚେତ୍ ଆଉ କିଛି ଦିନ ମଧ ବନ୍ଦ ହୋଇପାରେ ବୋଲି ନନ୍ଦନକାନନ ଉପ ନିର୍ଦ୍ଦେଶକ ଜୟନ୍ତ ଦାସ କହିଛନ୍ତି। ସେ କହିଛନ୍ତି, ଯେଉଁଭଳି ଭାବେ କ୍ଷୟକ୍ଷତି ହୋଇଛି ତା'ର ପୁନରୁଦ୍ଧାର ମାସେ ଭିତରେ ସରିପାରିବ ବୋଲି ଲାଗୁନି। ଏବେ ପ୍ରାୟ ୨୦୦ଲୋକ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିନ୍ତୁ ୭ଦିନ ଭିତରେ ବିଦ୍ୟୁତ ସେବା ନ ଆସିଲେ ବି ଡିଜି ଦ୍ୱାରା ପାଣି ଓ ଲାଇଟ୍‌ର ସୁବିଧା ହେବା ପରେ ଟିକେଟ୍ ପୂର୍ବପରି ବାହାରିପାରିବ।

ରିପୋର୍ଟ: ଅସମାପିକା ସାହୁ    ଫଟୋ: ବିକାଶ ନାୟକ



### ସୁରକ୍ଷିତ ଜୀବଜନ୍ତୁ, ଖୁଆଡ଼କୁ ଗଲା ଭାଲୁ

ନନ୍ଦନକାନନ ଉପ ନିର୍ଦ୍ଦେଶକ ଜୟନ୍ତ ଦାସ କହିଛନ୍ତି, ବାତ୍ୟାରେ କୌଣସି ଜୀବଜନ୍ତୁଙ୍କ ଜୀବନ ହାନି ହୋଇନାହିଁ। ଏହା ବଡ଼ ଖୁସିର କଥା। ସବୁ ଜୀବମାନେ ସୁରକ୍ଷିତ ଅଛନ୍ତି। ବାତ୍ୟା ପୂର୍ବରୁ ସେମାନଙ୍କୁ ଫିଡିଂ ଚାମ୍ବରରେ ରଖାଯାଇଥିଲା। ସୋମବାରଠାରୁ ଖୁଆଡ଼ ଉପରେ ପଡ଼ିଥିବା ଗଛଗୁଡ଼ିକ ସଫା ହେବ। ଏହି କାର୍ଯ୍ୟ ସରିବା ପରେ ସେମାନଙ୍କୁ ଡିସ୍‌ପ୍ଲେ ଏରିଆକୁ ଛଡ଼ାଯିବ। ତେବେ ବର୍ତ୍ତମାନ ଭାଲୁ ଖୁଆଡ଼ ସଫା ହୋଇଯାଇଥିବାରୁ ଭାଲୁକୁ ଖୁଆଡ଼ ଭିତରେ ଛଡ଼ାଯାଇଛି।

### ପକ୍ଷୀଙ୍କୁ ନେଇ ଚିନ୍ତା



ବାତ୍ୟା ସମୟରେ ପକ୍ଷୀଙ୍କ ପାଇଁ ପବନ ଓ ପାଣି ସମସ୍ୟା ପାଲଟିଥାଏ। ସାଧାରଣତଃ ବାତ୍ୟା ପରବର୍ତ୍ତୀ ସମୟ ପକ୍ଷୀମାନଙ୍କ ପାଇଁ ବିପଦ। କାରଣ ପକ୍ଷୀଙ୍କ ପାଇଁ କିଛି କାଜୁଆଲ୍‌ଟି ହେବାର ସମ୍ଭାବନା ରହିଛି। ଏହାକୁ କିପରି ଦୂର କରାଯାଇପାରିବ ସେ ଦିଗକୁ ଗୁରୁତ୍ୱ ଦିଆଯାଉଛି। ତେବେ ଫନୀ ଦ୍ୱାରା ୱାଟର ବାର୍ଡ ଏଭିଆରୀର ଏକ ଖୁଆଡ଼ ନଷ୍ଟ ହୋଇଛି। ଜାଲି ବନ୍ଧା ହୋଇଥିବା ଗୋଟିଏ ଷ୍ଟେ' ଛାଡ଼ିଯାଇଛି। ତାକୁ ଟାଇଟ୍ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହିତ ସେହିପଟେ ଥିବା ଏକ କାନ୍ଥ ମଧ ସାମାନ୍ୟ ଫାଟିଛି। ତାକୁ ମଧ ତୁରନ୍ତ ସଜଡ଼ାଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

### ୧୦ହଜାରରୁ ଊର୍ଦ୍ଧ୍ୱ ବଡ଼ ଗଛ ନଷ୍ଟ

ନନ୍ଦନକାନନରେ ବହୁ ବଡ଼ ବଡ଼ ଓ ପୁରୁଣା ଗଛ ରହିଥିଲା। ବାତ୍ୟାରେ ସେସବୁ ଗଛ ଭାଙ୍ଗି ଯାଇଛି। ବର, ଅଶ୍ୱତ୍ଥ ଭଳି ବହୁ ପୁରୁଣା ଗଛ ମଧ୍ୟରୁ କିଛି ଭାଙ୍ଗି ଥୁଣ୍ଟା ପାଲଟିଥିବାବେଳେ ଆଉକିଛି ବଡ଼ ଗଛ ଉପୁଡି ପଡିଛି। ବହୁ ଗଛ ସମ୍ପୂର୍ଣ୍ଣ ଧ୍ୱଂସ ପାଇଥିବା ମଧ ଦେଖିବାକୁ ମିଳୁଛି। ୨୫ରୁ ୩୦ ବର୍ଷର ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ବଡ଼ ବଡ଼ ଗଛ ନଷ୍ଟ ହୋଇଯାଇଛି।

### ସିସିଟିଭି ଟାୱାର ଅଧିକ କ୍ଷତିଗ୍ରସ୍ତ



ପ୍ରାଣୀ ଉଦ୍ୟାନର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଟାୱାର ଅଧିକ କ୍ଷତିଗ୍ରସ୍ତ ହୋଇଛି। ୭ଟି ଉଚ୍ଚ ସିସିଟିଭି ଟାୱାର ଲଗାଯାଇଥିଲା। ସେଥିମଧ୍ୟରୁ ୪ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାକୁ ଛାଡ଼ି ସିସିଟିଭି ଲାଗିଥିବା ୧୭ଟି ଛୋଟ ଖୁଣ୍ଟ ମଧ୍ୟରୁ ୮ଟି ନଷ୍ଟ ହୋଇଯାଇଛି। ସିସି କ୍ୟାମେରା ମଧ୍ୟରୁ ୬୦ପ୍ରତିଶତ କାର୍ଯ୍ୟ କରୁନାହିଁ। ସିସିଟିଭି ଟାୱାର, ଖୁଣ୍ଟି ଓ କ୍ୟାମେରା ସଜାଡ଼ିବା ପାଇଁ ପ୍ରାୟ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

### ଭାଙ୍ଗିପଡ଼ିଛି 'ନନ୍ଦନ' ଖୁଆଡ଼



ମହାବଳ ବାଘ 'ନନ୍ଦନ' ଯେଉଁ ଖୁଆଡ଼ ଭିତରେ ରହୁଛି ତାହା ଅଧିକ କ୍ଷତିଗ୍ରସ୍ତ ହୋଇଛି। 'ନନ୍ଦନ' ପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଖସି ପଳାଇଯିବାର ସମ୍ଭାବନା ଥିବାରୁ ନନ୍ଦନ ଖୁଆଡ଼ରେ ଅନେକ ପ୍ଲେଟ୍ ଲଗାଯାଇଥିଲା। ସେଥିମଧ୍ୟରୁ ଅନେକଗୁଡ଼ିଏ ପ୍ଲେଟ୍ ପବନରେ ଛାଡ଼ିଯାଇଛି। ସେହି ଖୁଆଡ଼ ଉପରେ ମଧ ବହୁ ବଡ଼ ବଡ଼ ଗଛ ପଡ଼ି ରହିଛି।

### ୯୦ ପ୍ରତିଶତ ବିଦ୍ୟୁତ ଖୁଣ୍ଟ ନଷ୍ଟ

ବାତ୍ୟାରେ ନନ୍ଦନକାନନ ପରିସରରେ ଥିବା ବିଦ୍ୟୁତ ଖୁଣ୍ଟ ଓ ତାର ନଷ୍ଟ ହୋଇଯାଇଛି। ଫଳରେ ଏଠାରେ ବିଦ୍ୟୁତ୍ ସେବା କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଯେଉଁଠି ଦେଖିବ ସେଠି ବିଦ୍ୟୁତ୍ ତାର ଝୁଲି ପଡ଼ିଛି। ୯୦ ପ୍ରତିଶତ ବିଦ୍ୟୁତ ଖୁଣ୍ଟ ତଳେ ମୋଡିହୋଇ ପଡ଼ିଛି। ଏହାର ମରାମତିକୁ ପ୍ରାଥମିକତା ଦିଆଯିବାର ଆବଶ୍ୟକତା ରହିଛି।

### ଖାଦ୍ୟ, ପାଣିକୁ ଗୁରୁତ୍ୱ

ନନ୍ଦନକାନନର ପଶୁପକ୍ଷୀଙ୍କୁ ସବୁବେଳେ ବିଶୁଦ୍ଧ ଜଳ ଦିଆଯାଏ। ତେବେ ବାତ୍ୟା ପରବର୍ତ୍ତୀ ଯତ୍ନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ବର୍ତ୍ତମାନ ସେମାନଙ୍କୁ ପିଇବା ପାଣିରେ ହାଲେଜେନ୍ ଟାବ୍ଲେଟ୍ ମିଶାଇ ଦିଆଯାଉଛି। ଭିଟାମିନ ଖାଦ୍ୟ ଓ ସ୍ୱଚ୍ଛ ପାଣି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ଗାଡ଼ି କିପରି ଆସିପାରିବ ସେଥିପାଇଁ ମୁଖ୍ୟ ରାସ୍ତାକୁ ସଫା କରିବା କାର୍ଯ୍ୟ ଚାଲିଛି। ଏଥିସହିତ ପାଣି ମଧ କିପରି ପହଞ୍ଚିପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଦାସ କହିଛନ୍ତି।



ନନ୍ଦନକାନନ ଚିଲ୍‌ଡ୍ରେନ୍ସ ପାର୍କରେ ହୋଇଥିବା କ୍ଷୟକ୍ଷତି।



## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା' ଜାଣେ ବାପ,**
**ଚିତ୍ତ ଜାଣେ ପାପ ।**

ସନ୍ତାନର ପ୍ରକୃତ ପିତା କିଏ ତାହା କେବଳ ମା' ହିଁ ଜାଣିଥାଏ। ନିଜର ପାପକଥା କେବଳ ନିଜ ମନ ହିଁ ଜାଣିଥାଏ। ଅନ୍ତରର ଗୋପନୀୟତା କେବଳ ଅନୁଭବୀ ହିଁ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଗି ଆଣିଲା ତିଅଣ,**
**ମାଛି ପଡ଼ିଛି ଗଣଗଣ ।**

ମାଗି ଆଣିବା ଖାଦ୍ୟରେ ମନ ସନ୍ତୁଷ୍ଟ ହୋଇ ପାରି ନ ଥାଏ। ଏଥିରେ ତୃପ୍ତି ମିଳି ପାରି ନ ଥାଏ। ପରୋକ୍ଷରେ ମିଳିଥିବା ବୁଦ୍ଧି ବେଶି କାଳ କାମଦିଏ ନାହିଁ। ପର ସାହାଯ୍ୟରେ କାମ ଚଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SUCCESS
DHARITRI Career appointment Every Wednesday and Saturday

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ। ଠକଙ୍କ ପ୍ରତି ସାବଧାନ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଲଭପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଆସିକା,୫।୫(ଡି.ଏନ୍.ଏ.):** ଗାଙ୍ଗପୁର ଥାନା ଖଇରପୁଟି ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଖଇରପୁଟିର ଚନ୍ଦ୍ରମଣି ବିଷୋୟୀ। ଚନ୍ଦ୍ରମଣିଙ୍କ ସହ ବାଇକ୍‌ରେ ଆସୁଥିବା ସନ୍ତୋଷ ସ୍ୱାଇଁ ଓ ଅନ୍ୟ ଏକ ବାଇକ୍ ଆରୋହୀ ଅଭୟ ଷଡଙ୍ଗୀ ଆହତ ହେଇଛନ୍ତି। ଦୁର୍ଘଟଣା ପରେ ଗୁରୁତର ୩ ଆରୋହୀଙ୍କୁ ଗାଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ ନେବା ରାସ୍ତାରେ ଚନ୍ଦ୍ରମଣିଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏ ନେଇ ଗାଙ୍ଗପୁର ଥାନାରେ ନଂ.୮୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିଷ ପିଇ ବାପ ମୃତ, ପୁଅ ଗୁରୁତର

**କୁକୁଡ଼ାଖଣ୍ଡି,୫।୫(ଡି.ଏନ.ଏ.):** ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମ ନାଇକସାହିରେ ପାରିବାରିକ କଳହରୁ ବିଷ ପିଇ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମଚନ୍ଦ୍ର ନାଇକ (୫୦)। ତାଙ୍କ ପୁଅ ସୁନିଲଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସଦର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। ବୁଧବାର ରାତିରେ ଘରୋଇ କଳହରୁ ବାପ ପୁଅ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଓ ପଡ଼ୋଶୀ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବାପାଙ୍କ ମୃତ୍ୟୁ ଘଟିଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି ।

### ଘରୁ ୫ ଭରି ସୁନା, ୭୦ ହଜାର ଟଙ୍କା ଲୁଟ



**ଚିକିଟି,୫।୫(ଡି.ଏନ୍.ଏ.):** କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ପାଣ୍ଡିରି ଗ୍ରାମର ନାରାୟଣ ସାହୁଙ୍କ ଘରୁ କେହି ଦୁର୍ବୃତ୍ତ ୫ ଭରି ସୁନା ଅଳଙ୍କାର ସହ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ନାରାୟଣ ଏବଂ ତାଙ୍କ ପରିବାର ଲୋକେ ଶନିବାର ଖାଇପିଇ ଶୋଇଥିଲେ। ମଧରାତିରେ କେହି ଦୁର୍ବୃତ୍ତ ବାରି କବାଟ ଭାଙ୍ଗି ଘରେ ପଶି ଆଲମିରାରୁ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ଖବରପାଇ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ସବ୍‌ଇନ୍ସପେକ୍ଟର ଜ୍ଞାନ ରଞ୍ଜନ ସେଠୀ, ଚିକିଟି ଫାଣ୍ଡି ଅଧିକାରୀ ବିଜୟ ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ତେବେ ରବିବାର ସନ୍ଧ୍ୟା ସୁଦ୍ଧା ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ଘଟଣାସ୍ଥଳରେ ତଦନ୍ତ କରି ଫେରିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ଚିକିଟି ଫାଣ୍ଡି ଇଲାକାରେ ୨୦ରୁ ଉର୍ଦ୍ଧ୍ୱ ଲୁଟ୍ ଓ ଡକାୟତି ହୋଇଥିବା ନେଇ କେ.ନୂଆଗାଁ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ପାଟ୍ରୋଲିଂ ଅଭାବ ହେତୁ ଏଭଳି ଘଟୁଥିବା ଅଭିଯୋଗ ହୋଇଛି।

### ଶ୍ରୀରାମ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର ଅଫିସ,୫।୫:** ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ପୂର୍ବତନ ଉପସଭାପତି ତଥା ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡା.ଶ୍ରୀରାମ ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପକ୍ଷରୁ ଉତ୍କଳ ଆଶ୍ରମରେ ଆୟୋଜିତ ଶୋକସଭାରେ ପୂର୍ବତନ କୋଷାଧ୍ୟକ୍ଷ ରାଧାଚରଣ ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ଯୁଗ୍ମ ସମ୍ପାଦକ ଡାକ୍ତର ନକୁଳ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱର୍ଗତ ଡା. ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କର୍ମକର୍ତ୍ତାମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରିଥିଲେ। କୋଷାଧକ୍ଷ ନରସିଂହ ପାଣିଗ୍ରାହୀଙ୍କ ସମେତ ଡା. ସମରେନ୍ଦ୍ର ସାହୁ, ଡା. ଚନ୍ଦ୍ରମଣି ସ୍ୱାଇଁ, ଡା. ସାଗରରଞ୍ଜନ ତ୍ରିପାଠୀ, ଅଶୋକ ସାହୁ, ଡ.ସୁବ୍ରତ ସାହୁ, ଭବାନୀ ଶଙ୍କର ପାଣିଗ୍ରାହୀ, ଅନନ୍ତରାମ ପଣ୍ଡା ଓ ସମ୍ମିଳନୀର ସଦସ୍ୟ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ସ୍ଥାନକୁ ଅସ୍ୱଚ୍ଛ କରିବାକୁ ପ୍ରୟାସ

# ସୁନ୍ଦରତା ବିଗାଡ଼ିବ ଭୂତଳ ଡଷ୍ଟବିନ

**ବ୍ରହ୍ମପୁର ଅଫିସ,୫।୫**

ବ୍ରହ୍ମପୁରକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଣତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ବହୁ ନୂତନ ଯୋଜନା ହାତକୁ ନେଇଛି । ସେଥିମଧ୍ୟରୁ ରାଜ୍ୟର ପ୍ରଥମ ମହାନଗର ଭାବେ ଆବର୍ଜନା ସ୍ଥଳକୁ ସ୍ୱଚ୍ଛ ରଖିବା ତଥା ଆବର୍ଜନାର ଦୁର୍ଗନ୍ଧମୟ ପରିବେଶରୁ ସହରବାସୀଙ୍କୁ ରକ୍ଷା କରିବାକୁ ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଛି ଭୂତଳ ଡଷ୍ଟବିନ(ଅଣ୍ଡରଡଷ୍ଟବିନ) । ଏହି ଡଷ୍ଟବିନ କାର୍ଯ୍ୟକ୍ଷମ ପରେ ଆବର୍ଜନା ସ୍ଥଳ ପୂର୍ବାପେକ୍ଷା ଦୁର୍ଗନ୍ଧମୁକ୍ତ ରହୁଛି । କିନ୍ତୁ ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଆଗରେ ନିର୍ମାଣାଧୀନ ଥିବା ଅଣ୍ଡରବିନ ଡଷ୍ଟବିନ ଆଗାମୀ ଦିନରେ ଏହାର ସ୍ୱଚ୍ଛ ପରିବେଶକୁ ବିଗାଡିବା ନେଇ ଆଶଙ୍କା ସୃଷ୍ଟି କରିଛି ।

ସହରରେ ଆବର୍ଜନା ସ୍ଥଳଗୁଡିକୁ ସ୍ୱଚ୍ଛ ରଖିବା ତଥା ଏଥିରୁ ସୃଷ୍ଟି ହେଉଥିବା ଦୁର୍ଗନ୍ଧ ପରିବେଶରୁ ସହରବାସୀଙ୍କୁ ରକ୍ଷା କରିବାକୁ ଗତ ଡିସେମ୍ବରରୁ ସହରର ବିଭିନ୍ନ ସ୍ଥାନରେ କ୍ଷୁଦ୍ର ଆବର୍ଜନାସ୍ଥଳକୁ ହଟାଇ ସେଠାରେ ଭୂତଳ ଡଷ୍ଟବିନକୁ କାର୍ଯ୍ୟକ୍ଷମ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦ଟି ସ୍ଥାପନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ଆଉ ୪୦ ଟି ସ୍ଥାପନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ଆବର୍ଜନାସ୍ଥଳ ପରିବର୍ତ୍ତେ ହିଲପାଟଣା ସଂସ୍କୃତିଭବନ ରୋଡ ଭଳି ସ୍ୱଚ୍ଛ ସ୍ଥାନରେ ଡଷ୍ଟବିନ ସ୍ଥାପନ ବିଏମ୍‌ସି ସ୍ୱଚ୍ଛତା ଅଭିଯାନକୁ ଫେଲ କରିବାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ବ୍ରହ୍ମପୁରର ହିଲପାଟଣାରେ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ନିର୍ମାଣ ଦୀର୍ଘ ମାସ ପରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଏଠାରେ ଏବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିୟମିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଫଳରେ ଏବେ ଏହା ଗଞ୍ଜାମ କଳା ଓ କଳାକାରଙ୍କ ଏକ ପ୍ରମୁଖ ମିଳନସ୍ଥଳ ପାଲଟିଛି । ଏଥିସହ ଏହା ପରିସରରେ କବିସୂର୍ଯ୍ୟ ବଳଦେବ ରଥ ଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ମଧ ସ୍ଥାପିତ ହୋଇଛି । ଏହା ବ୍ୟତୀତ ସଂସ୍କୃତି ଭବନ ପରିସରରେ ଜିଲା ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟ ରହିଥିବା ବେଳେ ଏହାର ପାର୍ଶ୍ୱକୁ ଲାଗି ରହିଛି ସିଦ୍ଧିବିନାୟକ ମନ୍ଦିର । ଯେଉଁଠି ଗଣେଶ ଚତୁର୍ଥୀରେ ତିନିଦିନ ଧରି ଅନୁଷ୍ଠିତ ଯଜ୍ଞରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସହ ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତିରେ ହଜାର ହଜାର ଭକ୍ତଙ୍କ ଭିଡ ଜମୁଛି । ତେବେ ଏହି ସ୍ଥାନରେ ଆବର୍ଜନା ସଂଗ୍ରହ ପାଇଁ ଅଣ୍ଡରବିନ ଡଷ୍ଟବିନ ସ୍ଥାପନ କଲେ ଏହାର ଆଧାତ୍ମିକ ତଥା ସ୍ୱଚ୍ଛ ପରିବେଶ ଦୂଷିତ ହେବ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଡଷ୍ଟବିନକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହୋଇଛି ।



ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଆଗରେ ଡଷ୍ଟବିନ ସ୍ଥାପନ ପାଇଁ ଖୋଳାଯାଇଥିବା ଗାତ ।

# ଯୁବକଙ୍କ ମୃତଦେହ ଉଦ୍ଧାର

**ପାଟପୁର,୫।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ପଞ୍ଚାୟତର ୨ନଂ. ୱାର୍ଡର ହୀନ ପ୍ରଧାନ (୨୮)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ହୀନ ନିଜ ପରିବାର ସହ ଗଣ୍ଡଗୋଳ କାରଣରୁ ଶନିବାର ରାତିରୁ ନିଖୋଜ ଥିଲେ। ରବିବାର ସକାଳେ ପାଟପୁର ଥାନା ପଛପଟ ଚାଷ ଜମିରେ ହୀନଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ପାଟପୁର ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ବିଷ କ୍ରିୟାରେ ୨ ମୃତ

**ବ୍ରହ୍ମପୁର ଅଫିସ,୫।୫**

ପୃଥକ ବିଷ କ୍ରିୟାରେ ଜଣେ ଯୁବତୀ ଓ ଅନ୍ୟଜଣଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି । ସେମାନେ ହେଲେ ଦିଗପହଣ୍ଡି ଥାନା ଚକିପଡ଼ା ଗ୍ରାମର ଲିସା ପ୍ରଧାନ (୧୯) ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ରାମପୁଡ଼ି ଗ୍ରାମର ଚକ୍ରପାଣି ନାହାକ (୫୮)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ପୃଥକ ଭାବେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି ।

ପ୍ରକାଶ ଯେ, କୌଣସି ଏକ ଘରୋଇ କଳିରୁ ଲିସା ଗତ ୨ ତାରିଖରେ ବିଷପିଇ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଚକ୍ରପାଣି ଗତ ୧ ତାରିଖରେ ବିଷ ପାନ କରିଥିଲେ । ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା ।

## ୩ ବାତ୍ୟା ପ୍ରଭାବିତ ଜିଲାରେ ପୁନରୁଦ୍ଧାର କାର୍ଯ୍ୟ

# ସାମିଲ ହେଲା ଗଞ୍ଜାମ ଜିଲା ଟିମ୍

**ଛତ୍ରପୁର, ୫।୫(ଡି.ଏନ.ଏ.)**

ଫନୀ ବାତ୍ୟାରେ ପ୍ରଭାବିତ ୩ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଗଞ୍ଜାମ ଜିଲ୍ଲାରୁ ବିଭିନ୍ନ ଟିମ ସେଠାକୁ ଯାଇଛନ୍ତି । ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି ଖୋର୍ଦ୍ଧା, ପୁରୀ ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନ ଏବଂ ଭୁବନେଶ୍ୱର ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ପାଇଁ ଗଞ୍ଜାମରୁ ସାଉଥକୋ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡି ବିଭାଗ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ଯାଇଛନ୍ତି । ସେହିପରି ଉକ୍ତ ସ୍ଥାନଗୁଡିକୁ ଗଞ୍ଜାମରୁ ଓଡ୍ରାଫ ଟିମ୍ ଯାଇ ପୁନରୁଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି ।

# ବରଗଡ଼ ଜିଲାର ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ମିଳୁନି ପ୍ରାପ୍ୟ



ପ୍ରାପ୍ୟ ପାଇ ନ ଥିବା ଶ୍ରମିକମାନେ।

**ଛତ୍ରପୁର,୫।୫(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ସୁବଳୟାର ଏକ ଇଟା ଭାଟିରେ କାମ କରୁଥିବା ବରଗଡ଼ ଜଲାର ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି। ଶ୍ରମିକମାନେ କୌଣସି ପ୍ରକାରେ ଖସି ଆସି ଏ ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଅଭିଯୋଗ କରିଥିଲେ। ଜିଲାପାଳ ଇଟାଭାଟି ମାଲିକଙ୍କୁ ଡକାଇ ତୁରନ୍ତ ଶ୍ରମିକମାନଙ୍କ ପ୍ରାପ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଇଟାଭାଟିରେ କାମ କରିବାକୁ ଗତ ୫ ମାସ ପୂର୍ବେ ବରଗଡ଼ ଜିଲ୍ଲାରୁ ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ପରିବାର ସହ ସୁବଳୟା ଆସିଥିଲେ। ୧୦୦୦ ଇଟା ପ୍ରସ୍ତୁତି ପିଛା ୫୨୦ ଟଙ୍କା ମିଳିବ ବୋଲି କହି ଜଣେ ବ୍ୟକ୍ତି ଏମାନଙ୍କୁ ଆଣିଥିଲେ। ତେବେ କାମ ପ୍ରାପ୍ୟ ମାଗିବାରୁ ମାଲିକ ହଜାରେ ଇଟା ପାଇଁ ୩୫୦ ଟଙ୍କା ଦେବେ ବୋଲି କହିଥିଲେ। ଅନ୍ୟପକ୍ଷରେ କେତେଜଣ ଲୋକଙ୍କ ଜରିଆରେ ଧମକ ଦିଆଯାଇଥିବା ଓ ‘ଫନୀ’ ବାତ୍ୟା ବେଳେ ଇଟାଭାଟି ମାଲିକ କୌଣସି ସୁବିଧା କରି ନ ଥିବାରୁ ଶ୍ରମିକମାନେ ସେଠାରୁ ଭୟରେ ଲୁଚି ପଳାଇ ଆସି ଜିଲାପାଳଙ୍କୁ ଭେଟିଥିଲେ। ଅଭିଯୋଗ ମିଥ୍ୟା ବୋଲି ଇଟାଭାଟି ମାଲିକ କହିଛନ୍ତି ।

# ଯୁବକଙ୍କ ଆତ୍ମହତ୍ୟା

**କନିଷି,୫।୫(ଡି.ଏନ.ଏ.)**

ଗୋଳନ୍ଥରା ଥାନା କନିଷି ହାଟ ଲକ୍ଷ୍ମୀନୃସିଂହ ସାହିର ଦୀପକ ଶାସ୍ତ୍ରୀ (୨୪) ଶନିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ଏ ନେଇ ନଂ. ୧୨/୧୯ରେ ମାମଲା ରୁଜୁ କରି ହୋଇଛି। ଶନିବାର ପରିବାର ଲୋକେ ବନ୍ଧୁଙ୍କ ଘରକୁ ଯାଇଥିବା ବେଳେ ଦୀପକ ଏବଂ ତାଙ୍କ ଭାଇ ଘରେ ଶୋଇଥିଲେ। ରବିବାର ସକାଳେ ଦୀପକ ଶୋଇଥିବା ଘର କବାଟ ବନ୍ଦ ଥିବା ଦେଖି ତାଙ୍କ ଭାଇ କବାଟ ବାଡ଼େଇଥିଲେ କିନ୍ତୁ ସେ ଖୋଲି ନ ଥିଲେ। ପରେ କବାଟ ଭଙ୍ଗିବା ବେଳକୁ ଦୀପକ ଫ୍ୟାନ୍‌ରେ ଏକ ଗାମୁଛା ବାନ୍ଧି ଝୁଲୁଥିବା ଦେଖିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି।

# ଦୁର୍ଘଟଣାରେ ୪ ଗୁରୁତର

**କୋଦଳା,୫।୫(ଡି.ଏନ୍.ଏ.)**

କୋଦଳା ଥାନା କଞ୍ଚଣା ଛକ ନିକଟରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିରିବାଟିଆର ମିଥୁନ୍ ପଲାଇ, ପିହାଣିଆର ରଞ୍ଜୁ ବେହେରା, ରାଣୀପଡ଼ାର ଧନୁ ଦାଶ ଓ ସନ୍ତ ଦାଶ । ମିଥୁନ୍ ବାଇକ୍ ଯୋଗେ ରଞ୍ଜୁଙ୍କୁ ନେଇ ନିଜ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ସନ୍ତ ଓ ଧନୁ ବାଇକ୍‌ରେ ଆସି ଧକ୍କା ହେବା ଫଳରେ ସମସ୍ତେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଆମ୍ବୁଲାନ୍ସରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭଞ୍ଜନଗର କଲେଜ ପ୍ରତିଷ୍ଠା ଦିବସ

**ଭଞ୍ଜନଗର,୫।୫(ଡି.ଏନ୍.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। କଲେଜ ପ୍ରତିଷ୍ଠା ସମୟରେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା । ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଅଧୀନକୁ ଆସିଥିଲା । କଲେଜ ପ୍ରତିଷ୍ଠାରେ ଲାଲସିଂ ଗ୍ରାମବାସୀଠାରୁ ଆରମ୍ଭ କରି ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ଅବଦାନ ଅତୁଳନୀୟ। ଦିନଥିଲା କଲେଜର ଉନ୍ନତି ପାଇଁ ଡ୍ରାମା ହେଉଥିଲା। ଡ୍ରାମା ଦେଖିବା ପାଇଁ ବିକ୍ରି ହେଉଥିବା ଟିକେଟ ଅର୍ଥ କଲେଜର ଉନ୍ନତୀରେ ଖର୍ଚ୍ଚ ହେଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଭଞ୍ଜନଗର କଲେଜ ନାମ ୧୯୭୦ ପରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ ହୋଇଥିଲା। ଏହି ଅନୁଷ୍ଠାନରୁ ବହୁ ସୁନାମଧନ୍ୟ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ଦେଶର ବିଭିନ୍ନ ବଡବଡ ପଦପଦବୀରେ ଅବସ୍ଥାପିତ ଥିଲେ, ଆଉ କେତେଜଣ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। କଲେଜର ବହୁ ଉନ୍ନତି ହୋଇଛି। ତଥାପି ଏହି ଅନୁଷ୍ଠାନକୁ ଆହୁରି ଆଗକୁ ନେବାକୁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଆୟୋଜିତ ଉତ୍ସବରେ ବକ୍ତାମାନେ ଯୋଗଦେଇ ଏହା ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ଆର୍. ଏନ୍. ପାଳ, ପ୍ରାଧାପକ ସୁକାନ୍ତ କୁମାର ମିଶ୍ର, ବିଭୂତି ଭୂଷଣ ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ଦାସ, ଡ. ପୀତବାସ ପାଳ, ସାତ୍ତ୍ୱିକୀ ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଉଦ୍‌ବୋଧନ ଦେଉଛନ୍ତି।

# ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ବିୟୋଗରେ ଶୋକ

**ବ୍ରହ୍ମପୁର ଅଫିସ,୫।୫**

ବରିଷ୍ଠ ସିପିଆଇ ନେତା ଦ୍ୱୀତୀକୃଷ୍ଣ ପଣ୍ଡାଙ୍କ ବିୟୋଗରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଚନ୍ଦ୍ର ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁ ଦ୍ୱାରା ରାଜ୍ୟ ଜଣେ ବରିଷ୍ଠ ବାମପନ୍ଥୀ ଓ ସଂଗ୍ରାମୀ ଶ୍ରମିକ ନେତାଙ୍କୁ ହରାଇଥିବା ସେ ଦର୍ଶାଇଛନ୍ତି। ବ୍ରହ୍ମପୁରରେ ରବିବାର ରଥ ଶୋକବାର୍ତ୍ତାରେ ସୂଚାଇଛନ୍ତି ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ କମ୍ୟୁନିଷ୍ଟ ପାର୍ଟି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଜୀବନ ବ୍ୟାପୀ ଶ୍ରମିକ ଓ କୃଷକଙ୍କ ସମୂହ ସ୍ୱାର୍ଥ ନିମନ୍ତେ ସଂଗ୍ରାମ କରୁଥିଲେ। ୧୯୭୧ ପଞ୍ଚମ ଲୋକ ସଭା ନିର୍ବାଚନରେ ଦ୍ୱିତୀକୃଷ୍ଣ ତତ୍କାଳୀନ ଭଞ୍ଜନଗର ଓ ବର୍ତ୍ତମାନର ଆସିକା ଆସନରୁ କଂଗ୍ରେସ ସମର୍ଥନରେ ସିପିଆଇ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଏମ୍‌ପି ନିର୍ବାଚିତ ହୋଇଥିଲେ । ୧୯୯୦ ବିଧାନସଭା ନିର୍ବାଚନରେ ପଣ୍ଡା ଆସିକା ସେଗମେଣ୍ଟରୁ ସିପିଆଇରୁ ବିଧାୟକ ହୋଇଥିଲେ। ଅପରପକ୍ଷରେ ଦଳମତ ନିର୍ବିଶେଷରେ ଦ୍ୱିତୀକୃଷ୍ଣଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ଥିଲା । ତାଙ୍କ ବିୟୋଗରେ ଜଣେ ଘନିଷ୍ଠ ବନ୍ଧୁଙ୍କୁ ହରାଇଥିବା ରଥ ସୂଚାଇଛନ୍ତି । ସେହିପରି ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ତ୍ରିନାଥ ବେହେରା ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ସମେତ ଦଳୀୟ କର୍ମୀମାନେ ଧର୍ମ ନିରପେକ୍ଷ ଓ ଗଣତନ୍ତ୍ରରେ ସର୍ବଦା ବିଶ୍ୱାସ ରଖିଥିବା ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।

## ଗଞ୍ଜାମ ବ୍ଲକ ଭାଜପାର ଖବରଦାତା ସମ୍ମିଳନୀ

# ଫନୀ ମୁକାବିଲାରେ ପ୍ରଶାସନ ବିଫଳ

**ଗଞ୍ଜାମ,୫।୫(ଡି.ଏନ.ଏ.)**

ବାତ୍ୟା ‘ଫନୀ’ ପ୍ରଭାବରେ ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ବହୁ ଘରଦ୍ୱାର ନଷ୍ଟ ହୋଇଯାଇଛି। ବାତ୍ୟା ପୂର୍ବରୁ ଲୋକମାନଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ ଦିଆଯାଇ ନ ଥିବା ରବିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ ଭାଜପା ଅଭିଯୋଗ କରିଛି। ବାତ୍ୟା ମୁକାବିଲା କରିବାରେ ସରକାର ଓ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଭାଜପା ନେତା ପ୍ରଶାନ୍ତ କୁମାର କର ଅଭିଯୋଗ କରିଛନ୍ତି। ବାତ୍ୟା ସମୟରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ରଘୁ ରେଡ୍ଡୀ, ଗଞ୍ଜାମ ଏନ୍‌ଏସି ମଣ୍ଡଳ ସଭାପତି କାନ୍ତାରୀ ଦଳାଇ, ପୂର୍ବତନ ଉପାଧକ୍ଷ ବସନ୍ତ କୁମାର ବେହେରା ପ୍ରମୁଖ ପାଳିବନ୍ଧ, ସାନରାମଚନ୍ଦ୍ରପୁର, ଝାରେଡ଼ି ରାଧାଗୋବିନ୍ଦପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ରାମଗଡ଼ ପଞ୍ଚାୟତରେ ନିମ୍ନମାନର ରନ୍ଧାଖାଦ୍ୟ ଦିଆଯାଇଥିବା ୫୦ରୁ ଉର୍ଦ୍ଧ୍ୱ ଲୋକ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ଭାଜପା ପକ୍ଷରୁ କୁହାଯାଇଛି। ଯେଉଁ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ବିଦ୍ୟୁତ, ପାନୀୟ ଜଳ ସମସ୍ୟା ଏବଂ ଶୌଚାଳୟ ନ ଥିବାରୁ ମହିଳାମାନେ ନାନା ହଇରାଣ ହୋଇଥିବା ଭାଜପା ଅଭିଯୋଗ କରିଛି। ଏନେଇ ଜିଲାପାଳଙ୍କ ନିକଟରେ ଭାଜପା ଅଭିଯୋଗ କରିବ ବୋଲି ସୂଚନା ମିଳିଛି।

## ସିବିଏସ୍‌ଇ ଦ୍ୱାଦଶଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

# ବ୍ରହ୍ମପୁରରେ ଯୋଗେଶ ଟପ୍ପର୍

**ବ୍ରହ୍ମପୁର ଅଫିସ,୫।୫**

ସେଣ୍ଟ୍ରାଲ୍ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେଶନ୍(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଯାଇଛି। ବ୍ରହ୍ମପୁର ଡିଏଭି ପବ୍ଲିକ ସ୍କୁଲର ଯୋଗେଶ ଶତପଥୀ ଟପ୍ପର ହୋଇଛନ୍ତି। ବିଜ୍ଞାନ ଛାତ୍ର ଯୋଗେଶ ୯୫.୮୦ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଗୋଳନ୍ଥରାର ସ୍ୱର୍ଗତ ରାମନାଥ ଶତପଥୀଙ୍କ ନାତି ତଥା ପ୍ରଦୀପ ଏବଂ ନିବେଦିତାଙ୍କ ପୁଅ ଯୋଗେଶ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ବିଦ୍ୟାଳୟର ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା, ମା’ ବାପାଙ୍କ ପ୍ରେରଣା ଏବଂ ନିଜ କଠିନ ପରିଶ୍ରମ ଯୋଗୁ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଯୋଗେଶ ବାୟୋଲୋଜୀରେ ୧୦୦ରୁ ୧୦୦ ମାର୍କ ରଖିଛନ୍ତି। ସେହିଭଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଶୌଭାଗ୍ୟ ତ୍ରିପାଠୀ। ସେ ୯୫.୪୦ପ୍ରତିଶତ ମାର୍କ ରଖିଛନ୍ତି। ୯୪.୮୦ପ୍ରତିଶତ ମାର୍କ ସହ ତୃତୀୟ ସ୍ଥାନରେ ରହିଛନ୍ତି ଦେବାଶିଷ ମିଶ୍ର। ଏମାନଙ୍କ ବ୍ୟତୀତ ଅନ୍ୟ ଛାତ୍ରୀଛାତ୍ରମାନେ ମଧ୍ୟ ସଫଳତା ହାସଲ କରିଛନ୍ତି । ଏହି ବିଦ୍ୟାଳୟର ମୋଟ ୧୩୬ ଛାତ୍ରୀଛାତ୍ର ଦ୍ୱାଦଶ ପରୀକ୍ଷା ଦେଇଥିଲେ। ସେଥିରୁ ୧୩୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ରହିଛନ୍ତି ୧୩୨ ଛାତ୍ରୀଛାତ୍ର । ୨୪ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୭୧ଜଣ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ବିଦ୍ୟାଳୟର ମୋଟ ପାସ୍ ହାର ୯୮.୫୨ପ୍ରତିଶତ ରହିଛି ବୋଲି ଅଧ୍ୟକ୍ଷା ଧରାଶ୍ରୀ ପାଢୀ ସୂଚନା ଦେଇଛନ୍ତି ।



ଯୋଗେଶ ଶତପଥୀ ।

ଅନ୍ୟପଟେ କେନ୍ଦ୍ରୀୟ ବିଦ୍ୟାଳୟରେ ପାସ୍ ହାର ୯୮.୯୦ପ୍ରତିଶତ ରହିଛି। ବିଜ୍ଞାନରେ ୯୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯୦ଜଣ ପାସ୍ କରିଛନ୍ତି। ନିର୍ଲିପ୍ତା ସାହୁ ୯୩.୮୦ପ୍ରତିଶତ ମାର୍କ ରଖି ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ଆଶୁତୋଷ ମହାପାତ୍ର ୯୩.୬୦ପ୍ରତିଶତ ମାର୍କ ରଖିଛନ୍ତି। ସେହିଭଳି ୯୩ପ୍ରତିଶତ ସହ ଜ୍ୟୋତିର୍ମୟୀ ମହାରଣା ତୃତୀୟ ଏବଂ ୯୧.୬୦ପ୍ରତିଶତ ମାର୍କ ସହ ଇପ୍‌ସିତା ପାଢୀ ଚତୁର୍ଥ ସ୍ଥାନରେ ରହିଛନ୍ତି। ହ୍ୟୁମାନିଟିଜ୍ ବିଭାଗରେ ୨୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନ କ୍ରିଷ୍ଣା ୮୬.୨ପ୍ରତିଶତ ମାର୍କ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ସଂକଳ୍ପ ଆବାସିକ ବିଦ୍ୟାଳୟରେ ୯୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୦ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ସେଥିରେ କୃଷ୍ଣକାନ୍ତ ଦାସ ସର୍ବାଧିକ ୮୪ପ୍ରତିଶତ ନମ୍ବର ରଖିଛନ୍ତି । ସେଣ୍ଟ ଜାଭିୟର୍ସ ସ୍କୁଲର ସଫଳତା ହାର ୯୦ପ୍ରତିଶତ ରହିଛି । ବିଦିଶ ମହାପାତ୍ର ସର୍ବାଧିକ ୮୬ପ୍ରତିଶତ ମାର୍କ ରଖିଛନ୍ତି ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ପରଜଙ୍ଗ, ୫।୫(ଡି.ଏନ୍.ଏ.):** ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭୃତିଆ ପଟ୍ରୋଲ ପମ୍ପ ସମ୍ମୁଖ ରାସ୍ତା ଆକ୍ସିଡେଣ୍ଟ ଜୋନ୍‌ରେ ପରିଣତ ହୋଇଛି। ଏଠାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଶନିବାର ରାତିରେ ଟ୍ରକ୍ ଧକ୍କାରେ ଦୋମୁହାଣି ଗ୍ରାମର ବାଇକ୍ ଆରୋହୀ ସୁଦାମ ସାହୁ ପ୍ରାଣ ହରାଇଛନ୍ତି। ଏଥିରେ ମୁନା ସାହୁ ଗୁରୁତର ହୋଇଛନ୍ତି। ଉଭୟେ ବାଇକ୍‌ରେ ଯାଉଥିବାବେଳେ ସମ୍ମୁଖରୁ ଉକ୍ତ ଟ୍ରକ୍ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ସୁଦାମଙ୍କ ମୃତ୍ୟୁ ଘଟିଥିବାବେଳେ ମୁନାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଳଚେର ମଣ୍ଡପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଦନ୍ତା ତାଣ୍ଡବ, ୩ ପରିବାର ବେଘର

**ପରଜଙ୍ଗ, ୫।୫(ଡି.ଏନ୍.ଏ.):** ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ନୂଆ ରୋଡ୍ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ପଶି ବ୍ୟାପକ କ୍ଷତି କରିଛି। ଜମ୍ବେଶ୍ୱର ଦେହୁରୀ, କମାର ବେହେରା, କରୁଣାକର ସାହୁଙ୍କ ଚାଳଘର ହାତୀ ଭାଙ୍ଗି ଦେଇଛି। ଘରେ ଥିବା ଧାନଚାଉଳ ଖାଇଯିବା ସହ ମୂଲ୍ୟବାନ ଆସବାବପତ୍ର ନଷ୍ଟ କରିଦେଇଛି। ରେଞ୍ଜର ହରମୋହନ ନାୟକ ବନ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବେଘର ହୋଇଥିବା କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଅଗ୍ନିକାଣ୍ଡରେ ୬ ବଖରା ଧ୍ୱଂସ

**କାମାକ୍ଷାନଗର, ୫।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୧ନଂ. କଲୋନୀରେ ଶନିବାର ରାତି ପ୍ରାୟ ୧୧ଟାବେଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୁରୁଚରଣ ପାତ୍ରଙ୍କ ୬ ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତେବେ ପୂର୍ବ ଶତ୍ରୁତାରୁ କେହି ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଗୁରୁଚରଣ ଅଭିଯୋଗ କରିଛନ୍ତି। କଙ୍କଡ଼ାହାଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଥିବା ଆକଳନ କରାଯାଇଛି। ସନ୍ଧ୍ୟାସୁଦ୍ଧା ବିପନ୍ନ ପରିବାର ନିକଟରେ ପ୍ରଶାସନ ପହଞ୍ଚିନି। କିମ୍ବା କୌଣସି ସହାୟତା ମିଳି ନ ଥିବା ଗୁରୁଚରଣ କହିଛନ୍ତି।

### ବଇଣ୍ଡା ଚନ୍ଦନ ଯାତ୍ରା ପ୍ରସ୍ତୁତି

**ବଇଣ୍ଡା, ୫।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ଚଳିତ ମାସ ୨୪ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀ ଓ ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଶନିବାର ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ପ୍ରତାପ ପ୍ରଧାନ, ପରିକ୍ଷିତ ସାହୁ, ସଞ୍ଜୟ ସାହୁ, ପ୍ରସନ୍ନ ବେହେରା, ସନ୍ତୋଷ କୁମାର ସାହୁ, ଲଛମନ ଦାସ, ପ୍ରଦୀପ ଘିଓ୍ୱାଲାଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟର ହିସାବ କରାଯାଇଥିଲା। ଚଳିତ ବର୍ଷ କିଭଳି ଧୁମ୍‌ଧାମରେ ଯାତ୍ରା ପାଳନ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଞ୍ଚଳର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଯାତ୍ରା ପୂର୍ବରୁ ସଫେଇ ଉପରେ ଆଲୋଚନା ହୋଇଥିଲା। ଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ୧୫ ଜଣ ସଭ୍ୟଙ୍କୁ ନେଇ କମିଟି ଗଠନ କରାଯାଇଛି। ବିଭିନ୍ନ ବିଷୟରେ ଉକ୍ତ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ହେବ।

### ବହି ଦୋକାନରୁ କଫ୍ ସିରପ ଜବତ, ୨ ଅଟକ

**କଣିହାଁ, ୫।୫(ଡି.ଏନ.ଏ.):** ଅନୁଗୋଳ ଜିଲା ସମଲ ଥାନା ଅଞ୍ଚଳରେ ବେଧଡ଼କ କୋର୍ଡିନ ଯୁକ୍ତ ନିଶା ଔଷଧ (କଫ୍ ସିରପ୍) ବିକ୍ରି ଚାଲିଛି। ଏ ନେଇ ଅଭିଯୋଗ ପାଇବା ପରେ ସମଲ ପୋଲିସ ରବିବାର ବ୍ୟାରେଜ ହାଇସ୍କୁଲ ଛକରେ ଥିବା ଏକ ବହି ଦୋକାନ ଏବଂ ସମ୍ପୃକ୍ତ ଦୋକାନୀଙ୍କ ସମଲସ୍ଥିତ ବାସଭବନରେ ଚଢ଼ାଉ କରିଛି। ଘଟଣାସ୍ଥଳରୁ ବହୁ ପରିମାଣର ସିରପ୍ ଜବତ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରିଥିବା ପୋଲିସ କହିଛି।

# ପର୍ଯ୍ୟଟନସ୍ଥଳୀ ଛାରଖାର

■୨ଦିନ ପରେ ବି ସପ୍ତଶଯ୍ୟାକୁ ବାଟ ଫିଟିନି
■ତପୋବନ ଆଶ୍ରମରେ ବ୍ୟାପକ କ୍ଷତି
■କପିଳାସ ଘାଟି, ପାହାଚ ରାସ୍ତା ଅବରୋଧ
■ଅନ୍ଧାରରେ ମହିମା ଧର୍ମପୀଠ ଯୋରନ୍ଦା

**ଢେଙ୍କାନାଳ ଅଫିସ, ୫।୫**

ବାତ୍ୟା 'ଫନୀ'ର ପ୍ରକୋପରେ ଢେଙ୍କାନାଳର ସବୁଜ ବନାନୀ ଛାରଖାର ହୋଇଯାଇଛି। ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତପୋବନ, ସପ୍ତଶଯ୍ୟାରେ ଅଗଣତି ମୂଲ୍ୟବାନ ଗଛ ଧରାଶାୟୀ ହୋଇଛି। ଯୁଆଡ଼େ ଚାହିଁଲେ ଖାଲି ମୁକୁଳା ପରିବେଶ। ଏତେ ପରିମାଣର କ୍ଷତି କେବେ ଭରଣା ହେବ ତାହାର କଳନା କରିବା ମୁସ୍କିଲ। ଏପରି କ୍ଷତିର ଦାଗ ଆସନ୍ତା ଦଶନ୍ଧି ମଧ୍ୟରେ ପୂରଣ ହେବା ଅସମ୍ଭବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ବାତ୍ୟା ପ୍ରଭାବରେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାକୁ ୨ଦିନ ବିତିଯାଇଥିଲେ ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସପ୍ତଶଯ୍ୟା ଏବଂ ଏଠାକାର କ୍ଷେତ୍ରାଧିପତି ଶ୍ରୀରଘୁନାଥଜୀଉଙ୍କ ପୀଠକୁ ରାସ୍ତା ଫିଟିନାହିଁ। ମହିମା ଧର୍ମର ଆଦିପୀଠ ତପୋବନର ଚିତ୍ର ବଦଳିଯାଇଛି। ପୀଠର ରୋଷଘର ଭାଙ୍ଗିରୁଜି ଯାଇଛି। ମାଟିକାନ୍ଥ ଭାଙ୍ଗିଯାଇଛି। ପ୍ରବଳ ପବନରେ ଟିଣଛପର ଉଡ଼ିଯାଇଛି। ପୀଠର ଅଖଣ୍ଡବଟୀ ମନ୍ଦିର ନିକଟରେ ଥିବା ଅନେକ ନିମଗଛ ଧରାଶାୟୀ ହୋଇଛି।

ସୌର ଆଲୋକ ବ୍ୟବସ୍ଥା ନଷ୍ଟ ହୋଇଯାଇଛି। ସପ୍ତଶଯ୍ୟା ସଂରକ୍ଷିତ ଜଙ୍ଗଲରେ ୫୦ରୁ ଊର୍ଦ୍ଧ୍ୱ ବିଶାଳକାୟ ଶାଗୁଆନ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଛି । ଫଳରେ ପୀଠକୁ ଯିବାରେ ସମସ୍ୟା ଦେଖାଦେଇଛି। କପିଳାସ ପୀଠାଧୀଶ ଶ୍ରୀଚନ୍ଦ୍ରଶେଖରଙ୍କ ପୀଠକୁ ଯିବା ଲାଗି ରହିଥିବା ବାରବାଙ୍କ ଘାଟି ରାସ୍ତାର ଅଧିକାଂଶ ସ୍ଥାନରେ ବଡ଼ବଡ଼ ଗଛ ଓ ପଥର ପଡ଼ିଛି। ପାହାଚ ରାସ୍ତାରେ ମଧ୍ୟ ବହୁ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୀଠର ପୁନରୁଦ୍ଧାର ପାଇଁ ସାଧୁ ଜ୍ଞାନୀ ବାବା, ତ୍ୟାଗୀ ସନକ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଜଣାଇଛନ୍ତି ।

ଏ ନେଇ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କୁହନ୍ତି, ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ଏବଂ ବନ ବିଭାଗ ପକ୍ଷରୁ ଉପୁଡ଼ି ପଡ଼ିଥିବା ଗଛ ହଟାଇବାକୁ ଜୋର୍‌ସୋର୍‌ରେ ଉଦ୍ୟମ ଜାରି ରହିଛି। ରବିବାର ସନ୍ଧ୍ୟା ସୁଦ୍ଧା ଅନେକ ସ୍ଥାନରୁ ଗଛ କଟାଯାଇଛି। ଏହି କାର୍ଯ୍ୟ ଆହୁରି ଦିନେ ଦୁଇଦିନ ଧରି ଚାଲିବ। ଖୁବ୍‌ଶୀଘ୍ର ପୀଠର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ 'ଫନୀ' ତାଣ୍ଡବରେ ଜିଲାର ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ବ୍ୟାପକ ବିଦ୍ୟୁତ୍ ତାର ଛିଣ୍ଡିଛି। ଖୁଣ୍ଟ ଉପୁଡ଼ି ପଡ଼ିଛି। ଢେଙ୍କାନାଳ ସଦର ଏବଂ ଗଁଦିଆ ବ୍ଲକର ମହିମା ଧର୍ମପୀଠ ଯୋରନ୍ଦା, ନିହଲପ୍ରସାଦ, ଷଡ଼ଙ୍ଗୀ, ଖଙ୍କିରା ସମେତ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସର୍ବାଧିକ ପ୍ରଭାବିତ ହୋଇଛି। କେବଳ ନିହଲପ୍ରସାଦ ଡିଭିଜନରେ ୨୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ଭାଙ୍ଗିପଡ଼ିଛି। ଢେଙ୍କାନାଳ ସହର ଉପକଣ୍ଠ କାଠଗଡ଼ା, ସଦର ବ୍ଲକ ଅଧୀନ ଶଙ୍କରପୁର, ମଙ୍ଗଳପୁର, ଭାପୁର ଫାଣ୍ଡି ଅଞ୍ଚଳର ଆଭ୍ୟନ୍ତରୀଣ ଗ୍ରାମରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇନାହିଁ। ଅଧିକାଂଶ ଅଞ୍ଚଳ ଅନ୍ଧାରରେ ରହିଛି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଏ ସମ୍ପର୍କରେ ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର କୁହନ୍ତି, ସେସୁ ଏବଂ ଏନ୍‌ଜେନ୍ କର୍ମଚାରୀମାନେ ଯୁଦ୍ଧକାଳୀନଭିତ୍ତିରେ ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ଗଁଦିଆରେ ରବିବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ ହୋଇଛି। ଅନ୍ୟସ୍ଥାନରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହେବାପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ସେ କହିଛନ୍ତି।


ତପୋବନ ପୀଠରେ ଲାଗିଥିବା ସୋଲାର ଲାଇଟ୍ ପ୍ୟାନେଲ ଭାଙ୍ଗିପଡ଼ିଛି।


ତପୋବନ ଆଶ୍ରମ ରୋଷଘର କ୍ଷତିଗ୍ରସ୍ତ ହୋଇଛି।

**ରିପୋର୍ଟ ମାଗିଲେ ରାଜ୍ୟ ସରକାର**

ବାତ୍ୟା 'ଫନୀ' ପ୍ରଭାବରେ ଢେଙ୍କାନାଳ ସଦର, ଗଁଦିଆ ଏବଂ ଭୁବନ ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଛି। ଜିଲାରେ ବାତ୍ୟାଜନିତ କ୍ଷୟକ୍ଷତି ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଜିଲା ଜରୁରୀ ଓ ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ତତ୍ତ୍ୱାବଧାନରେ ବାତ୍ୟା ସମୟରେ ସୁରକ୍ଷିତ ସ୍ଥାନ ଏବଂ ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ସଚେତନ ନାଗରିକ ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଉପସଭାପତି ପଙ୍କଜ ନାୟକ ପ୍ରମୁଖ ଆଶ୍ରୟସ୍ଥଳୀ ବୁଲି ବିପନ୍ନଙ୍କ ସମସ୍ୟା ପଚାରି ବୁଝିବା ସହ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ୨ ନାଗ, ଗୋଧି ଉଦ୍ଧାର



**ଛେଣ୍ଡିପଦା,୫।୫(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ଗଉଡନାଳୀସାହିର ଭଗବାନ ବେହେରାଙ୍କ କୂଅରୁ ରବିବାର ସକାଳେ ଏକ ୫ ଫୁଟ୍ ଲମ୍ବର ନାଗ ସାପ ଓ ଗୋଧିକୁ ସ୍ନେକ ହେଲପ ଲାଇନ ସଦସ୍ୟ ହିମାଂଶୁ ଦେହୁରୀ ଉଦ୍ଧାର କରିଛନ୍ତି। ସାପଟି ଗୋଧିକୁ ଗୋଡାଉ ଥିବାବେଳେ ଗୋଧିଟି କୂଅ ଭିତରେ ଖସି ପଡ଼ିଥିଲା। ଖବରପାଇ ସ୍ନେକ ହେଲପ ଲାଇନ ସଦସ୍ୟ ହିମାଂଶୁ ଦେହୁରୀ ଓ ତାଙ୍କ ସାଥି ପ୍ରଶାନ୍ତ କୁମାର ସାପ ଓ ଗୋଧିକୁ କୂଅରୁ ଉଦ୍ଧାର କରିଥିଲେ। ପରେ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଛାଡ଼ି ଦେଇଥିଲେ। ସେହିପରି ଶନିବାର ବିଳମ୍ବିତ ରାତିରେ ଛେଣ୍ଡିପଦା କାନାଡା ବ୍ୟାଙ୍କ ତଳେ ରହୁଥିବା ଜନୈକ ଖବରଦାତାଙ୍କ ଘରୁ ସ୍ନେକ ହେଲପ ଲାଇନ ସଦସ୍ୟ ନଗେନ କୁମାର ନନ୍ଦ ଏକ ୪ ଫୁଟ୍ ଲମ୍ବର ନାଗ ସାପକୁ ଉଦ୍ଧାର କରି ଛେଣ୍ଡିପଦା ଜଙ୍ଗଲରେ ଛାଡି ଦେଇଥିଲେ।

■ବଇଣ୍ଡାରେ ସ୍ଥାପନ ହେଉନି ଅଗ୍ନିଶମ କେନ୍ଦ୍ର

# ୩୯ କିମି ଦୂରରୁ ଆସୁଛି ଦମକଳ ଗାଡ଼ି

■୨ ଘଣ୍ଟା ବିଳମ୍ବରେ ପହଞ୍ଚୁଛନ୍ତି କର୍ମଚାରୀ
■ଆୟତ୍ତ ହୋଇପାରୁନି ନିଆଁ, ନଷ୍ଟ ହେଉଛି ସମ୍ପତ୍ତି

**ବଇଣ୍ଡା, ୫।୫(ଡି.ଏନ.ଏ.)**

ଦୀର୍ଘ ଦିନରୁ ଦାବି ସତ୍ତ୍ୱେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡାଠାରେ ଅଗ୍ନିଶମ କେନ୍ଦ୍ରଟିଏ ସ୍ଥାପନ ହୋଇପାରୁନି। ବଇଣ୍ଡା କିମ୍ବା ଆଖପାଖ ଅଞ୍ଚଳରେ ନିଆଁ ଲାଗିଲେ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡୁଛି। ଫଳରେ ଅଗ୍ନିକାଣ୍ଡ ଘଟିଲେ ଅଞ୍ଚଳବାସୀଙ୍କ ଘର ଓ ବହୁ ସମ୍ପତ୍ତି ନଷ୍ଟ ହେଉଛି। ଏଥିଯୋଗୁ ଅନେକ ଧନ ଜୀବନ ହାନି ହେଉଛି। ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ବଇଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ନିଆଁ ଲାଗିଲେ ଏହାକୁ ଆୟତ୍ତ କରାଯାଇପାରୁନାହିଁ। ନିକଟରେ ଅଗ୍ନିଶମ କେନ୍ଦ୍ର ନ ଥିବାରୁ ୩୯ କିମି ଦୂରରେ ଥିବା ଆଠମଲ୍ଲିକ ନଚେତ୍ ବାମୁର ଅଗ୍ନିଶମ ବିଭାଗ ଉପରେ ନିର୍ଭର କରିବାକୁ ପଡୁଛି। ନିଆଁ ଲାଗିବା ନେଇ ସେମାନଙ୍କୁ ସୂଚନା ଦିଆଗଲେ ୨ ଘଣ୍ଟା ବିଳମ୍ବରେ ଦମକଳ କର୍ମଚାରୀ ଆସି ପହଞ୍ଚୁଛନ୍ତି। ସେତେବେଳକୁ ନିଆଁରେ ସବୁକିଛି ଜଳିଯାଉଛି। ବଇଣ୍ଡା ଉପଖଣ୍ଡର ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ସେଠାରେ ଏକ ଅଗ୍ନିଶମ କେନ୍ଦ୍ର ସ୍ଥାପନ ପାଇଁ ଲୋକେ ଦାବି କରିଆସୁଛନ୍ତି। ଏହାହେଲେ ପେଡ଼ିପଥର, ସାନହୁଲା, ସାପଘରା, ପାଇକସାହି, ଟାପଡୋଲ, କୁରୁମୁଟାପ, ଠାକୁରଗଡ଼, କୁର୍ତ୍ତିବାସପୁର, ମଇମୁରା, ଆମ୍ବଶରମୁଣ୍ଡା, ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀ, ଲୁହାମୁଣ୍ଡା, କତଡା, ଜରପଡ଼ା, ଦୁର୍ଗାପୁର ଆଦି ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଉପକୃତ ହେବେ। ଏ ନେଇ ବହୁବାର ଆନ୍ଦୋଳନ, ରାସ୍ତାରୋକୋ କରାଯାଇଥିଲେ ମଧ୍ୟ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ବଇଣ୍ଡା ଗ୍ରାମବାସୀ ବହୁବାର ସ୍ଥାନୀୟ ବିଧାୟକ, ଜିଲାପାଳ ଓ ରାଜ୍ୟ ଅଗ୍ନିଶମ ବିଭାଗ ଡିଜିଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ବଇଣ୍ଡାଠାରେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ପାଇଁ ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ, ଭଗବାନ ଘିଓ୍ୱାଲା, ଅଭିରାମ ସାହୁ, ମାନସ ସାହୁ, ଜିତେନ୍ଦ୍ର ବେହେରା, ଜଳଧର ସାହୁ, ଗିରୀଶ ଚନ୍ଦ୍ର ବେହେରା, ପ୍ରତାପ ପ୍ରଧାନ, ରାଜେନ୍ଦ୍ର ସାହୁ, ରମାକାନ୍ତ ବେହେରା ପ୍ରମୁଖ ଦାବି କରିଛନ୍ତି।

**ଆଜି କ'ଣ କେଉଁଠି**

**ବଁଅରପାଳ**
➜୨୫ତମ ବାର୍ଷିକ ରାମଚରିତ ମାନସ ପରାୟଣ **ସ୍ଥାନ:** କାଣ୍ଡସର **ସମୟ:** ସକାଳ ୭ଟା ।

### ଅବକାରୀ ଚଢ଼ାଉ, ୨ ଗିରଫ

**ଛେଣ୍ଡିପଦା, ୫।୫(ଡି.ଏନ.ଏ.)**

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଛେଣ୍ଡିପଦା ଥାନା ନୂଆଗାଁରେ ରବିବାର ଚଢ଼ାଉ କରାଯାଇଛି। ଚୋରା ମଦ କାରବାର ଅଭିଯୋଗରେ ତପନ ବେହେରା ଏବଂ ସୁକାନ୍ତି ସାହୁ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୨୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି।
ଅବକାରୀ ଥାନା ଏସ୍‌ଆଇ ଅରବିନ୍ଦ ରାଉତ ରାଏଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ନଂ. ୯/୧୯ ଏବଂ ୧୦/୧୯ରେ ମାମଲା ରୁଜୁ କରାଯାଇଛି।

# ପେନ୍‌ସନ ଅଦାଲତ



ମାମଲା ସମାଧାନ ପରେ ଅଭିଯୋଗକାରୀଙ୍କୁ ଅତିଥି ଚେକ୍ ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୫।୫**

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଢେଙ୍କାନାଳ ଜିଲା ଶିକ୍ଷାଧିକାରୀଙ୍କ ସମ୍ମିଳନୀ କକ୍ଷରେ ରବିବାର ପୂର୍ବାହ୍ନ ସାଢ଼େ ୮ଟାରେ ଜିଲାସ୍ତରୀୟ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଡିଇଓ ସୁଧାନନ୍ଦ ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅବସରକାଳୀନ ପେନ୍‌ସନ ସମ୍ପର୍କିତ ସମୀକ୍ଷା କରାଯାଇଥିଲା। ୧୦୬ ମାମଲାର ଶୁଣାଣି କରାଯାଇଥିବାବେଳେ ସେଥିରୁ ୧୯ଟିର ଫଇସଲା କରାଯାଇଛି। ମେ ୧୨ରେ ଜିଲାର ସମସ୍ତ ୮ ବ୍ଲକର ୧୪ଟି ଏବଂ ୧୯ ତାରିଖରେ ୩୩ଟି ମାମଲାର ଫଇସଲା କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

■ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ

# ଜୁନ୍‌ରେ ଜିଲାସ୍ତରୀୟ ପ୍ରଶିକ୍ଷଣ


ରାଘବ ଚନ୍ଦ୍ର ସାହୁଙ୍କୁ ଆଶାବାଡ଼ି ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୫।୫**

ଦିବ୍ୟାଙ୍ଗମାନେ ବି ସକ୍ଷମ। ସେମାନେ ସାଧାରଣ ମଣିଷ ଭଳି ଜୀବନଯାପନ କରିପାରିବେ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାର ସଫଳ ରୂପାୟନ ଲାଗି ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ଏପରି ବହୁମୁଖୀ ଯୋଜନା ବିଷୟରେ ଦିବ୍ୟାଙ୍ଗମାନେ ଜାଣିପାରିଲେ ସେମାନେ ଲାଭାନ୍ୱିତ ହୋଇପାରିବେ। ଏପରି ମହତ୍ ଉଦ୍ଦେଶ୍ୟ ରଖି ମା' ସାରଳା ଭିନ୍ନକ୍ଷମ କଲ୍ୟାଣ ସମିତି ପକ୍ଷରୁ ଢେଙ୍କାନାଳ ଜିଲା ସମସ୍ତ ଦିବ୍ୟାଙ୍ଗଙ୍କୁ କର୍ମଶାଳା ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ। ଜୁନ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏ ନେଇ ରବିବାର ସ୍ଥାନୀୟ ଶମ୍ଭୁଗୋପାଳ ମଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ସମିତି ମୁଖ୍ୟ ଅନ୍ତର୍ଯ୍ୟାମୀ ସାହୁ, ଆଇନଜୀବୀ ହରିହର ପଣ୍ଡାଙ୍କ ଆବାହକତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ରାଘବ ଚନ୍ଦ୍ର ସାହୁଙ୍କୁ ଆଶାବାଡି, ସୁଧାକର ଦେହୁରୀଙ୍କ କୃତ୍ରିମ ଗୋଡ଼, ଅକାରଣ ଦେହୁରୀଙ୍କୁ କୃତ୍ରିମ ହାତ ପ୍ରଦାନ କରାଯାଇଥିଲା। ଜିଲାର ସମସ୍ତ ଦିବ୍ୟାଙ୍ଗ ସରକାରୀ ଯୋଜନାର ଲାଭ ଉଠାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କବି ନାୟକ, ଉର୍ବଶୀ ବେହେରା, ସୁକାନ୍ତ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ଅନୁଗୋଳ ଜିଲା ଚିକିତ୍ସାଳୟରେ ଗର୍ଭବତୀ ହୀନସ୍ତା

# ନାଳିଆଖି ଦେଖାଇ ବାହାର କରିଦେଲେ

■ସହଯୋଗ କଲେ ସାମାଜିକ କର୍ମୀ
■ଘରୋଇ ମେଡିକାଲରେ ଶିଶୁ ଜନ୍ମ

**ଅନୁଗୋଳ ଅଫିସ, ୫।୫**

ଚିକିତ୍ସାରେ ଅବହେଳା ଓ ଡାକ୍ତରଖାନା କର୍ମଚାରୀଙ୍କ ମନମୁଖି କାମକୁ ନେଇ ପୁଣି ଚର୍ଚ୍ଚାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଅଭାବରୁ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ମେଡିକାଲ କର୍ମଚାରୀ। ଯାହା ପୁଣିଥରେ ଶନିବାର ଦେଖିବାକୁ ମିଳିଛି। ଜଣେ ପ୍ରସୂତିଙ୍କୁ ଚିକିତ୍ସା ଯୋଗାଇବା ବଦଳରେ ଡାକ୍ତରଖାନାର ଜଣେ ନର୍ସ ଦୁର୍ବ୍ୟବହାର କରିବା ଓ ଆଡମିଶନ ନ କରାଇ ଗୁରୁତର ଅବସ୍ଥାରେ ବିନା ଚିକିତ୍ସାରେ ଛାଡି ଦେବା ପରି ସଙ୍ଗିନ ଅଭିଯୋଗ ଆସିଛି। ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କମଳାଙ୍ଗ ଗାଁର ଅଭିମନ୍ୟୁ ନାଏକ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଏହି ଅଭିଯୋଗ ଆଣିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ମୁତାବକ, ପ୍ରସବ ଯନ୍ତ୍ରଣା ହେବାରୁ ଜ୍ୟୋତ୍ସ୍ନାଙ୍କୁ ନେଇ ସେ ଶନିବାର ରାତିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ପ୍ରସୂତି ବିଭାଗରେ କାର୍ଯ୍ୟରତ ଜଣେ ନର୍ସ ତାଙ୍କୁ ଚେକ୍‌ଅପ୍ ପାଇଁ ନେଇଥିଲେ। ଚେକ୍‌ଅପ୍ ସମୟରେ ନର୍ସ ତାଙ୍କର ପୂର୍ବରୁ କେତୋଟି ପିଲା ଥିବା କଥା ପଚାରିଥିଲେ। ପ୍ରସୂତି ଜଣଙ୍କ ଦୁଇଟି କନ୍ୟା ସନ୍ତାନର ମା' ବୋଲି କହିଥିଲେ। ଏହାପରେ ନର୍ସ ଜଣକ ନର୍ମାଲ ନା ଅସ୍ତ୍ରୋପ୍ରଚାର ହୋଇ ଶିଶୁ ଜନ୍ମ କରିଛନ୍ତି ବୋଲି ଜ୍ୟୋତ୍ସ୍ନାଙ୍କୁ ପଚାରିଥିଲେ। ଅସ୍ତ୍ରୋପ୍ରଚାରରେ ଶିଶୁ ଜନ୍ମ କରିଥିବା କଥା ଜ୍ୟୋତ୍ସ୍ନା କହିବା ପରେ ନର୍ସ ଜଣକ ରାଗିଯାଇଥିଲେ ଏବଂ ଏଠାରେ ପ୍ରସୂତି ହୋଇପାରିବ ନାହିଁ ବୋଲି କହି ଜ୍ୟୋତ୍ସ୍ନାଙ୍କୁ ଚେକ୍‌ଅପ ରୁମ୍‌ରୁ ବାହାର କରିଦେଇଥିଲେ। ଅଭିମନ୍ୟୁ ନର୍ସଙ୍କୁ ଘଟଣା ବିଷୟରେ ପଚାରିବାରୁ ଜ୍ୟୋତ୍ସ୍ନାଙ୍କ ୨ ଥର ଅସ୍ତ୍ରୋପଚାର ହୋଇସାରିଛି ଆଉଥରେ ହୋଇପାରିବନି ବୋଲି କହିବା ସହ ତାଙ୍କୁ ସେଠାରୁ ନେଇଯିବାକୁ ଅଭିମନ୍ୟୁଙ୍କୁ କହିଥିଲେ। ଏ ବିଷୟରେ କୌଣସି ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଅଭିମନ୍ୟୁ ଅନୁରୋଧ କରିଥିଲେ ହେଁ ନର୍ସ ଜଣକ କିଛି ନ ଶୁଣିବା ସହ ତାଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସେପଟେ ଯନ୍ତ୍ରଣାରେ ଜ୍ୟୋସ୍ନା ଛଟପଟ ହେଉଥିଲେ ମଧ ତାଙ୍କୁ ଆଡମିଶନ କରି ନ ଥିଲେ କି ଅନ୍ୟତ୍ର ରେଫର ମଧ କରି ନ ଥିଲେ। କିଛି ଉପାୟ ନ ପାଇ ଶେଷରେ ପରିବାର ଲୋକ ସାମାଜିକ କର୍ମୀ ପ୍ରତାପ ମହାପାତ୍ରଙ୍କୁ ଜଣାଇଥିଲେ। ପ୍ରତାପଙ୍କ ସହଯୋଗରେ ପ୍ରସୂତିଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଏଡିଏମ୍‌ଓ ମେଡିକାଲଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ।


ପ୍ରସୂତିଙ୍କ ପରିବାର ମେଡିକାଲରୁ ଫେରୁଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀ ମୃତ୍ୟୁ ଦୁଃଖରେ ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ବାରିପଦା ଅଫିସ,୫।୫- ସ୍ତ୍ରୀଙ୍କ ମୃତ୍ୟୁରେ ମର୍ମାହତ ହୋଇ ସ୍ୱାମୀ ଆତ୍ମହତ୍ୟା ଉଦ୍ୟମ କରିବା ଭଳି ଘଟଣା ଶନିବାର ସନ୍ଧ୍ୟାରେ ବାରିପଦା ପିଆରଏମ ମେଡିକାଲ କଲେଜରେ ଘଟିଛି। କୁଳିଅଣା ଥାନା ଅଧୀନ ବିଜବଣୀ ଗ୍ରାମର କୃଷ୍ଣଚନ୍ଦ୍ର ହେମ୍ବ୍ରମଙ୍କ ସ୍ତ୍ରୀ ମୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମ୍ରିୟମାଣ ହୋଇ ସ୍ୱାମୀ କୃଷ୍ଣଚନ୍ଦ୍ର ମେଡିକାଲ କଲେଜର ଏକ ଅନ୍ଧାରୁଆ ସ୍ଥାନକୁ ଯାଇ ଏକ ଧାରୁଆ ଅସ୍ତ୍ରରେ ନିଜ ତଣ୍ଟିକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଅପହରଣ ମାମଲା: ସ୍ୱାମୀ, ସ୍ତ୍ରୀ ଓ ଝିଅ ଗିରଫ

ପାଟଣା, ୫।୫(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ଓ ନାବାଳକଙ୍କୁ ଅପହରଣ କରାଇନେବା ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ରବିବାର ଗୋଟିଏ ପରିବାରର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ବାବୁଲା ବେହେରା, ତାଙ୍କ ସ୍ତ୍ରୀ ମିନତୀ ବେହେରା, ଝିଅ ଲିଲି ବେହେରା। ଅଭିଯୋଗ ଅନୁଯାୟୀ ମାର୍ଚ୍ଚ ୧୯ ତାରିଖରେ ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ଓ ନାବାଳକ ଫେରାର କରାଇବାରେ ଏହି ପରିବାରର ସମ୍ପୃକ୍ତି ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଗୁରୁପ୍ରସାଦ ଦେଓ ଏକ ମାମଲା ରୁଜୁ କରିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ରାସ୍ତାରେ ଅଟକାଇ ଯୁବକଙ୍କୁ ହତ୍ୟା ଉଦ୍ୟମ

ବାସୁଦେବପୁର, ୫।୫ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁରର ପଦୁଆଁ-ବାଲିଛନ୍ଦା ଘାଟ ରାସ୍ତାର ତାରିଣୀ ମନ୍ଦିର ନିକଟରେ ରବିବାର ପର୍ଶୁରାମ ନାୟକ ନାମକ ଜଣେ ଯୁବକଙ୍କୁ ଅନ୍ୟ ଜଣେ ଯୁବକ ରାସ୍ତାରେ ଅଟକାଇ ଫାର୍ସାରେ ହାଣି ହତ୍ୟା ଉଦ୍ୟମ କରିଛନ୍ତି। ଫାର୍ସା ଚୋଟରେ ଗୁରୁତର ପର୍ଶୁରାମଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ପର୍ଶୁରାମଙ୍କ ଘର ପଦୁଆଁ ଗ୍ରାମରେ। ଏନେଇ ସେ ଲିଖିତ ଅଭିଯୋଗ ପରେ ବାସୁଦେବପୁର ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ପର୍ଶୁରାମଙ୍କ ସହିତ ଆକ୍ରମଣକାରୀ ଯୁବକଙ୍କର ପୂର୍ବଶତ୍ରୁତା ଥିଲା। ଭଦ୍ରଲୋକଙ୍କ ଉପସ୍ଥିତିରେ ରବିବାର ଏହାର ମୀମାଂସା ହେବା ପରେ ପର୍ଶୁରାମ ପୂର୍ବାହ୍ନରେ ବାଇକ୍‌ରେ ଘରକୁ ଫେରୁଥିଲେ। ଉକ୍ତ ଯୁବକ ଜଣଙ୍କ ତାରିଣୀ ମନ୍ଦିରଠାରେ ପୂର୍ବରୁ ଏକ ଫାର୍ସା ଧରି ଜଗି ରହିଥିଲେ। ପର୍ଶୁରାମଙ୍କୁ ସେଠାରେ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ତେବେ ଆକ୍ରମଣକାରୀ ଯୁବକ ଫେରାର ହୋଇଯାଇଥିବା ପୋଲିସ କହିଛି।

### ଆକ୍ରମଣ କରି ଛଡ଼ାଇନେଲେ ଗାଡ଼ି, ଟଙ୍କା

ବସ୍ତା, ୫।୫(ସ୍ୱ.ପ୍ର.)- ବସ୍ତା ଥାନା ହଳଦୀପଦା ସୋଲପଟା ରାସ୍ତାରେ ଜଣେ ବାଇକ୍ ଆରୋହୀଙ୍କୁ ୨ଜଣ ଯୁବକ ମରଣାନ୍ତକ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଓ ତାଙ୍କର ଏକ ଗାଡ଼ି ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ଶିଳଦା ଗ୍ରାମର ଗଣେଶ ନାୟକ ଚାନ୍ଦିପୁରରୁ ତାଙ୍କ ଘରକୁ ଫେରୁଥିବା ବେଳେ ୬୦ନଂ. ଜାତୀୟ ରାଜପଥର ହଳଦୀପଦା ବାଇପାସ୍‌ଠାରୁ ୨ଜଣ ଯୁବକ ତାଙ୍କୁ ପିଛା କରିଥିଲେ। ସୋଲପଟା ହାଇସ୍କୁଲ ବାସନ୍ତୀପଦା ନିକଟରେ ସେମାନେ ଗଣେଶଙ୍କୁ ଅଟକାଇ ତାଙ୍କଠାରୁ ଟଙ୍କା ଛଡ଼ାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଗଣେଶ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ତାଙ୍କଠାରୁ ୮ହଜାର ଟଙ୍କା, ସୁନା ମୁଦି, ମୋବାଇଲ ସମେତ ତାଙ୍କର ବାଇକ୍ (ନଂ.ଓଡି.୦୧.ଭି-୨୨୧୩) ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ଏବେ ଚିକିତ୍ସାଧୀନ ଅଛନ୍ତି।

# 'ପ୍ରଭାବିତଙ୍କ ପାଖରେ ସହାୟତା ପହଞ୍ଚାଅ'

## ଜିଲାପାଳଙ୍କୁ ଭେଟି ଦାବି ଜଣାଇଲେ ବିଜେଡି ପ୍ରତିନିଧି ଦଳ

ଭଦ୍ରକ ଅଫିସ, ୫।୫


ଆଲୋଚନା ବେଳେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସହ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

ସାମୁଦ୍ରିକ ବାତ୍ୟା 'ଫନୀ' ପ୍ରଭାବରେ ଭଦ୍ରକ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ତୁରନ୍ତ ଏହି କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବା ଲାଗି ବିଜେଡିର ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ଦାବି ଜଣାଇଛନ୍ତି।

ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ଓ ଭଦ୍ରକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ପ୍ରମୁଖ ବିଜେଡିର ଏକ ପ୍ରତିନିଧି ଦଳ ଭଦ୍ରକ ଜିଲାର ବାତ୍ୟା ପ୍ରଭାବିତ ବିଭିନ୍ନ ବ୍ଲକ ଗସ୍ତ କରିଥିଲେ। ପରେ ସେମାନେ ଜିଲାପାଳଙ୍କୁ ଭେଟି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ବାତ୍ୟାରେ ଯେଉଁ ଲୋକଙ୍କ ଘର ନଷ୍ଟ ହୋଇଛି, ଗୃହପାଳିତ ପ୍ରାଣୀ ମୃତ୍ୟୁବରଣ କରିଛନ୍ତି ଏବଂ ଅନ୍ୟ କ'ଣ କ୍ଷୟକ୍ଷତି ଘଟିଛି, ତାହାର ସବିଶେଷ ଆକଳନ କରାଯିବାକୁ ପ୍ରତିନିଧି ଦଳ ଦାବି କରିଥିଲେ। ସ୍ଥିତିରେ ସୁଧାର ଆଣିବା ପାଇଁ ତୁରନ୍ତ ବିପନ୍ନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଲାଗି ସେମାନେ ଅନୁରୋଧ କରିଥିଲେ। ବାତ୍ୟାରେ ଉଡ଼ିଯାଇଥିବା ଛପର ଘର ଓ କଚ୍ଚାଘର ପାଇଁ ପଲିଥିନ, ଶୁଖିଲା ଖାଦ୍ୟ ଓ କ୍ୟାଣ୍ଡେଲ ଯୋଗାଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ବାବଦରେ ପଚାରି ବୁଝିଥିଲେ। ଜିଲାର ସମସ୍ତ ଅଞ୍ଚଳକୁ ତୁରନ୍ତ ବିଦ୍ୟୁତ୍ ଯୋଗାଣ କରିବା ସହ ରାସ୍ତା, ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ। ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଯୋଗୁ ଜିଲାରେ କୌଣସି ଜୀବନ ହାନି ହୋଇ ନ ଥିବାରୁ ପ୍ରତିନିଧି ଦଳ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ବାତ୍ୟା ପ୍ରଭାବିତ ପ୍ରକୃତ କ୍ଷତିଗ୍ରସ୍ତ ଯେପରି ଠିକ୍ ଭାବେ ଚିହ୍ନଟ ହେବେ ଓ ସରକାରଙ୍କ ନିୟମାନୁଯାୟୀ କ୍ଷତିପୂରଣ ପାଇବେ, ସେଥିପ୍ରତି ପଞ୍ଚାୟତସ୍ତରୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯତ୍ନବାନ ରହିବା ଏବଂ ଜିଲାପାଳ ଏ ଦିଗରେ ସେମାନଙ୍କୁ ପରାମର୍ଶ ଦେବା ନେଇ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳ ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳର ବିଜେଡି କର୍ମୀ, ବ୍ଲକ, ପଞ୍ଚାୟତ ଓ ସହରାଞ୍ଚଳସ୍ତରୀୟ ପ୍ରତିନିଧିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।


ଗଛ କଟା ସ୍ଥାନରେ ଉପସ୍ଥିତ ଗ୍ରାମବାସୀ।

# ଗଛ କଟାକୁ ନେଇ ଉତ୍ତେଜନା

ଛେଣ୍ଡିପଦା, ୫।୫(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତର କନକପଡା ତାରିଣୀ ମଣ୍ଡପକୁ ଲାଗିଥିବା ଏକ ବରଗଛ କଟାଯିବାକୁ ନେଇ ରବିବାର ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଘଟଣାରୁ ଜଣାପଡିଛି ଗ୍ରାମରେ ତାରିଣୀ ମଣ୍ଡପକୁ ଲାଗି ଏକ ବରଗଛ ବହୁ ବର୍ଷ ହେବ ରହିଛି। ଉକ୍ତ ମଣ୍ଡପକୁ ଲାଗି ବାଗଡିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଜମି ରହିଥିବା ବେଳେ ସେହି ଜମିରେ ସେ ନୂତନ ଭାବେ ଘର ତିଆରି କରିଛନ୍ତି। ଗଛଟି ଘର ସାମ୍ନାରେ ରହିଥିବାରୁ ରବିବାର ଦ୍ୱିପ୍ରହରରେ ୪ ଜଣ ଶ୍ରମିକଙ୍କୁ ଲଗାଇ ଗଛ କାଟିଥିଲେ। ଗଛର ଅର୍ଦ୍ଧାଧିକ ଅଂଶ କାଟିସାରିଥିବାବେଳେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଗଛକଟାକୁ ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବେଆଇନ ଭାବେ ଏହି ଗଛ କଟାଯାଉଥିବା ଅଭିଯୋଗ କରି ଗ୍ରାମବାସୀ ଆଇନର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

# ସାହସିକତା ଦେଖାଇଲେ ଗ୍ରାମବାସୀ


ସାହସିକତା ପୁରସ୍କାର ପାଇଥିବା ଯୁବକମାନେ।

- ଧରାପଡ଼ିଲେ ୨ ବ୍ୟାଙ୍କ ଲୁଟେରା
- ଗୋଟିଏ ପିସ୍ତଲ ସମେତ ୨ ଭୁଜାଲି, ୬ ମୋବାଇଲ, ୨ ବାଇକ୍ ଜବତ
- ଖସି ପଳାଇଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

କେନ୍ଦୁଝର, ୫।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ମନୋହରପୁରଠାରେ ଥିବା ଏଲଆଣ୍ଡଟି ଫାଇନାନ୍ସିଆଲ ସର୍ଭିସ ବ୍ୟାଙ୍କ ଲୁଟ୍ ଘଟଣାରେ ଗ୍ରାମର ଯୁବକମାନେ ସାହସିକତା ଦେଖାଇ ଲୁଟେରାଙ୍କୁ ଗୋଡ଼ାଇ ଗୋଡ଼ାଇ ୨ଜଣଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ଲୁଟ ଟଙ୍କା ସମେତ ୬ଟି ମୋବାଇଲ ଫୋନ, ଗୋଟିଏ ପିସ୍ତଲ, ୨ଭୁଜାଲି ଜବତ କରି ପୋଲିସ ଜିମା ଦେଇଥିଲେ। ଲୁଟେରାମାନେ ବନ୍ଧୁକରୁ ଗୁଳି ଫୁଟାଇଥିଲେ ମଧ୍ୟ ଯୁବକମାନେ ଏଥିରେ ଡରି ଯାଇ ନ ଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ମୋଟରସାଇକେଲ ଜବତ କରିଥିଲା। ଧରାପଡ଼ିଥିବା ୨ ଲୁଟେରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶୁକ୍ରବାର କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ବଡବିଲ ଥାନା ତାରଖେଣ୍ଡରା ଗ୍ରାମର ବିଜୟ ମୁଣ୍ଡା ଓ ଝା ଥାନା ନୂଆମୁଣ୍ଡି ଗ୍ରାମର ଗୋରା ବାଲମୁଚ। ଘଟଣାସ୍ଥଳରେ ଖସି ପଳାଇଥିବା ଅନ୍ୟ ୨ ବ୍ୟାଙ୍କ ଲୁଟେରାଙ୍କୁ ଧରିବାଲାଗି ପୋଲିସ ତନାଘନା ଜାରି ରଖିଛି।

ଗତ ଗୁରୁବାର ଅପରାହ୍ନ ୩ଟା ୪୫ମିନିଟ୍ ବେଳେ ଏହି ୪ଜଣ ଲୁଟେରା ଦୁଇଟି ବାଇକ ଯୋଗେ ଆସି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ଥିବା ଗ୍ରାହକଙ୍କୁ ଭୟଭୀତ କରିବାଲାଗି ବ୍ରାଞ୍ଚ ମ୍ୟାନେଜରଙ୍କ ସମେତ ୪ଜଣ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଓ ଭୁଜାଲି ଲଗାଇ ସେମାନଙ୍କୁ ଏକ କୋଠରି ମଧ୍ୟରେ ବନ୍ଦ କରି ସାଢ଼େ ୩ଲକ୍ଷ ଟଙ୍କା ଲୁଟି ନେବାକୁ ଉଦ୍ୟମ କରିଥିଲେ। ବ୍ରାଞ୍ଚ ମ୍ୟାନେଜର ଜିତେନ୍ଦ୍ର କୁମାର ଦାସ କୌଶଳକ୍ରମେ ସେଠାରୁ ଖସିଆସି ବାହାରପଟୁ ବ୍ୟାଙ୍କ କବାଟ ବନ୍ଦ କରି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଏଥିସହ ପୋଲିସକୁ ମଧ୍ୟ ଖବର ଦେଇଥିଲେ। ପରିସ୍ଥିତି ଦେଖି ଲୁଟେରାମାନେ ଦୁଇ ମହଲା ବିଶିଷ୍ଟ କୋଠାର ପଛପଟ ସ୍କାଏଲାଇଟ ଭାଙ୍ଗି ଖସି ପଳାଇ ଯାଇଥିଲେ। ନିକଟସ୍ଥ ଗ୍ରାମର ଯୁବକମାନେ ଟଙ୍କା ବ୍ୟାଗ ଧରି ପଳାଉଥିବା ଦୁଇ ଲୁଟେରାଙ୍କ ପଛରେ ଦୌଡି ସେମାନଙ୍କୁ ରଘୁନାଥପୁର ଗ୍ରାମ ନିକଟରେ ଧରିଥିଲେ। ଲୁଟେରାମାନେ ଗୁଳି ଫୁଟାଇ ଥିଲେ ମଧ୍ୟ ଯୁବକମାନେ ସେମାନଙ୍କୁ କାବୁ କରି ନେଇଥିଲେ। ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୨ଦିନ ବିତିଯାଇଥିଲେ ମଧ୍ୟ ଫେରାର ଥିବା ଅନ୍ୟ ୨ଜଣଙ୍କୁ ପୋଲିସ ଏଯାଏ ଧରିପାରିନାହିଁ।

# ବିଦ୍ୟାଳୟରୁ ନେଇଗଲେ କମ୍ପ୍ୟୁଟର

ଭଣ୍ଡାରିପୋଖରୀ, ୫।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁଲଣାସ୍ଥିତ ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠର କମ୍ପ୍ୟୁଟର ରୁମ୍ ତାଲା ଭାଙ୍ଗି ଚୋରମାନେ ଶନିବାର ରାତିରେ କମ୍ପ୍ୟୁଟର ଚୋରି କରି ନେଇଯାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୬୫/୧୯) ରୁଜୁ କରି ରବିବାର ସାଇଣ୍ଟିଫିକ୍ ଟିମ୍ ଆଣି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସ୍କୁଲର ରାତ୍ରଜଗୁଆଳି ବିବେକାନନ୍ଦ ଧଳ ଶୋଇଥିବା ବେଳେ ଚୋରମାନେ ଚୋରି କରି ବାହାରପଟୁ କବାଟ ବନ୍ଦ କରିଦେଇ ପଳାଇଯାଇଥିଲେ। ବିଦ୍ୟାଳୟର ୭ଟି କମ୍ପ୍ୟୁଟର, ଗୋଟିଏ ପ୍ରୋଜେକ୍ଟର, ଗୋଟିଏ ପ୍ରିଣ୍ଟରକମ୍ ସ୍କାନର, ଗୋଟିଏ ସିପିୟୁ, ଗୋଟିଏ କ୍ୟାମେରା, ହେଡ୍‌ଫୋନ, କିବୋର୍ଡ ଓ ମାଉସ୍ ଚୋରି ହୋଇଛି। ରବିବାର ସ୍କୁଲ ପୋଖରୀରୁ ଲିଜଧାରୀ ମାଛ ଧରିବା ପାଇଁ ପିଅନ ମହେଶ୍ୱର ଲେଙ୍କାଙ୍କୁ ଡାକି ସ୍କୁଲରେ ପହଞ୍ଚିଥିଲେ। ପାଟି ଶୁଣି ରାତ୍ରଜଗୁଆଳି ଘର ଭିତରୁ ଡାକିବାରୁ ପିଅନ ଯାଇ କବାଟ ଖୋଲିଥିଲେ। କମ୍ପ୍ୟୁଟର ରୁମ୍ ଖୋଲା ଥିବା ସେ ଦେଖିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ସେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାଧିକାରୀ ସୁକାନ୍ତି କେରେଇ ତଦନ୍ତ ଜାରି ରଖିଛନ୍ତି।

# ଉଦ୍ୟୋଗୀ ବିକାଶ ତାଲିମ


ଶିବିରରେ ଯୋଗଦେଇଥିବା ଶିବିରାର୍ଥୀମାନେ।

ଓଡ଼ାପଡ଼ା ୫।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁର କୋଚିଲାମାଡ ଗ୍ରାମରେ ଟାଟା ଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ଶ୍ରମ ମନ୍ତ୍ରଣାଳୟ ସହଯୋଗରେ ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଜଣ ଯୁବକ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ଶ୍ରମିକ ବୋର୍ଡ ଶିକ୍ଷାଧିକାରୀ ଡ. ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଯୋଗଦେଇ ଉଦ୍ୟୋଗୀ ବିକାଶ ସମ୍ପର୍କରେ ତାଲିମ ଦେଇଥିଲେ। ଟାଟାଷ୍ଟିଲ ବିଏସ୍‌ଏଲ ସିଏସ୍‌ଆର ବିଭାଗ ବରିଷ୍ଠ ଅଧିକାରୀ ଆଶୁତୋଷ ଦାସ ଏବଂ ସହକର୍ମୀମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

# ୧୫ରେ ଜେଲ୍‌ଭରୋ ଆନ୍ଦୋଳନ

ବାଲେଶ୍ୱର ଅଫିସ, ୫।୫

ବହୁ ଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ବାଲେଶ୍ୱର ଜିଲା କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ନିର୍ବାଚନରେ ଇଭିଏମ୍ ଖରାପ ହେବା, ପେପର ଟ୍ରିଲ ରିକାଉଣ୍ଟିଂ ନ ହେବା ଏବଂ ଅନ୍ୟାନ୍ୟ ପ୍ରମୁଖ ଦାବି ଉପସ୍ଥାପନା କରାଯାଇ ସଙ୍ଗଠନ ତରଫରୁ ଆସନ୍ତା ୧୫ରେ ବାଲେଶ୍ୱର ସଦର ମହକୁମାରେ ଜେଲଭରୋ ଆନ୍ଦୋଳନ କରାଯିବ ବୋଲି ସ୍ଥିର କରାଯାଇଥିବା ଜିଲା ସଭାପତି ସୌମ୍ୟରଞ୍ଜନ ଆଢ୍ୟ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ବୈଠକରେ ଅନୀଲ ହେମ୍ବ୍ରମ, ଗଗନ ସେଠୀ, ବାବାଜି ମହାଳିକ, ସାଧୁଚରଣ ମଲ୍ଲିକ, ରାଜେନ୍ଦ୍ର ମାରାଣ୍ଡି ଓ ପଞ୍ଚାନନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ୨ଦିନରେ ୩ ଅପମୃତ୍ୟୁ


ଖଇରା, ୫।୫(ଡି.ଏନ.ଏ.)

ଖଇରା ଥାନା ଅଧିନ ପୃଥକ ସ୍ଥାନରେ ୨ଦିନ ମଧ୍ୟରେ ୩ଟି ଅପମୃତ୍ୟୁ ଘଟଣା ଘଟିଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଜଣେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ଆତ୍ମହତ୍ୟା ଓ ଆଉ ଜଣଙ୍କର ମୃତ୍ୟୁର କାରଣ ଜଣାପଡିନାହିଁ।

ରବିବାର ସକାଳେ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଜୟୀପୁର ଗ୍ରାମର ଚୈତନ୍ୟ ପରିଡ଼ା ବାଡ଼ିରେ କାମ କରିବାକୁ ଯାଉଥିବା ବେଳେ 'ଫନୀ' ବାତ୍ୟାରେ ଛିଡ଼ି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେ ଘଟଣାସ୍ଥଳରେ ଗୁରୁତର ହୋଇପଡିବାରୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରନ୍ତ ପରିବାରକୁ କ୍ଷତିପୂରଣ ଲାଗି ଗ୍ରାମର ବିଭୂତି ଭୁଷଣ ରାଉତ, ଅଭୟ ମହାନ୍ତି, ପ୍ରଶାନ୍ତ ଦାସ, ପପୁ ବାରିକ ପ୍ରମୁଖ ଦାବି କରିଛନ୍ତି। ସେହିଭଳି ନୟାଖଣ୍ଡି ପଞ୍ଚାୟତ କଡ଼ମିଆଁ ଗ୍ରାମର ଗଦାଧର ପାଣି(୪୦) ରବିବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସ୍ତ୍ରୀଙ୍କ ସହ ମତାନ୍ତର ଯୋଗୁ ମାନସିକ ଚାପରେ ସେ ଏହି ପନ୍ଥା ବାଛି ନେଇଥିବା କୁହାଯାଉଛି। ସେହିଭଳି ଶାରୀଶୁଆ ପାହାଡ଼ ପାଦଦେଶର କଦଳିଗଡ଼ିଆ ଗ୍ରାମ ନିକଟରେ ଶ୍ରମିକ ଭାବେ କାମ କରି ପେଟ ପୋଷୁଥିବା ରେମୁଣା ଅଞ୍ଚଳର ଧରମା ସିଂଙ୍କ ମୃତଦେହ ୪ ତାରିଖ ସକାଳେ ଏକ ଗଛମୂଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଶରୀର ନିକଟରେ ମଦ ବୋତଲ ପଡ଼ିଥିବାରୁ ସେ ନିଶାସକ୍ତ ଅବସ୍ଥାରେ ଥାଇ ଉଚ୍ଚରକ୍ତଚାପ ଯୋଗୁ ମୃତ୍ୟୁବରଣ କରିଥାଇପାରନ୍ତି ବୋଲି ଖଇରା ପୋଲିସ କହିଛି। ୩ ତାରିଖ ଝଡ଼ ପ୍ରଭାବରେ ମୃତ୍ୟୁ ହେବା ଅନ୍ୟ ଏକ କାରଣ ହୋଇଥାଏ ପାରେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ଖଇରା ଥାନାରେ ୩ଟି ଅପମୃତ୍ୟୁ ମାମଲା(୭/୧୯, ୮/୧୯, ୯/୧୯) ରୁଜୁ କରାଯାଇଛି।

# ଆକଳନ ହୋଇପାରୁନି ଫନୀ କ୍ଷୟକ୍ଷତି

ଅନୁଗୋଳ ଅଫିସ, ୫।୫



ପାଣିପାଗ ବିଭାଗର ଆକଳନ ଅନୁଯାୟୀ ବାତ୍ୟା 'ଫନୀ'ରେ ଅନୁଗୋଳ ଜିଲା ସେତେ ପ୍ରଭାବିତ ହୋଇ ନ ଥିଲେ ହେଁ କେତେକ ସ୍ଥାନରେ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଛି। ତେବେ ବାତ୍ୟାକୁ ୨ ଦିନ ବିତି ଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଠିକ୍ ଆକଳନ କରାଯାଇପାରିନାହିଁ। ପ୍ରକୃତରେ କେତେ ଲୋକ କେତେମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି ତାହାର ତଥ୍ୟ ଜିଲା ପ୍ରଶାସନ ପାଖରେ ନ ଥିବା ଜଣାପଡିଛି।

କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ ପରେ ଜିଲାକୁ ସହାୟତା ରାଶି ଆସିବ ଏବଂ ପରେ ଏହା କ୍ଷତିଗ୍ରସ୍ତଙ୍କୁ ବଣ୍ଟନ କରାଯିବ। ତେବେ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରାରମ୍ଭିକ ରିପୋର୍ଟରେ ଜିଲାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା କୁହାଯାଇଛି। ଅନ୍ୟପଟେ ବହୁ ଲୋକଙ୍କ ଘରର ଛପର ଉଡ଼ିଯାଇଥିବାବେଳେ କେତେକଙ୍କ ଫସଲରେ ପାଣି ପଶି ଉବୁଟୁବୁ ହେଉଛି। ସହର ଉପକଣ୍ଠରେ ଲୋକଙ୍କ ଛପର ଉଡ଼ିଯାଇଥିବାବେଳେ ଆଉ କେତେକ ସ୍ଥାନରେ ଘରର କାନ୍ଥ ମଧ୍ୟ ପଡ଼ିଯାଇଛି। ସେହିପରି କାକୁଡ଼ି, କଖାରୁ, କଲରା କିଆରିରେ ପାଣି ଲହଡ଼ି ମାରୁଥିବାବେଳେ କେତେକ ଜାଗାରେ ପାଣି କାଦୁଅରେ ଗଛଗୁଡ଼ିକ ପୋତି ହୋଇଯାଇଛି। ଏଥିଯୋଗୁ ଏକର ଏକର ଜମିରେ ଚାଷ ନଷ୍ଟ ହୋଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଏ ସମ୍ପର୍କରେ ତହସିଲଦାର ବିଚିତ୍ରାନନ୍ଦ ନାୟକ କୁହନ୍ତି, ଆକଳନ କାମ ଚାଲିଛି। ଶେଷ ହେବା ପରେ ରିପୋର୍ଟ ଦିଆଯିବ। ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରେ କହିଛନ୍ତି, ଆକଳନ ଦାୟିତ୍ୱରେ ଥିବା ଅଧିକାରୀମାନେ ରିପୋର୍ଟ ପ୍ରଦାନ କରିନାହାନ୍ତି। ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଲୋ ବ୍ଲଡ୍‌ପ୍ରେସର



ଯଦି ଆପଣଙ୍କର ଲୋ ବ୍ଲଡ୍‌ପ୍ରେସର ସମସ୍ୟା ରହିଛି ତେବେ କେତୋଟି ବିଷୟ ପ୍ରତି ଆପଣଙ୍କୁ ଧ୍ୟାନ ଦେବାକୁ ପଡିଥାଏ। ପ୍ରଥମ କଥା ହେଲା ଏ ନେଇ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରଥମତଃ ପ୍ରଚୁର ପାଣି ପିଅନ୍ତୁ। ଏହାବ୍ୟତୀତ କେତେକ ଖାଦ୍ୟ ରହିଛି, ଯାହା ଲୋ ବ୍ଲଡ୍‌ପ୍ରେସରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ସବୁଜ ପନିପରିବା ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏଥିରେ ପ୍ରସ୍ତୁତ ଖାଦ୍ୟରେ ପ୍ରଚୁର ମାତ୍ରାରେ ଆଇରନ ଭରି ରହିଥାଏ। ଲୋ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ଓଟସ୍ ବହୁତ ଲାଭପ୍ରଦ। ଏଥିରେ ଥିବା ଫାଇବର ତତ୍ତ୍ୱ ଲୋ ବ୍ଲଡ୍‌ପ୍ରେସରକୁ ଅନେକାଂଶରେ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଅପରପକ୍ଷରେ ଡାର୍କ ଚକୋଲେଟ ଖାଇଲେ ତାହା କେତେକାଂଶରେ ଲାଭପ୍ରଦ ହୋଇଥାଏ। ଲୋ ବ୍ଲଡ୍‌ପ୍ରେସର ସମସ୍ୟା ଥିଲେ ଆପଣ ପ୍ରତିଦିନ ରସୁଣ ଖାଇପାରନ୍ତି। ଅଙ୍ଗୁରରେ ଆଇରନ ମାତ୍ରା ଭରି ରହିଛି। ଏହା ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ଉପକାରୀ।

# ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢ଼ୁଛି

ବର୍ତ୍ତମାନ ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢ଼ୁଛି ବୋଲି ଏକ ସର୍ଭେରୁ ଜଣାପଡିଛି। ଏଥିରୁ ଜଣାପଡିଛି ଯେ, ଏବେ ସମଗ୍ର ବିଶ୍ୱରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ହେଲା ପ୍ରାୟ ୪୨୫ ମିଲିୟନ। ଏହି ରୋଗ ନିଜର କାୟା ଏପରି ବିସ୍ତାର କରିସାରିଲାଣି ଯେ ପ୍ରତି ଦୁଇ ଜଣରେ ଜଣେ ଡାଇବେଟିସ ରୋଗୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ। ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ। କେତେକ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ। ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମରେ ଅଧ ଘଣ୍ଟାଏ ଚାଲନ୍ତୁ।

# ସଞ୍ଜୀବନୀ ଉଭିଦ: ଆଲୋଭେରା



ନିକୁଞ୍ଜ ବିହାରୀ ସାହୁ





**ଆଲୋଭେରା ମୁଖ୍ୟତଃ ଏସିଆ, ୟୁରୋପ, ଆଫ୍ରିକା ଓ ଆମେରିକାର ଶୁଷ୍କଭୂମି ଅଞ୍ଚଳରେ ଚାଷ କରାଯାଏ । ଆମ ଦେଶରେ ଏହା ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ଚାଷ ହୁଏ । ଏହି ଉଭିଦର ତ୍ରିଭୁଜାକୃତି ମାଉଁସିଆ ପତ୍ର ଥାଏ, ଯାହାର ଧାର କରତ ଦାନ୍ତ ସଦୃଶ କଟା କଟା ଥାଏ । ପତ୍ରର ମୁଖ୍ୟତଃ ତିନୋଟି ସ୍ତର ଥାଏ । ଭିତର ସ୍ତରରେ ଜେଲି ସଦୃଶ ଏକ ସ୍ୱଚ୍ଛ ତରଳ ପୂର୍ଣ୍ଣ ଥାଏ, ଯାହାର ୯୬% ଅଂଶ ଜଳ ହୋଇଥିବାବେଳେ ଅବଶିଷ୍ଟ ଅଂଶ ଜଳରେ ଦ୍ରବଣୀୟ ପଲିସାକାରାଇଡ, ଏମିନୋ ଏସିଡ୍, ଲିପିଡ୍, ଷ୍ଟିରୋଲ୍ ଏବଂ ଭିଟାମିନ୍‌ରେ ଗଢ଼ା ...**

ଆଲୋଭେରାର ଔଷଧୀୟ ଗୁଣ ବହୁ ପ୍ରାଚୀନ ସମୟରୁ ଜଣା । ପ୍ରାୟ ୨୦୦୦ ବର୍ଷ ପୂର୍ବେ ପ୍ରାଚୀନ ଇଜିପ୍ଟୀୟମାନେ ଏହାକୁ ସର୍ବରୋଗର ମହୌଷଧି ବା 'ଫାନାସିଆ' ରୂପେ ବିଚାର କରୁଥିଲେ । ସେମାନେ ଏହାକୁ ସଞ୍ଜୀବନୀ ଉଭିଦ ଆଖ୍ୟା ଦେଇଥିଲେ । ଏହା ଆମ ଦେଶରେ କେଉଁ ଆବହମାନ କାଳରୁ ତ୍ୱଚାର ଯତ୍ନ ନିମନ୍ତେ ବ୍ୟବହାର ହୋଇ ଆସୁଥିଲାବେଳେ ଚାଇନାରେ କବକ ବା ଫଙ୍ଗସ୍ ଜନିତ ରୋଗର ପ୍ରତିକାର ଏବଂ ପାଶ୍ଚାତ୍ୟ ସଭ୍ୟତାରେ ପ୍ରସାଧନ ସାମଗ୍ରୀ ରୂପେ ଆଦୃତ ହୋଇଆସୁଛି । ଏହି ଉଭିଦ ଆମ ଓଡ଼ିଶାରେ ଘିକୁଆଁରୀ ନାମରେ ବେଶ୍ ଲୋକପ୍ରିୟ ।

ଆଲୋଭେରା ମୁଖ୍ୟତଃ ଏସିଆ, ୟୁରୋପ, ଆଫ୍ରିକା ଓ ଆମେରିକାର ଶୁଷ୍କଭୂମି ଅଞ୍ଚଳରେ ଚାଷ କରାଯାଏ । ଆମ ଦେଶରେ ଏହା ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ଚାଷ ହୁଏ । ଏହି ଉଭିଦର ତ୍ରିଭୁଜାକୃତି ମାଉଁସିଆ ପତ୍ର ଥାଏ ଯାହାର ଧାର କରତ ଦାନ୍ତ ସଦୃଶ କଟାକଟା ଥାଏ । ପତ୍ରର ମୁଖ୍ୟତଃ ତିନୋଟି ସ୍ତର ଥାଏ । ଭିତର ସ୍ତରରେ ଜେଲି ସଦୃଶ ଏକ ସ୍ୱଚ୍ଛ ତରଳ ପୂର୍ଣ୍ଣ ଥାଏ, ଯାହାର ୯୬% ଅଂଶ ଜଳ ହୋଇଥିବାବେଳେ ଅବଶିଷ୍ଟ ଅଂଶ ଜଳରେ ଦ୍ରବଣୀୟ ପଲିସାକାରାଇଡ୍, ଏମିନୋ ଏସିଡ୍ , ଲିପିଡ୍, ଷ୍ଟିରୋଲ୍ ଏବଂ ଭିଟାମିନ୍‌ରେ ଗଢ଼ା । ଏହାର ମଝି ସ୍ତରରେ ସ୍ୱାଦରେ ପିତା ଏକ ଅଠାଳିଆ ତରଳ ଥାଏ, ଯେଉଁଥିରେ ମୁଖ୍ୟତଃ ଆନ୍ଥ୍ରାକ୍ୱିନୋନ୍ ଏବଂ ଗ୍ଲାଇକୋସାଇଡ୍ ଗଚ୍ଛିତ ଥାଏ । ବାହ୍ୟ ସ୍ତରରେ ଥିବା ହଳଦିଆ ରଙ୍ଗର ତରଳରେ ମୁଖ୍ୟତଃ ଶର୍କରା ଓ ପ୍ରୋଟିନ୍ ରହିଥାଏ । ଏହି ଉଭିଦର ଉଚ୍ଚତା ମାତ୍ର ୨ରୁ ୩ଫୁଟ ପର୍ଯ୍ୟନ୍ତ ହୋଇଥାଏ ।

**ବିଶେଷତାର କାରଣ**

ଆଲୋଭେରା କେଉଁ ପ୍ରାଚୀନ କାଳରୁ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟର ପରିପୋଷକ ତଥା ସୁଠାମ ତ୍ୱଚାର ଗଠନ ନିମନ୍ତେ ବ୍ୟବହୃତ ହୋଇ ଆସୁଛି । ଏହା ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥିତ କରିବା ସହିତ ମଏଶ୍ଚରାଇଜର ରୂପେ କାର୍ଯ୍ୟକରି ତ୍ୱଚାର ଜଳୀୟ ଅଂଶ ବଜାୟ ରଖେ, ବାହ୍ୟ କ୍ଷତର ପୂରଣ ଓ କୀଟ ଦଂଶନରୁ ଆରାମ ଦିଏ, କେଶ ଝଡ଼ିବା ପ୍ରତିହତକରି ରୂପି ଦୂରକରେ, ଅଙ୍ଗପ୍ରତ୍ୟଙ୍ଗର ଫୁଲା ଦୂରକରେ, ପାକସ୍ଥଳୀରେ ମାତ୍ରାଧିକ ଅମ୍ଳ କ୍ଷରଣ ଓ ଛାତି ଜଳାପୋଡ଼ାରୁ ଉପଶମ ପ୍ରଦାନ କରେ, ମୁଖମଣ୍ଡଳରେ ବ୍ରଣ ଓ ଦାଗ ଦୂରକରେ, ଶରୀରରେ ବୟସଜନିତ ଭାଙ୍ଗ ଦୂରକରିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରେ । ଆଲୋଭେରାର ଏହି ଅଦ୍ୱିତୀୟ ଔଷଧୀୟ ଗୁଣର କାରଣ ହେଲା ଏଥିରେ ୭୫ଟି ସକ୍ରିୟ ରାସାୟନିକ ଉପାଦାନ ଥାଏ, ଯାହା ମଧ୍ୟରେ ଭିଟାମିନ୍, ଏନ୍‌ଜାଇମ୍, ଖଣିଜ ଲବଣ, ଶର୍କରା, ଲିଗ୍ନିନ୍, ଫାଟି ଏସିଡ୍, ହର୍ମୋନ୍, ଏମିନୋ ଏସିଡ୍ ଅନ୍ତର୍ଭୁକ୍ତ। ଏହା ନିମ୍ନରେ ଆଲୋଚନା କରାଗଲା।

**ଭିଟାମିନ୍**

ଏହାର ରସରେ ଭିଟାମିନ୍ 'ଏ' 'ସି' ଏବଂ 'ଇ' ଥାଏ, ଯାହା ମୁଖ୍ୟତଃ ଶରୀର ପାଇଁ ଆଣ୍ଟିଅକ୍ସିଡାଣ୍ଟ ରୂପେ କାର୍ଯ୍ୟକରେ। ଏହାଛଡ଼ା, ଏଥିରେ ମଧ୍ୟ ଭିଟାମିନ୍, B12 ଏବଂ ଫୋଲିକ୍ ଏସିଡ୍ ଥାଏ। ସାଇନୋକୋବାଲୋମିନ୍ ନାମରେ ପରିଚିତ ଭିଟାମିନ୍ B12 ଜଳରେ ଦ୍ରବଣୀୟ ଭିଟାମିନ୍, ଯାହା ମସ୍ତିଷ୍କ ଏବଂ ସ୍ନାୟୁତନ୍ତ୍ରର କାର୍ଯ୍ୟକାରିତା ବୃଦ୍ଧିକରେ। ଫଲିକ୍ ଏସିଡ୍ (ଗର୍ଭବତୀ ମହିଳାଙ୍କୁ ପ୍ରଦାନ କରାଯାଏ) ଶରୀରରେ ରକ୍ତଶୂନ୍ୟତା ଦୂରକରେ। ଏହାର ରସରେ ମଧ୍ୟ ଚୋଲିନ୍ ନାମକ ଏକ ଅଣୁ ପୋଷକତତ୍ତ୍ୱ ଥାଏ, ଯାହା'ବି' ଭିଟାମିନ୍ ସଦୃଶ ଏକ ପଦାର୍ଥ। ଏହା ମସ୍ତିଷ୍କର ଦକ୍ଷତା ବୃଦ୍ଧି କରିବା ସହ ଅନେକ ମସ୍ତିଷ୍କ ରୋଗ ଯଥା ଅବସାଦ, ଉଦ୍‌ବେଗ, ସ୍ମରଣଶକ୍ତି ହ୍ରାସ, ଆଲଝିମର ବ୍ୟାଧି, ସିଜୋଫ୍ରେନିଆ ଇତ୍ୟାଦି ଭଲ କରେ।

**ଖଣିଜ ଲବଣ**

ଏହାର ରସରେ ବିଭିନ୍ନ ଖଣିଜ ଲବଣ ଯଥା କ୍ୟାଲସିୟମ, କ୍ରୋମିୟମ, କପର, ସେଲେନିୟମ, ମ୍ୟାଗ୍ନେସିୟମ, ମାଙ୍ଗାନିଜ, ପୋଟାସିୟମ, ସୋଡିୟମ ଏବଂ ଜିଙ୍କ୍ ଥାଏ। ସେଥିରୁ କେତେକ ଆଣ୍ଟି ଅକ୍ସିଡାଣ୍ଟର ଭୂମିକା ତୁଲାଇଥିଲା ବେଳେ ଆଉ କେତେକ ଏନ୍‌ଜାଇମ୍‌ର କାର୍ଯ୍ୟକାରିତା ବୃଦ୍ଧିକରେ।

**ଏନ୍‌ଜାଇମ୍**

ମୁଖ୍ୟତଃ ଏଥିରେ ୮ଟି ଏନ୍‌ଜାଇମ୍ ଯଥା କ୍ଷାରୀୟ ଫସ୍‌ପେଟେଜ୍, ଆମିଲେଜ୍, ବ୍ରାଡିକାଇନେଜ୍, କାର୍ବୋକ୍ସିପେପ୍ଟିଡେଜ୍, କାଟାଲେଜ୍, ସେଲୁଲୋଜ୍, ଭାଇପେଜ ଓ ପେରୋକ୍ସିଡେଜ୍ ଥାଏ । ଏସବୁ ଖାଦ୍ୟର ଶର୍କରା ଓ ଚର୍ବିଜାତୀୟ ଉପାଦାନକୁ ଭାଙ୍ଗି ପରିପାକ କ୍ରିୟାରେ ସହାୟକ ହୋଇଥାନ୍ତି।

**ଶର୍କରା**

ପ୍ରଚୁର ପରିମାଣର ମନୋସାକାରାଇଡ (ଗ୍ଲୁକୋଜ୍ ଏବଂ ଫ୍ରୁକ୍ଟୋଜ୍) ଏବଂ ପଲିସାକାରାଇଡ୍(ଗ୍ଲୁକୋମାନାନ୍‌ସ, ପଲିମାନୋଜ) ଏହାର ରସରେ ଗଚ୍ଛିତ ଥାଏ, ଯାହା ଶରୀରକୁ ଶକ୍ତି ଯୋଗାଇବା ସହ କ୍ୟାଲୋରି ମୂଲ୍ୟକୁ ଠିକ୍ ରଖେ।

**ଆନ୍ଥ୍ରାକ୍ୱିନୋନ୍‌ସ:** ୧୨ପ୍ରକାରର ଆନ୍ଥ୍ରାକ୍ୱିନୋନ୍‌ସ ଥାଏ, ଯାହା ବିଶେଷକରି ଅନ୍ତନାଳୀରେ ଜଳୀୟ ଅଂଶ ବୃଦ୍ଧି କରିବା ସହିତ ଏଠାରେ ଯଥେଷ୍ଟ ଲାଳ କ୍ଷରଣକରେ ଏବଂ ଏହାର ଗତିଶୀଳତା ବୃଦ୍ଧି କରିବା ଦ୍ୱାରା କୋଷ୍ଠକାଠିନ୍ୟ ଦୂରକରେ। ଏଥିରେ ଥିବା ଏମୋଡିନ୍ ଓ ଏଲୋଇନ୍ ଉପାଦାନର ଜୀବାଣୁ ନାଶକ ଧର୍ମ ଥିଲାବେଳେ ଏସବୁ ମଧ୍ୟ ମାଂସପେଶୀର ଯନ୍ତ୍ରଣା ଦୂରକରିବାରେ ସହାୟକ ହୋଇଥାନ୍ତି।

**ଫାଟି ଏସିଡ୍ :** ମୁଖ୍ୟତଃ ୪ ପ୍ରକାର ଉଦ୍ଭିଦଗତ ଫାଟି ଏସିଡ୍, ଯଥା: କୋଲେଷ୍ଟିରୋଲ୍, କ୍ୟାମ୍ପେଷ୍ଟିରୋଲ, ବିଟା ସିସୋଷ୍ଟିରୋଲ ଏବଂ ଲୁପିଓ ରହିଥାଏ। ଏସବୁର ଶରୀରର ଯନ୍ତ୍ରଣା ଉପଶମ କରିବା ଧର୍ମ ରହିଛି।


**ହର୍ମୋନ :** ଦୁଇଟି ମୁଖ୍ୟ ଉଦ୍ଭିଦ ହର୍ମୋନ ଯଥା ଅକ୍‌ଜିନ୍ ଓ ଜିବରେଲିନ୍‌ସ ରହିଥାଏ, ଯାହା ସାଧାରଣତଃ କ୍ଷତ ସ୍ଥାନ ପୂରଣ କରିବାରେ ସାହାଯ୍ୟ କରେ।

**ଏମିନୋ ଏସିଡ୍ :** ମନୁଷ୍ୟ ବ୍ୟବହାର କରୁଥିବା ୨୦ଟି ଆମିନୋ ଏସିଡ୍ ମଧ୍ୟରୁ ଏଥିରେ ସମୁଦାୟ ୧୮ଟି ଆମିନୋ ଏସିଡ୍ ଥାଏ, ଯାହା ଶରୀରରେ ପ୍ରୋଟିନ୍ ସଂଶ୍ଲେଷଣରେ ସାହାଯ୍ୟ କରେ।

**କ୍ଷାରୀୟ ଗୁଣ :** ସାମାନ୍ୟ କ୍ଷାରୀୟ ଗୁଣ ଥାଏ, ଯାହା ଶରୀରରେ ଅମ୍ଳ ଓ କ୍ଷାରୀୟ ମାତ୍ରା ମଧ୍ୟରେ ଭାରସାମ୍ୟ ରକ୍ଷାକରି ପି.ଏଚ୍.ର ମୂଲ୍ୟ ଠିକ୍ ରଖେ। ଏହି ରସର ନିୟମିତ ସେବନ ଦ୍ୱାରା ଶରୀରର କ୍ଷାରୀୟ ମାତ୍ରା ବୃଦ୍ଧି ପାଇ ସମସ୍ତ ପ୍ରକ୍ରିୟା ଠିକ୍ ରଖେ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରେ।

–ଏଜୁକେସନ ଅଫିସର, ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ
ମୋ : ୮୦୧୮୭୦୮୮୫୮

# ସ୍ୱାସ୍ଥ୍ୟ ସୂଚନା



❖ସୁସ୍ଥ ରହିବାକୁ କିଏ ବା ନ ଚାହେଁ ? ହେଲେ ଏଥିପାଇଁ ପ୍ରଥମେ ଗୋଟିଏ ଜିନିଷକୁ ପ୍ରାଥମିକତା ଦିଅନ୍ତୁ। ତାହା ହେଲା ଜୀବନଶୈଳୀ। ସନ୍ତୁଳିତ ଜୀବନଶୈଳୀ ଆମକୁ ଅନେକାଂଶରେ ସୁସ୍ଥ ରଖିଥାଏ।

❖ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ପ୍ରତି ସଚେତନ ରହିବାକୁ ପଡିଥାଏ। ଯଦି ଆପଣଙ୍କର ବ୍ଲଡ୍ ପ୍ରେସର, ଡାଇବେଟିସ୍ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଚେକ୍‌ଅପ କରାଇ ନିଅନ୍ତୁ।

❖ଆପଣ କଫଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର ଘରୋଇ ଉପଚାର ପରିପାରନ୍ତି। ଅଧା କପ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ ଭଲ ଭାବରେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛି ଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ। ଏହାବ୍ୟତୀତ ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।

❖ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ଆପଣଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ବିଷୟରେ ବିଶଦ ଭାବରେ ଆଲୋଚନା କରନ୍ତୁ। ଔଷଧ ଖାଇବାକୁ ନେଇ ଯଦି ମନରେ କୌଣସି ଆଶଙ୍କା ରହିଛି ତେବେ ତାହା ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରି ଦୂର କରନ୍ତୁ।

❖ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ ଲେମ୍ବୁ ପାଣି। ତେଣୁ ଖରାଦିନେ ଏହାକୁ ପାନୀୟ ତାଲିକାରେ ସାମିଲ କରନ୍ତୁ। ଭିଟାମିନ 'ସି'ର ପ୍ରମୁଖ ଉତ୍ସ ହେଲା ଲେମ୍ବୁ ପାଣି। ସକାଳୁ ଖାଲି ପେଟରେ ଉଷୁମ ଲେମ୍ବୁ ପାଣି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।

❖ରୋଗରୁ ଆରୋଗ୍ୟ ମିଳିବା ପରେ ମଧ୍ୟ ଆଉ କିଛି ଦିନ ଅଧିକ ଔଷଧ ଖାଇବାକୁ ପଡିଥାଏ। ଜଣେ ଡାକ୍ତର ରୋଗୀର ଅବସ୍ଥାକୁ ଦେଖି କେତେଦିନ ଔଷଧ ଖାଇବ ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡିବ ସେ ସମ୍ପର୍କରେ ପ୍ରେସ୍କ୍ରିପଶନରେ ଉଲ୍ଲେଖ କରିଥାଆନ୍ତି, ଯାହାକୁ ଅନୁସରଣ କରିବାକୁ ଭୁଲନ୍ତୁ ନାହିଁ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଭିଟାମିନ୍ 'ଇ'

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଭିଟାମିନ୍ 'ଇ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସେତିକି ନୁହେଁ, ଏଥିରେ ଆଉ କେତେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଏଥିରେ ଭରି ରହିଛି। ଶରୀରକୁ ଆଲର୍ଜି କବଳରୁ ରକ୍ଷା କରିବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ଶରୀରରେ କୋଲେଷ୍ଟରଲ ପରିମାଣକୁ ନିୟନ୍ତ୍ରଣରେ ରଖିବା ଲାଗି ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହି ଖାଦ୍ୟ ଚର୍ବି ସହିତ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ଶରୀର ଭିତରେ ଲାଲ ରକ୍ତ କୋଷିକା ଗଠନ କରିଥାଏ ଏହି ଭିଟାମିନ୍। ବିଶେଷ ଭାବରେ ଜଣେ ଗର୍ଭବତୀ ଯଦି ପ୍ରତିଦିନ କିଛି ପରିମାଣରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ତାହା ତାଙ୍କୁ ରକ୍ତହୀନତା ପରି ସମସ୍ୟାଠାରୁ ଦୂରେଇ ରଖିଥାଏ।

# ଆମ୍ବ



**ଆମ୍ବ ଭାରତର ମୁଖ୍ୟ ଫଳ। ଏଥିରେ ଅଧିକ ପରିମାଣରେ ପାଣି, ବିଭିନ୍ନ ପୁଷ୍ଟିକାରକ ଦ୍ରବ୍ୟ ରହିଥାଏ। ଗୋଟିଏ ବଡ଼ ଆମ୍ବରେ ୧୩୫ କ୍ୟାଲୋରି ଥାଏ। କ୍ୟାଲୋରି ହେଉଛି ଶରୀରର ଶକ୍ତିମାପକ । ଏହାର ପରିମାଣ ଅଧିକ ହେଲେ ଦେହରେ ଚର୍ବି ଜମିଯାଏ। ମଣିଷ ମୋଟା ହୋଇଯାଏ। ଅନେକ ମାରାତ୍ମକ ରୋଗର ଶିକାର ହୁଏ। ଆମ୍ବରେ ବହୁ ମାତ୍ରାରେ ପୋଟାସିୟମ, ଭିଟାମିନ୍ 'ଏ', ବିଟା କାରୋଟିନ୍, ଭିଟାମିନ୍ 'ସି', କେ, କ୍ୟାଲସିୟମ, ଫସ୍‌ଫରସ, ମାଗ୍ନେସିୟମ ଓ ଅନ୍ୟାନ୍ୟ ପୁଷ୍ଟିକାରକ ଦ୍ରବ୍ୟ ରହିଛି। ପ୍ରଚୁର ପରିମାଣରେ ଏନ୍‌ଜାଇମ ଆମ୍ବରେ ଥାଏ...**



ଡା.ଦ୍ୱିଜେଶ କୁମାର ପଣ୍ଡା

ସବୁ ଫଳ ମଧ୍ୟରେ ଆମ୍ବ ହେଉଛି ରାଜା। ଏହା ରୁଚିକର ଓ ସୁସ୍ୱାଦୁ। ଦକ୍ଷିଣ-ପୂର୍ବ ଏସିଆରେ ସୃଷ୍ଟି। ୪ହଜାର ବର୍ଷ ହେଲା ଏହା ଉପଲବ୍ଧ। ଆମ୍ବ ଗଛ ମୂଳେ ବୁଦ୍ଧଦେବ ତପସ୍ୟାକରି ସିଦ୍ଧି ଲାଭ କରିଥିଲେ। ଭାରତରେ ଏହି ଗଛର ପତ୍ର ପୂଜା ପାଇଁ ଦେବତାଙ୍କୁ ଅର୍ପଣ କରାଯାଏ। ଏହା ପ୍ରେମର ପ୍ରତୀକ। ଅଭିଳାଷ ପୂରଣକରେ ବୋଲି କେତେ ଲୋକଙ୍କର ବିଶ୍ୱାସ। ଦକ୍ଷିଣ-ପୂର୍ବ ଏସିଆରେ ଅନେକ ଦେଶର ରାଜାଙ୍କର ନିଜର ଆମ୍ବତୋଟା ଥାଏ। ଏହା ସେମାନଙ୍କର ଗର୍ବ ଓ ପ୍ରାଧାନ୍ୟ। ଉପହାର ସ୍ୱରୂପ ସେମାନେ ଅନ୍ୟ ରାଜାମାନଙ୍କ ପାଖକୁ ସୁସ୍ୱାଦୁ ଆମ୍ବ ପ୍ରେରଣ କରନ୍ତି।



ଆମ୍ବ ଭାରତର ମୁଖ୍ୟ ଫଳ। ଏଥିରେ ଅଧିକ ପରିମାଣରେ ପାଣି , ବିଭିନ୍ନ ପୁଷ୍ଟିକାରକ ଦ୍ରବ୍ୟ ରହିଥାଏ। ଗୋଟିଏ ବଡ଼ ଆମ୍ବରେ ୧୩୫ କ୍ୟାଲୋରି ଥାଏ। କ୍ୟାଲୋରି ହେଉଛି ଶରୀରର ଶକ୍ତିମାପକ। ଏହାର ପରିମାଣ ଅଧିକ ହେଲେ ଦେହରେ ଚର୍ବି ଜମିଯାଏ। ମଣିଷ ମୋଟା ହୋଇଯାଏ। ଅନେକ ମାରାତ୍ମକ ରୋଗର ଶିକାର ହୁଏ। ଆମ୍ବରେ ବହୁ ମାତ୍ରାରେ ପୋଟାସିୟମ, ଭିଟାମିନ୍ 'ଏ', ବିଟା କାରୋଟିନ୍, ଭିଟାମିନ୍ 'ସି', କେ, କ୍ୟାଲସିୟମ, ଫସ୍‌ଫରସ, ମାଗ୍ନେସିୟମ ଓ ଅନ୍ୟାନ୍ୟ ପୁଷ୍ଟିକାରକ ଦ୍ରବ୍ୟ ରହିଛି। ପ୍ରଚୁର ପରିମାଣରେ ଏଞ୍ଜାଇମ ଆମ୍ବରେ ଥାଏ। ଏହା ଶରୀରର ଜୀବକୋଷରେ ପ୍ରସ୍ତୁତ ପୁଷ୍ଟିସାର ଯାହା ପରିବର୍ତ୍ତିତ ନ ହୋଇ (ହଜମ) ବିଶେଷ ପ୍ରକ୍ରିୟାରେ ସାହାଯ୍ୟ କରେ। ଗୋଟିଏ ଆମ୍ବରେ ୪ ଗ୍ରାମ ତନ୍ତୁ ରହିଥାଏ।

ବଜାରରେ ଖରାଦିନେ ପ୍ରଚୁର ଆମ୍ବ ବିକ୍ରି ହୁଏ। ଗଛରୁ କଞ୍ଚାଆମ୍ବ ତୋଳି କାର୍ବାଇଡ୍ ଓ ଏଥିଲିନ ଗ୍ୟାସ୍ ପ୍ରୟୋଗକରି ଏହା ପଚାଯାଏ। ଏହି ରସାୟନ କ୍ୟାନ୍‌ସର ଓ ଅନ୍ୟ ରୋଗ ସୃଷ୍ଟିକରେ। ଅନେକ ଫଳ ଓ ପରିବା ଏଥିପାଇଁ ବିଷାକ୍ତ ହୋଇଗଲାଣି। କୀଟନାଶକ, ରାସାୟନିକ ସାର, ସଂରକ୍ଷଣ ଓ ଶୀଘ୍ର ପାଚିବା ପାଇଁ ବ୍ୟବହୃତ କାର୍ବାଇଡ୍ ସୁଷମ ଓ ସୁସ୍ୱାଦୁ ଫଳ, ପରିବାକୁ ବିଷରେ ପରିଣତ କରୁଛି। ରୋଗରୁ ନିବୃତ ହେବା ପାଇଁ ଖାଦ୍ୟ ଶେଷରେ ଭୟଙ୍କର ରୋଗ ସୃଷ୍ଟି କରୁଛି। ଭଲ ଆମ୍ବ ବଜାରରୁ ସଂଗ୍ରହ କରିବାକୁ ହେଲେ କେତେକ ନିୟମ ପାଳନ କରିବାକୁ ହେବ। ପାଚିଲା ଆମ୍ବର ଡେମ୍ଫ ପାଖରେ ଶୁଙ୍ଘିଲେ ଫଳ ସଦୃଶ ସୁବାସ ବାହାରିବ। ଚିପିଲେ ଅଳ୍ପ ନରମ ଲାଗିବ। କୋଠରି ଉତ୍ତାପରେ ଆମ୍ବ ପଚାଇଲେ ସୁସ୍ୱାଦୁ ଲାଗେ। ଖବରକାଗଜରେ ଗୁଡ଼ାଇ ରଖିଲେ ଶୀଘ୍ର ପାଚେ। ଆମ୍ବକୁ ବ୍ୟାଗ୍‌ରେ ରଖି ତା' ସହ ଗୋଟିଏ ଆପଲ ରଖିଲେ ଆମ୍ବ ପାଚିବା ତ୍ୱରାନ୍ୱିତ ହୁଏ। ପ୍ରାକୃତିକ ଇଥିଲିନ ଗ୍ୟାସ୍ ନିର୍ଗତହୋଇ ପାଚିବାରେ ସାହାଯ୍ୟ କରେ।

ଡାଇବେଟିସ ରୋଗୀମାନେ ପାଚିଲା ଆମ୍ବ ଖାଇବାକୁ ଭୟ କରନ୍ତି। ଅନେକେ ଭାବନ୍ତି ଏଥିରେ ବହୁତ ସୁଗାର ଥାଏ। ତାଙ୍କ ପାଇଁ କ୍ଷତିକାରକ। କିନ୍ତୁ ଏହା ଭ୍ରମାତ୍ମକ। ଗୋଟିଏ ଆମ୍ବରେ ୩୦ଗ୍ରାମ ପ୍ରାକୃତିକ ସୁଗାର ଥାଏ। ଏହା ଚିନି ପରି ସୁକ୍ରୋଜ୍ ନୁହେଁ, ଏହା ଫ୍ରୁକ୍ଟୋଜ, ମନୋସାକାରାଇଡ୍। ସହଜରେ ଅନ୍ତ୍ରରୁ ରକ୍ତକୁ ଯାଏ। ଏହା ଅନ୍ୟ ମିଠା ଖାଦ୍ୟ ପରି ରକ୍ତର ସୁଗାର ସୂଚକ ପରିମାଣ ବୃଦ୍ଧି କରେନାହିଁ। ସୂଚକ ପରିମାଣ ଆମ୍ବରେ ୮ ଥାଏ। ୧୦ ତଳେ ରହିଲେ ଏହାକୁ କମ୍ କୁହାଯାଏ ଏବଂ ୨୫ ଉପରକୁ ଗଲେ ଅତ୍ୟଧିକ ହୁଏ। ବିଶ୍ୱର ପ୍ରଖ୍ୟାତ ପ୍ରାକୃତିକ ଖାଦ୍ୟ ବିଶେଷଜ୍ଞ 'ରେବେକା ଉଡ୍'ଙ୍କ ମତରେ ୧୫ଟି ପୋକମରା ବିଷ ବ୍ୟବହାର ହୋଇ ନ ଥିବା ଖାଦ୍ୟ ଭିତରୁ ଆମ୍ବ ଅନ୍ୟତମ।

–ବରିଷ୍ଠ ବୈଜ୍ଞାନିକ, ଭୁବନେଶ୍ୱର
ମୋ : ୯୪୩୮୯୭୦୭୭୭







ବାତ୍ୟା ପରେ ପରିସ୍ଥିତି ସ୍ୱାଭାବିକ ହେବାରୁ ପାରାଦୀପରେ ଆଶ୍ରୟସ୍ଥଳୀରେ ଥିବା ମହିଳା ଓ ପିଲାମାନେ ସେମାନଙ୍କର ଅତ୍ୟାବଶ୍ୟକ ଜିନିଷପତ୍ର ଧରି ଘରକୁ ଫେରୁଛନ୍ତି।



ରାସ୍ତା ଉପରେ ପଡ଼ିଥିବା ଏକ ବରଗଛକୁ ଏନ୍‌ଡିଆରଏଫ୍ ପକ୍ଷରୁ କଟାଯାଉଛି।

# ସ୍ୱାଭାବିକ ହେଉଛି ସ୍ଥିତି, ଘରକୁ ଫେରିଲେ ବିପନ୍ନ

**ପାରାଦୀପ,୫।୫(ସ୍ୱ.ପ୍ର.)**

ଅଦିନିଆ ବାତ୍ୟା ଫନୀ ଏବେ ଅପସରିଯାଇଛି। କିନ୍ତୁ ଉପକୂଳ ଓଡ଼ିଶାରେ ଛାଡ଼ିଯାଇଛି ଅନେକ କରାଳ ଦୃଶ୍ୟ। ବାତ୍ୟାରେ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି ବନ୍ଦର ସହର ପାରାଦୀପ। ତେବେ ଶନିବାର କିଛି ମାତ୍ରାରେ ସ୍ଥିତି ସ୍ୱାଭାବିକ ହୋଇଛି। ପୋର୍ଟ ଟାଉନ୍‌ସିପ୍‌ରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଛି। ବିଭିନ୍ନ ଆଶ୍ରୟସ୍ଥଳୀରେ ଥିବା ଲୋକେ ଘରକୁ ଫେରିଛନ୍ତି। ଷଣ୍ଢକୁଦ, ନୂଆବଜାର, ଅଠରବାଙ୍କୀ, ଲକ୍‌ପଡ଼ା, ବିଜୟଚନ୍ଦ୍ରପୁର, ବାଲିଝରା, ବାଉରିଆପାଳନ୍ଦା, ଭିତରଗଡ଼, ନେହେରୁ ବଙ୍ଗଳା ଆଦି ବସ୍ତିରେ କେତେକ ଚାଳ ଛପର ଉଡ଼ିଯାଇଛି। ସେଗୁଡ଼ିକୁ ଲୋକେ ମରାମତି କରିବାରେ ଲାଗିଛନ୍ତି। ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ୨ ଦିନ ହେଲା ବନ୍ଦ ଥିବା ପୋର୍ଟର କାରବାର ଶନିବାର ଅପରାହ୍ନରେ କିଛି ମାତ୍ରାରେ ଆରମ୍ଭ ହୋଇଛି। ସନ୍ଧ୍ୟା ସୁଦ୍ଧା କେତେକ ଜାହାଜ ପୋତାଶ୍ରୟରେ ପ୍ରବେଶ କରିଛି। ବାତ୍ୟାରେ ପୋତାଶ୍ରୟ ଭିତରେ ବୁଡ଼ିଯାଇଥିବା ୩ଟି ବୋଟ୍‌କୁ ଉଦ୍ଧାର ପାଇଁ ପ୍ରୟାସ ଚାଲିଛି। ସୂଚନାଯୋଗ୍ୟ, ବାତ୍ୟା ପୂର୍ବରୁ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ଜାହାଜକୁ ପୋତାଶ୍ରୟରୁ ବାହାର କରିଦେଇଥିଲେ। ସେହି ଜାହାଜଗୁଡ଼ିକ ପ୍ରାୟ ୩୦୦ ନଟିକାଲ ମାଇଲ (୫୪୦ କିମି) ବର୍ମା ଦେଶ ସୀମାକୁ ଚାଲିଯାଇଥିଲେ। ସେଗୁଡ଼ିକୁ ଶନିବାର ସ୍ୱତନ୍ତ୍ର ବାର୍ତ୍ତା ଯୋଗେ ସୂଚନା ଦେବା ପରେ ଫେରିଛନ୍ତି। ପୋତାଶ୍ରୟରେ ପ୍ରଥମେ ଡ୍ରେଜର ଯାଞ୍ଚ ପରେ ଜାହାଜ ଫେରିଛି। ଏଥିସହ ବନ୍ଦର ନିଷିଦ୍ଧାଞ୍ଚଳରୁ ବାହାର କରାଯାଇଥିବା ସବୁ ପ୍ରକାର ଭାରିଯାନ ପୁଣି ଶନିବାର ପ୍ରବେଶ କରିଛି। ବନ୍ଦର ବ୍ୟତୀତ ଅନ୍ୟ ସମସ୍ତ ଶିଳ୍ପ ସଂସ୍ଥା ମଧ୍ୟ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

- ପୋର୍ଟ ଟାଉନ୍‌ଶିପ୍‌ରେ ଉପଲବ୍ଧ ହେଲା ବିଦ୍ୟୁତ୍ ସେବା
- ଭାଙ୍ଗିଯାଇଥିବା ଘର ସଜାଡୁଛନ୍ତି କ୍ଷତିଗ୍ରସ୍ତ
- ପୋର୍ଟରେ ଆରମ୍ଭ ହେଲା କାରବାର

ଅନ୍ୟପକ୍ଷରେ ବାତ୍ୟା ସମୟରେ ଓ ପରେ କୋଷ୍ଟଗାର୍ଡ ପକ୍ଷରୁ ବ୍ୟାପକ ସହାୟତା ଯୋଗାଇ ଦିଆଯାଇଥିବା କୁହାଯାଇଛି। ଗୋପାଳପୁର, ପାରାଦୀପ, ପୁରୀ, କୋଲକାତା, ହଳଦିଆ ଆଦି ଅଞ୍ଚଳରେ ହେଲିକାପ୍ଟର ଓ ଜାହାଜ ଯୋଗେ ଲୋକଙ୍କ ପାଖରେ ଖାଦ୍ୟ ସମଗ୍ରୀ ପହଞ୍ଚାଯାଇଥିଲା। ସମୁଦ୍ରରେ ଥିବା ମତ୍ସ୍ୟଜୀବୀଙ୍କୁ ଖୋଜିବାଠାରୁ ଆରମ୍ଭ କରି ବ୍ୟାପକ ସହାୟତା କରାଯାଇଥିଲା ବୋଲି କୁହାଯାଇଛି।

## ଅଶୁଭ ଶୁକ୍ରବାର

ଉପକୂଳ ଓଡ଼ିଶାବାସୀଙ୍କ ପାଇଁ ଶୁକ୍ରବାର ସତେ ଯେପରି ଅଶୁଭ ପାଲଟିଯାଇଛି। ୧୯୯୯ ଅକ୍ଟୋବର ୨୮ ଗୁରୁବାର ମହାବାତ୍ୟା ଆରମ୍ଭ ହୋଇ ଶୁକ୍ରବାର ସକାଳେ ୩୫୦ କିମି ବେଗରେ ପବନ ବହିଥିଲା। ସମୁଦ୍ର ଜୁଆର ମାଡ଼ି ଆସିଥିଲା। ସେହି ପ୍ରଳୟଙ୍କରୀ ମହାବାତ୍ୟାରେ ପାରାଦୀପ ଏରସମା ଅଞ୍ଚଳରୁ ୧୦ହଜାର ଲୋକଙ୍କ ଜୀବନ ଯାଇଥିଲା। ୨୦ବର୍ଷ ପରେ ପୁଣି ସେଭଳି ଏକ ବାତ୍ୟା ଫନୀ ତାଣ୍ଡବ ରଚିଛି। ଠିକ୍ ମହାବାତ୍ୟା ପରି ଗୁରୁବାର ଝିପି ଝିପ ବର୍ଷା ହୋଇଥିଲା ଓ ଶୁକ୍ରବାର ବିପର୍ଯ୍ୟୟ ଘଟାଇଥିଲା। ଯଦିଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଯୋଗୁ ଆଗୁଆ ସତର୍କତା ଅବଲମ୍ବନ କରାଯିବାରୁ ପାରାଦୀପ ଓ ଏରସମା ଅଞ୍ଚଳରେ କାହାର ପ୍ରାଣହାନୀ ଘଟିଲା ନାହିଁ, ତଥାପି ମହାବାତ୍ୟାର ସ୍ମୃତିକୁ ତାଜା କରିଦେଇଗଲା।



କୋଷ୍ଟଗାର୍ଡ ପକ୍ଷରୁ ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।



ବାତ୍ୟା ଯୋଗୁ ୨ ଦିନ ବନ୍ଦ ପରେ ପାରାଦୀପ ବନ୍ଦରରେ ପଣ୍ୟ କାରବାର ଆରମ୍ଭ ହୋଇଛି।

ଫନୀ ଯୋଗୁ ୬ ଘଣ୍ଟା ରାସ୍ତାରେ ଅଟକିଲେ ଗର୍ଭବତୀ

# ୭ କିମି ଖଟିଆରେ ବୋହିଲେ ଗ୍ରାମବାସୀ

**ଜଗତ୍‌ସିଂହପୁର ଅଫିସ,୫।୫**

ବାତ୍ୟା ଫନୀ ଯେତେବେଳେ ତାଣ୍ଡବ ରଚିଥିଲା ସେତେବେଳେ ଅର୍ଥାତ୍ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜଣେ ଗର୍ଭବତୀ ଶୂନଶାନ ରାସ୍ତାରେ ଏକ ବୋଲେରୋ ଗାଡ଼ି ଭିତରେ ୬ ଘଣ୍ଟା ଅଟକି ରହିଥିଲେ। ତାଙ୍କ ପାଖରେ ସ୍ୱାମୀ ଓ ଅନ୍ୟ ୨ଜଣ ସମ୍ପର୍କୀୟ ଥିଲେ। ଏହାଦେଖି ସେମାନଙ୍କୁ ନିକଟ ଗ୍ରାମବାସୀ ସହାୟତାର ହାତ ବଢ଼ାଇଥିଲେ। ଅପରାହ୍ନ ପ୍ରାୟ ୫ଟାରେ ଲୋକେ ଏକ ଖଟିଆ ଯୋଗାଡ଼ କରି ଗର୍ଭବତୀଙ୍କୁ ସେଥିରେ ସୁଆଇ ଦୀର୍ଘ ୭ କିଲୋମିଟର ବୋହିନେଇ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସମ୍ପୃକ୍ତ ଗର୍ଭବତୀ ଜଣଙ୍କ ହେଲେ ପାରାଦୀପ ବାଲିଡିହ ଗ୍ରାମର ସଞ୍ଜୁକ୍ତା ଖଟୁଆ। ଏ ସମ୍ପର୍କରେ ତାଙ୍କ ସ୍ୱାମୀ କହିଛନ୍ତି, ପ୍ରସବ ଜନିତ ଯନ୍ତ୍ରଣା ହେବାରୁ ସଞ୍ଜୁକ୍ତାଙ୍କୁ ଏକ ବୋଲେରୋରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିଲେ। ଜଇପୁର ଅତିକ୍ରମ କଲାପରେ ପବନର ବେଗ ବଢ଼ିଥିଲା। ରାସ୍ତାରେ କେତେକ ଗଛଡାଳ ଭାଙ୍ଗି ପଡ଼ିଥିଲେ ମଧ୍ୟ ସେ ତାହାକୁ ସଫା କରି ଆଗକୁ ଯାଉଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଆଉ ଆଗକୁ ଯିବା ସମ୍ଭବ ହୋଇପାରି ନ ଥିଲା। ଫଳରେ ବାଇପାସ୍ ଦେଇ ଯିବାକୁ ଚେଷ୍ଟା କରିଥିଲେ। ଠିକ୍ କାଁପୁର ଶିବ ମନ୍ଦିର ନିକଟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହେବାରୁ ଆଉ ଆଗକୁ ଯାଇପାରି ନ ଥିଲେ। ସେଠାରେ ଗାଡ଼ି ଭିତରେ ଅଟକି ରହିଥିଲେ। ପରେ ସେଠାକାର ଗାଁ ଲୋକେ ଏହା ଦେଖି ସହାୟତାର ହାତ ବଢ଼ାଇଥିଲେ।

ଫନୀ ଯିବାର ୪୮ ଘଣ୍ଟା ବିତିଲା

# ହୋଇପାରିଲାନି କ୍ଷୟକ୍ଷତି ଆକଳନ

**ନୟାଗଡ଼ ଅଫିସ,୫।୫**

ସାମୁଦ୍ରିକ ଝଡ଼ ଫନୀ ଯିବାର ୪୮ଘଣ୍ଟା ପରେ ବି ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇପାରି ନାହିଁ। ଫଳରେ ଆଶ୍ରୟସ୍ଥଳୀରେ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆ ନ ଯିବାକୁ ନେଇ ପୂର୍ବରୁ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହି ଘଟଣା ପ୍ରଶାସନର ପାରିଲାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଅଧା ଜିଲା ଅନ୍ଧାରରେ

ରବିବାର ରିପୋର୍ଟ ଲେଖାହେବା ସୁଦ୍ଧା ଅଧା ଜିଲା ଅନ୍ଧାରରେ ରହିଛି। ଗୁରୁବାର ରାତିରୁ ବିଦ୍ୟୁତ୍ ସେବା ଠପ୍ ହୋଇପଡ଼ିଛି। ନୟାଗଡ଼ ସହର ଓ ବିଭିନ୍ନ ବ୍ଲକର ମୁଖ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରି ନାହିଁ। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଯୋଗାଯୋଗ ପାଇଁ ଥିବା କିଛି ଘରୋଇ ଟେଲିକମ୍ ସଂସ୍ଥାକୁ ଛାଡ଼ିଦେଲେ ବିଏସ୍‌ଏନ୍‌ଏଲ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି।

## ବିଦ୍ୟୁତ୍ ଯୋଗାଣ ଦାବିରେ ରାସ୍ତାରୋକୋ

ରଣପୁର ବ୍ଲକ ରାଜସୁନାଖଳା ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ଦାବିରେ ଲୋକମାନେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାତ୍ର ସମୟରେ ଯାଉଥିବା ବିଭିନ୍ନ ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାତ୍ର ୨ଟା ୩୦ରେ ଶରଣକୁଳ ଏସ୍‌ଡ଼ିପିଓ, ରଣପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ବିଦ୍ୟୁତ୍‌ବିଭାଗକୁ ଜଣାଇ ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।





ବାତ୍ୟାରେ ଭାଙ୍ଗିଯାଇଥିବା ଘର। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଏକ ଗ୍ରାମରେ ଚାଳ ଘର ମରାମତି କରାଯାଉଛି।

## ୩ ଦିନ ହେଲା ସହରବାସୀଙ୍କୁ ମିଳିନି ଜଳ

ନୟାଗଡ଼ ସହରକୁ ୩ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟ ଜଳଯୋଗାଣ ବନ୍ଦ ରହିଛି। ହେଲେ କାହିଁକି ଏହି ସେବା ବନ୍ଦ ରହିଛି ସେ ନେଇ କୌଣସି ସୂଚନା ଦିଆଯାଉନାହିଁ। ଏଥିପାଇଁ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ କିଏ ବୋରିଂରୁ ବାହାରୁଥିବା ଫ୍ଲୋରାଇଡ୍ ଯୁକ୍ତ ପାଣି ପିଉଛନ୍ତି ତ ଆଉ କିଏ କୂପ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କିଛି ସ୍ଥାନରେ ନୟାଗଡ଼ ପୌରପରିଷଦ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ।

## ଚାଳଛପର ଘର ସଜାଡ଼ିବାରେ ବ୍ୟସ୍ତ

ଜିଲାର ତଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ଫନୀ ସମୟରେ ଆଶ୍ରୟସ୍ଥଳୀରେ ରହିବା ପରେ ବର୍ତ୍ତମାନ ଘରକୁ ବାହୁଡ଼ିଛନ୍ତି। ଏବେ ସେମାନେ ଛାଳଛପର ଘର ସଜାଡ଼ିବାରେ ବ୍ୟସ୍ତ ଅଛନ୍ତି। ଜିଲାର ବିଭିନ୍ନ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି।



ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

## ୫୬୮ ଆଶ୍ରୟସ୍ଥଳରେ ୫୨ ହଜାର

ଫନୀ ସମୟରେ ପ୍ରଶାସନ ପକ୍ଷରୁ ଜିଲାର ୭୫୬ଟି ଗ୍ରାମର ୫୨,୫୮୦ ଲୋକଙ୍କୁ ୫୬୮ଟି ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଥିବା ଜିଲା ଜରୁରିକାଳୀନ ଅଧିକାରୀ ଧୋବା ନାୟକ ସୂଚନା ଦେଇଛନ୍ତି। କ୍ଷୟକ୍ଷତି ଆକଳନ ବିଷୟରେ ନାୟକ କହିଥିଲେ, ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଅନେକ ସ୍ଥାନରୁ ମିଳିନାହିଁ। ଫଳରେ ଜିଲାରେ କେତେ କ'ଣ କ୍ଷୟକ୍ଷତି ହୋଇଛି ତାହା ଜଣାପଡି ନାହିଁ।

# ଫନୀ ବେଳେ ଜନ୍ମ ହେଲେ ଯାଆଁଳା ଶିଶୁ : ନାଁ ରହିଲା ଫନୀ-ହନି

**ନୟାଗଡ଼ ଅଫିସ,୫।୫:** ସାମୁଦ୍ରିକ ଝଡ଼ ଫନୀ ସମୟରେ ନୟାଗଡ଼ ଜିଲାରେ ଯାଆଁଳା ଶିଶୁ ଜନ୍ମ ହୋଇଛନ୍ତି। ଏମାନଙ୍କ ନାମ ଫନୀ ଓ ହନି ରଖାଯାଇଛି। ପ୍ରକାଶ ଯେ, ଶୁକ୍ରବାର ସକାଳେ ଫନୀ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ସକାଳ ୯ଟା ସମୟରେ ରଣପୁର ବ୍ଲକ ରଙ୍କଦେଉଳି ପଞ୍ଚାୟତ ବାଦଭୂଇଁ ଗ୍ରାମର ଗୀତାଞ୍ଜଳି ଦଳବେହେରାଙ୍କ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତାଙ୍କୁ ମେଡ଼ିକାଲ ଆଣିବା ପାଇଁ ଚାହିଁଥିଲେ ମଧ୍ୟ ଗାଡ଼ି ସୁବିଧା ନ ଥିଲା। ଫଳରେ ନିଜ ଘରେ ପୂର୍ବାହ୍ନ ୧୦ଟାରେ ଗୀତାଞ୍ଜଳି ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଥିଲେ। ପ୍ରଥମେ ଶିଶୁ କନ୍ୟା ଓ କିଛି ସମୟ ପରେ ଶିଶୁ ପୁତ୍ରଟିଏ ଜନ୍ମ ହୋଇଥିଲା। କନ୍ୟାର ନାମ ହନି ରଖାଯାଇଥିବା ବେଳେ ପୁତ୍ରଟିର ନାମ ଫନୀ ରଖାଯାଇଛି। ବାତ୍ୟା ପରେ ଅପରାହ୍ନ ୫ଟାରେ ଗୀତାଞ୍ଜଳିଙ୍କ ସହ ଦୁଇ ଶିଶୁଙ୍କୁ ନିକଟସ୍ଥ ଦର୍ପନାରାୟଣପୁର ମେଡ଼ିକାଲକୁ ଅଣାଯାଇଥିଲା। ଉଭୟ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର।



ଜନ୍ମ ହୋଇଥିବା ଯାଆଁଳା ଶିଶୁ।

ଫନୀ ଉଜାଡି ଦେଲା ଜୀବନ ଜୀବିକା

# ମାଟିରେ ଲୋଟିଲା ପାନ ବରଜ

**କୁଜଙ୍ଗ,୫।୫(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଉପକଣ୍ଠ ଡିଙ୍କିଆ, ଗଡ଼କୁଜଙ୍ଗ ଓ ନୂଆଗାଁ ପଞ୍ଚାୟତରେ ଫନୀର ତାଣ୍ଡବ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଯାଇଛି। ଲୋକଙ୍କ ଭାତହାଣ୍ଡି କୁହାଯାଉଥିବା ଶତାଧିକ ପାନବରଜ ଭାଙ୍ଗିଯାଇ ମାଟିରେ ଲୋଟିଛି। ବର୍ଷାସାରା ୩ ପଞ୍ଚାୟତର ଅଧିକାଂଶ ଗ୍ରାମବାସୀଙ୍କୁ ଦାନା ଯୋଗାଉଥିବା ଏହି ବରଜ ସବୁ ଭାଙ୍ଗିଯିବା ପରେ ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ତେବେ ଜିଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଏସବୁର କ୍ଷୟକ୍ଷତି ଆକଳନ କରାଯାଇନାହିଁ।

ପ୍ରକାଶ ଯେ, ପୋସ୍କୋ ପାଇଁ ବିଗତ ଦିନରେ ଏହି ଅଞ୍ଚଳରେ ଥିବା ସମୁଦ୍ରକୂଳିଆ ଜଙ୍ଗଲକୁ ବେଆଇନ୍ ଭାବେ କାଟି ଦିଆଯାଇଥିଲା। ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଏହି ଅଞ୍ଚଳରୁ କଟାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଭରଣା କରାଯାଇନାହିଁ। ଝଡ଼ବର୍ଷା ଓ ବାତ୍ୟା ପ୍ରଭାବରୁ ସୁରକ୍ଷା ଦେଇ ଆସୁଥିବା ଏହି ଜଙ୍ଗଲ ନ ରହିବା ଫଳରେ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ଅନେକ ସମୟରେ ଲୁଣାପାଣି ମାଡ଼ିଆସି ଫସଲ ମଧ୍ୟ ନଷ୍ଟ କରୁଛି। ତେଣୁ ଶୁକ୍ରବାର ପୂର୍ବାହ୍ନରେ ଫନୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହେବାରୁ ଏହି ଅଞ୍ଚଳରେ ଏକର ଏକର ପାନବରଜ ଭାଙ୍ଗିଯାଇଛି। ସେହିପରି କଟକ-ପାରାଦୀପ ରାଜ୍ୟ ରାଜପଥ, କୁଜଙ୍ଗ-ବାଲିତୁଠ ଓ ଭୁତମୁଣ୍ଡାଇ-ବଗଦିଆ ରାସ୍ତାରେ ଗଛ ଭାଙ୍ଗିପଡ଼ି ରାସ୍ତା ଅବରୋଧ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ଏସବୁ ସ୍ଥାନରୁ ଗଛ କାଟି ସଫା କରାଯାଇଛି। ୩ ଦିନ ହେଲା ବିଦ୍ୟୁତ୍ ସେବା ବନ୍ଦ ରହିଛି। ଡିଙ୍କିଆ ପଞ୍ଚାୟତର ସାମାଜିକ କର୍ମୀ ରଞ୍ଜନ ବର୍ଦ୍ଧନ କହିଛନ୍ତି ଯେ ଜଙ୍ଗଲ କଟାର ପ୍ରଭାବ ସାମାନ୍ୟ ଝଡ଼ବର୍ଷାରେ ମଧ୍ୟ ପରିଲକ୍ଷିତ ହେଉଛି। ତେବେ କ୍ଷତିଗ୍ରସ୍ତ ପାନଚାଷୀଙ୍କୁ ସରକାର ତୁରନ୍ତ ସହାୟତା ଯୋଗାଇଦେବା ଆବଶ୍ୟକ। କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ପଞ୍ଚାୟତର ସରପଞ୍ଚ ସଞ୍ଜୟ ସ୍ୱାଇଁ କହିଛନ୍ତି ଯେ ଫସଲହାନୀ ଘଟିଥିବା ଚାଷୀ ଓ ବାସ ହରାଇଥିବା ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ମୁଁ ଦାବି ଜଣାଉଛି। ଅନ୍ୟପକ୍ଷରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ଅଞ୍ଚଳରେ ଜିରୋ କାଜୁଆଲିଟି ଉଦ୍ୟମ ସଫଳ ହୋଇଛି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ରନ୍ଧାଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସହଯୋଗ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ସେହିପରି କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ।



ବାତ୍ୟାରେ ଉଜୁଡ଼ିଯାଇଥିବା ପାନ ବରଜ।

ଓଡ଼ଗାଁରେ ବାଘ ଗୁଜବ

# ଭୟରେ ଶୋଇପାରିଲେନି ଲୋକେ

**ଓଡ଼ଗାଁ,୫।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ ଫନୀର ଭୟାବହତା ଲୋକଙ୍କ ମନରୁ ଲିଭିନି। ତେବେ ସ୍ଥାନୀୟ ଛାମୁସାହିରେ ଶନିବାର ବିଳମ୍ବିତ ରାତିରେ ବାଘ ଗୁଜବ ଲୋକଙ୍କ ନିଦ ହଜାଇ ଦେଇଥିଲା। ସୂଚନା ଅନୁସାରେ, ରାତି ପ୍ରାୟ ସାଢ଼େ ଦଶଟାରେ କେହି ଜଣେ ଏଠାରେ କଲରାପତରିଆ ବାଘ ବୁଲୁଥିବା ପ୍ରଚାର କରି ଦେଇଥିଲେ। ତେଣୁ ବାଘ ଆତଙ୍କରେ ରାତିରେ ଲୋକେ ଶୋଇପାରି ନ ଥିଲେ। ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା କର୍ମଚାରୀଙ୍କ ସହ ଜାଲ, ବାଣ ଓ ଲାଇଟ୍ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ । ଲୋକେ ବାଣ ଫୁଟାଇ ବାଘକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ରାତିପ୍ରାୟ ୧ଟା ୩୦ ପର୍ଯ୍ୟନ୍ତ ବାଘର ପତ୍ତା ମିଳିନଥିଲା। ସାମାଜିକ ଗଣମାଧ୍ୟମରେ ଏ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି । କିନ୍ତୁ ଏହାର କୌଣସି ସତ୍ୟାସତ୍ୟ ଜଣାପଡୁନି। ଭିଡିଓରେ ଏହା ଏକ ମହାବଳ ବାଘ ସ୍ପଷ୍ଟ ଜଣାପଡୁଛି ବୋଲି ରେଞ୍ଜର ପଣ୍ଡା ପ୍ରକାଶ କରିଛନ୍ତି ।

## ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି

**ବିରିଡ଼ି/ରଘୁନାଥପୁର, ୫।୫ (ଡି.ଏନ୍.ଏ.)**

ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାର ବିରିଡ଼ି ଓ ରଘୁନାଥପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ଘର ଭାଙ୍ଗିବା ସହ ଗଛ ପଡ଼ି ରାସ୍ତା ବନ୍ଦ ହୋଇଯାଇଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭାଙ୍ଗି ତଳେ ପଡ଼ିବା ସହ ତାର ଛିଡ଼ିଯାଇଛି। ବିରିଡି ବ୍ଲକ ପ୍ରଶାସନ ପକ୍ଷରୁ ୭୭ଟି ଆଶ୍ରୟକେନ୍ଦ୍ରରେ ୮,୩୭୦ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି ବୋଲି ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ କହିଛନ୍ତି। ରଘୁନାଥପୁର ବ୍ଲକର ୧୯ ପଞ୍ଚାୟତରେ ବହୁ କ୍ଷୟକ୍ଷତି ହୋଇଛି। ହେକ୍ଟର ହେକ୍ଟର ମୁଗ ବିରି ଫସଲ ଉଜୁଡି ଯାଇଛି।

## ସଂକ୍ଷେପରେ

### ଗଛ କଟାକୁ ନେଇ ମାରପିଟ୍, ୪ ଆହତ

**ରସୁଲପୁର,୫।୫(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତରେ ବାଉଁଶ ଗଛ କଟାକୁ ନେଇ ୨ ପରିବାର ମଧରେ ମାରପିଟ୍ ହୋଇଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ଏ ନେଇ ରବିବାର ସନ୍ଧ୍ୟାରେ ଉଭୟ ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିବାଦୀୟ ସ୍ଥାନରେ ଥିବା ବାଉଁଶ ଗଛ କାଟିବାକୁ ନେଇ ବିବାଦ ଦେଖାଦେଇଥିଲା। ମନ୍ଦରଧର ବାରିକ ଓ ତାଙ୍କ ପୁଅ ଚନ୍ଦନ ବାଉଁଶ ଗଛ କାଟୁଥିଲେ। ପଡ଼ୋଶୀ ଦୁର୍ଯ୍ୟୋଧନ ସେଠୀ, ପୁଅ ଦଶରଥ ଓ ପରିବାର ଲୋକେ ସଦଳବଳ ଆସି ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇ ପରିବାର ମଧରେ ମାରପିଟ୍ ହୋଇଥିଲା। ଏଥିରେ ଦୁର୍ଯ୍ୟୋଧନ, ଦଶରଥ, ମନ୍ଦରଧର ଓ ଚନ୍ଦନ ଆହତ ହୋଇଛନ୍ତି। ଦୁର୍ଯ୍ୟୋଧନଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୧୨୮/୧୯) ଓ ମନ୍ଦରଧରଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୧୨୯/୧୯) ରୁଜୁ କରାଯାଇଛି। ଏସ୍ଆଇ ଦିଲୀପ କୁମାର କାଣ୍ଡି ମାମଲାର ତଦନ୍ତ କରୁଛନ୍ତି।

### ଦୁର୍ଘଟଣାରେ ୩ ଗୁରୁତର

**ଧର୍ମଶାଳା,୫।୫(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ କାଏମା-କୋତପୁର ନଦୀବନ୍ଧ ରାସ୍ତାରେ ରବିବାର ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି । ଗୁରୁତରମାନେ ହେଲେ କୋତପୁର ଗ୍ରାମର ସୁରେନ୍ଦ୍ର ଦଳେଇ(୨୩), କଦମପାଳର କ୍ରିଷ୍ଣା ଓଝା (୨୮) ଓ ସୁସ୍ମିତା ସ୍ୱାଇଁ (୨୧)। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା।

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ୨ ଗିରଫ

**କଳିଙ୍ଗନଗର,୫।୫(ଡି.ଏନ୍.ଏ.):** ଯଖପୁରା ଥାନା ଅନ୍ତର୍ଗତ ମାନତିରା ଗ୍ରାମର ହରି ଦେହୁରୀ(୩୧)ଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମନୋହରପୁରର ତୋଫାନ ଦେହୁରୀ (୩୦) ଓ ରବୀନ୍ଦ୍ର ବେହେରା (୪୦)। ଗୁରୁବାର ହରି ତାଙ୍କ ବନ୍ଧୁ ଘରୁ ଫେରୁଥିଲେ। ଏହି ସମୟରେ ମନୋହରପୁର ଛକ ନିକଟରେ ତୋଫାନ ଓ ରବୀନ୍ଦ୍ର ତାଙ୍କୁ ଅଟକାଇ ମାଡ଼ ମାରିଥିଲେ । ଏ ନେଇ ହରି ଯଖପୁରା ଥାନାରେ ଅଭିଯୋଗ କରିଥିଲେ।

### ୧୯ରେ ପାଟକୁରା ନିର୍ବାଚନ
### ଫନୀ ପାଇଁ ରାଜନୀତି ତାତି ଧିମା

**କେନ୍ଦ୍ରାପଡ଼ା ଅଫିସ୍/ଡେରାବିଶ, ୫।୫ (ସ୍ୱ.ପ୍ର.):** ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଗତ ୨୯ ତାରିଖରେ ଶେଷ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ୧୯ ତାରିଖରେ ନିର୍ବାଚନ ହେବାକୁ ସ୍ଥିର ହୋଇଛି। ନିର୍ବାଚନର ଦିନ କେଇଟା ପୂର୍ବରୁ ଉପକୂଳ ଓଡ଼ିଶାରେ ତାଣ୍ଡବ ରଚିଛି ବାତ୍ୟା ଫନୀ। ଏହାର ପ୍ରଭାବରେ ପାଟକୁରା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଲୋକମାନେ ଘରଦ୍ୱାର ଛାଡ଼ି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳରେ ମୁଣ୍ଡ ଗୁଞ୍ଜିଛନ୍ତି। ଫନୀ ହାୱା ଯୋଗୁ ଉକ୍ତ ନିର୍ବାଚନମଣ୍ଡଳୀରେ ଏବେ ରାଜନୀତି ତାତି ଶିଥିଳ ପଡ଼ିଯାଇଛି। ତେବେ ବିଭିନ୍ନ ଆଶ୍ରୟସ୍ଥଳରେ ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ସମର୍ଥକଙ୍କ ସହ ପହଞ୍ଚି ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି। ବିଜେଡି ପ୍ରାର୍ଥୀ ତଥା ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ, କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ଓ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଶନିବାର କେତେକ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରୁଥିବା ଦେଖାଯାଉଛି। ସୂଚନାଯୋଗ୍ୟ, ପାଟକୁରା ବିଧାନସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ତେବେ ଏଥର ଏଠାରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଜଣାପଡ଼ିଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଆଳି,୫।୫(ଡି.ଏନ୍.ଏ.):** ଆଳି ଅଞ୍ଚଳରେ ଜଣେ ଯୁବକଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ମାମଲା (ନଂ ୭୪/୧୯) ରୁଜୁ କରାଯାଇ ଶନିବାର ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଳି ଥାନା ଅନ୍ତର୍ଗତ ଗଭାଡିଆ ଗ୍ରାମର ଦାମୋଦର ବରାଳଙ୍କ ଘର ଉପରେ କେତେଜଣ ଯୁବକ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦାମୋଦର ଗୁରୁତର ହେଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ସ୍ତ୍ରୀ ମଧ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଦାମୋଦରଙ୍କୁ ଉଦ୍ଧାର କରି ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

## ■ ତାଣ୍ଡବ ରଚାଇ ଫେରିଗଲା ଫନୀ
# ଠିକଣା ଖୋଜୁଛନ୍ତି ବାତ୍ୟା ବିପନ୍ନ

**ଯାଜପୁର ଜିଲ୍ଲା**

■ବାତ୍ୟା ପୀଡ଼ିତଙ୍କ ନିକଟରେ ପହଞ୍ଚି ପାରିନି ପ୍ରଶାସନ

**ଯାଜପୁର ଅଫିସ,୫।୫**

ଯାଜପୁର ଜିଲାରେ ବାତ୍ୟା 'ଫନୀ' ତାଣ୍ଡବ କରି ଫେରିଯିବା ପରେ ପ୍ରଭାବିତ ଲୋକେ ଏବେ ଠିକଣା ଖୋଜୁଛନ୍ତି । କେତେକ ସ୍ଥାନରେ ପ୍ରଶାସନ ପହଞ୍ଚି ପାରି ନ ଥିବାରୁ ବାତ୍ୟା ପ୍ରଭାବିତ ଲୋକଙ୍କ ଘରେ ଚୁଲି ଜଳିପାରି ନାହିଁ। ବ୍ୟାସନଗର ସହରରେ ଏଭଳି ପରିସ୍ଥିତି ଦେଖାଦେଇଛି। ସହରର ୧୭ ଓ ୨ ନମ୍ବର ୱାର୍ଡର ପଣାସିଆ ବସ୍ତିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କଚ୍ଚା ଘର ନଷ୍ଟ ହୋଇଯାଇଛି। ଏଥିରେ ରମେଶ ଦାସ, ଲକ୍ଷ୍ମୀଧର ବେହେରା, ରବୀନ୍ଦ୍ର ଦାସ, ଅଶୋକ ଦାସ, ଝୁନୁ ଦାସ ପ୍ରମୁଖଙ୍କ ପରିବାରବର୍ଗ ରହିଛନ୍ତି। ଅଥଚ ଏ ପର୍ଯ୍ୟନ୍ତ ପ୍ରଶାସନ ସେମାନଙ୍କ ନିକଟକୁ ପହଞ୍ଚି ପାରିନାହିଁ କିମ୍ବା କୌଣସି ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ।
ଜିଲାର ଫନୀ ପ୍ରଭାବିତ ଲୋକଙ୍କୁ ୩ଦିନ ପର୍ଯ୍ୟନ୍ତ ଚାଉଳ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ହେଲେ ଯୋଗାଣ ବିଭାଗର କୌଣସି ଅଧିକାରୀଙ୍କ ପାଦ ଏପର୍ଯ୍ୟନ୍ତ ବାତ୍ୟା ବିପନ୍ନଙ୍କ ପାଖରେ ପଡିନାହିଁ। ୨ତାରିଖ ରାତି ୯ଟାରୁ ଶୁକ୍ରବାର ରାତି ୧୨ଟା ପର୍ଯ୍ୟନ୍ତ ବର୍ଷା ସହ ପବନ ବୋହୁଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ସମୟ ମଧରେ ପ୍ରଶାସନ ତରଫରୁ ଖାଦ୍ୟ ପୁଡ଼ିଆ ସହ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବାକୁ କୁହାଯାଇଥିଲା। ମାତ୍ର ଏଯାବତ୍ କ୍ଷୟକ୍ଷତି ଦେଖିବାକୁ କେହି ନ ଆସିବା ଦୁର୍ଭାଗ୍ୟଜନକ। ଶନିବାର ସକାଳୁ ପାଗ ଭଲ ହେବାରୁ ଲୋକେ ନିଜ ସମସ୍ୟାର ସମାଧାନ ପାଇଁ ତତ୍ପର ହୋଇଥିଲେ। ବହୁ ଯୁବକ, ସାମାଜିକ କର୍ମୀ ବାତ୍ୟା ପୀଡ଼ିତଙ୍କ ନିକଟରେ ପହଞ୍ଚିଥିଲେ ହେଁ ଦିନ ତମାମ ପାଣି ଓ ବିଜୁଳି ବିନା ଲୋକେ ତ୍ରାହି ତ୍ରାହି ଡ଼ାକିଥିଲେ।



ଜନସ୍ୱାସ୍ଥ୍ୟ ବିଭାଗ ଜଳଯୋଗାଣ ପାଇଁ ଜେନେରେଟର ଆଣି ପମ୍ପ ଚଳାଇବାକୁ ଚେଷ୍ଟା କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ବିଦ୍ୟୁତ ବିଭାଗୀୟ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ରବିବାର ମଧାହ୍ନ ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା। ଶନିବାର ଓ ରବିବାର ପ୍ରଶାସନ ବାତ୍ୟା ଦୁର୍ଗତଙ୍କ ନିକଟକୁ ପହଞ୍ଚି ନ ଥିବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ପଡିଯାଇଥିବା ବହୁ ଗଛ କଟାଯାଇଛି। କେତେଜଣ ଗଛ କାଟି ନିଜ ଭଙ୍ଗା ଘର ସଜାଡିବାରେ ଲାଗିପଡିଥିବା ଦେଖିବାକୁ ମିଳିଛି। ବହୁ ସର୍ଭିସ ତାର ଛିଣ୍ଡି ପଡ଼ିଥିଲେ ହେଁ ସେସବୁକୁ ବହୁ ଯୁବକ/ଲୋକେ ନିଜେ ସଜାଡୁଥିବା ପରିଲକ୍ଷିତ ହୋଇଥିଲା। ରାଜ୍ୟ ସରକାରଙ୍କ ତତ୍କାଳ ସହାୟତା ଧର୍ମକୁ ଆଖିଠାର ସଦୃଶ ବୋଲି ସାମାଜିକ କର୍ମୀ ଦୁଷ୍ମନ୍ତ ରାଉତ ଅଭିଯୋଗ ଆଣିଛନ୍ତି। ଫନୀ ମୁକାବିଲା ପାଇଁ କେନ୍ଦ୍ରରୁ ଆସିଥିବା କୋଟି କୋଟି ଟଙ୍କାର ସହାୟତାକୁ ବାଟମାରଣା ନ କରି ଜିଲାରେ ନିରପେକ୍ଷ ଭାବେ ବିତରଣ କରିବା ପାଇଁ ରାଉତ ଦାବି କରିଛନ୍ତି ।

## ■ ଫନୀର କରାଳ ରୂପ: ୫ମୃତ
# ଜିରୋ କାଜୁଆଲ୍‌ଟିରୁ ଜିଲା ବଞ୍ଚିତ

■ଜିଲାର ୧୦ ବ୍ଲକ ଓ ୨ ପୌରାଞ୍ଚଳ ପ୍ରଭାବିତ

**ଯାଜପୁର ଟାଉନ,୫।୫(ଡିଏନଏ)**

ଯାଜପୁର ଜିଲାରେ 'ଫନୀ' ମାତ୍ର ୪ଘଣ୍ଟାରେ ତାଣ୍ଡବ ରଚିଛି। ଏଥିରେ ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଏହି ବାତ୍ୟାରେ ୯୬ହଜାର ୧୫୬ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ୫୯୯ଟି ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟ ଆଶ୍ରୟସ୍ଥଳରେ ୬୦୬ଟି ସେଣ୍ଟରରେ ମାଗଣା ରନ୍ଧାଖାଦ୍ୟ କରାଯାଇ ୬୩ହଜାର ୬୩୫ଜଣ ପ୍ରଭାବିତ ଲୋକଙ୍କୁ ଦିଆଯାଇଛି। ଜିଲା ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଏହି ବାତ୍ୟାରେ ୫ଜଣଙ୍କ ପ୍ରାଣହାନୀ ଘଟିଛି। ସେମାନଙ୍କ ମଧ୍ୟରୁ ସୁକିନ୍ଦା ନାଉପାଳ ଗ୍ରାମ ପଞ୍ଚାୟତର ଖରଡିହ ଗ୍ରାମର ସନ୍ତର ଗାଗରାଇ, କୋରେଇ ମୁକୁନ୍ଦପୁର ଗ୍ରାମର ବାବାଜୀ ଖଟୁଆ, ସୁଜନପୁର ଗ୍ରାମର କଳ୍ପତରୁ ପରମାଣିକ, ସିଂହପୁର ଗ୍ରାମର କେ.ସି ଘଡ଼େଇ, କଣ୍ଟିପୁର ଗ୍ରାମର ଗୌରାଙ୍ଗ ଦାସ ଗଛତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ମାତ୍ର ଜିଲା ପ୍ରଶାସନ ସେମାନଙ୍କ ମୃତ୍ୟୁ ନିଜର ଅସାବଧାନତା ଯୋଗୁ ହୋଇଛି ବୋଲି କହି ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ପ୍ରୟାସ କରିଛି। ଏହି ବାତ୍ୟାରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତିରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ତୁରନ୍ତ ସଫା କରାଯାଇ ରାସ୍ତାକୁ ମୁକ୍ତ କରାଯାଇଛି। ଏହି ବାତ୍ୟାରେ ଜିଲାର ୨୩୧ ଗ୍ରାମ ପଞ୍ଚାୟତର ୮୫୮ଟି ଗ୍ରାମରେ ବ୍ୟାପକ କ୍ଷତି ଘଟାଇଛି। ବିଶେଷ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ତହସିଲଦାରଙ୍କ ମାଧମରେ ପଲିଥିନ ଯୋଗାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବାତ୍ୟାରେ ସ୍ଥାନାନ୍ତରିତ ହୋଇଥିବା ପ୍ରଭାବିତ ବିପନ୍ନଙ୍କୁ ଶନିବାର ଘରକୁ ଫେରାଇ ଦିଆଯାଇଛି। ଏହି ଜିଲାରେ ୨ଟି ଏନ୍‌ଡିଆରଏଫ, ୧ଟି ଓଡ୍ରାଫ୍ ଓ ୧୧ଟି ଦମକଳବାହିନୀ ନିୟୋଜିତ କରାଯାଇ ବାତ୍ୟା ମୁକାବିଲା ଠିକ୍ ଢ଼ଙ୍ଗରେ କରାଯାଇଥିବାବେଳେ ଜିରୋ କାଜୁଆଲିଟିକୁ ରୋକାଯାଇପାରି ନାହିଁ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ ଖବରଦାତା ସମ୍ମିଳନୀରେ ସ୍ୱୀକାର କରିଥିଲେ।

# ଗ୍ରାମବାସୀ-ବନ ବିଭାଗ ମୁହାଁମୁହିଁ

**ଗଛକଟାକୁ ନେଇ ବିବାଦ**

**ସୁକିନ୍ଦା,୫।୫(ଡି.ଏନ୍.ଏ.)**

'ଫନୀ' ତାଣ୍ଡବରେ ଜିଲା ଜଳ ବିଭାଜିକା ମିଶନ ତରଫରୁ ଲଗାଯାଇଥିବା ଗଛଗୁଡ଼ିକ ଉପୁଡ଼ିଯାଇଛି। ଉପୁଡ଼ି ଯାଇଥିବା ଗଛକଟାକୁ ନେଇ ୨ ଦିନ ଧରି ଗ୍ରାମବାସୀ ଓ ବନ ବିଭାଗ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ସୁକିନ୍ଦା ବ୍ଲକର ବିହନ ଫାର୍ମ ଦୀର୍ଘବର୍ଷ ହେବ ପଡ଼ିଆ ପଡ଼ିଥିଲା। ପରେ ଜଳ ବିଭାଜିକା ସଂସ୍ଥା ତରଫରୁ ମୂଳଖମ୍ବ ମୌଜାରେ ଥିବା ବିହନ ଫାର୍ମ ଜମିରେ ବିଗତ ୧୫ ବର୍ଷ ତଳୁ ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା। ଗ୍ରାମବାସୀଙ୍କୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଥିଲା। ଗଛଗୁଡ଼ିକ ବଡ଼ ହେବା ପରେ ଏକ ମହିଳା ସଂଘକୁ ଦାୟିତ୍ୱ ଦିଆଯାଇଥିଲା। ଗତ ୩ ତାରିଖରେ ବାତ୍ୟା ଯୋଗୁ ଶତାଧିକ ଗଛ ଉପୁଡ଼ିଯାଇଥିଲା। ଫଳରେ ଗ୍ରାମବାସୀ କାଠ ସଂଗ୍ରହ କରୁଥିବାବେଳେ ସୁକିନ୍ଦା ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗଛ ନ କାଟିବାକୁ ତାଗିଦ୍ କରିଥିଲେ। ତେଣୁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ଗଛ କାଟିବା ପାଇଁ ସୁକିନ୍ଦା ବନଖଣ୍ଡ କାର୍ଯ୍ୟାଳୟକୁ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ନେଇ ଏକ ସମାଧାନ ବୈଠକ ବସିଥିଲା। ଏକ କମିଟି ମାଧ୍ୟମରେ ଜଙ୍ଗଲର ରକ୍ଷଣାବେକ୍ଷଣ ସମେତ ଉପୁଡ଼ିପଡ଼ିଥିବା ଗଛ କାଟିବାକୁ ଅନୁମତି ମିଳିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

### ୭ ଦିନ ରିଲିଫ୍ ପ୍ରଦାନ ଦାବି

**ଧର୍ମଶାଳା,୫।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକରେ ଫନୀ ପ୍ରଭାବରେ ୪୫ ପଞ୍ଚାୟତର ୨ଲକ୍ଷ ୬୬ହଜାର ୫୬୯ ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି । ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରର ବୟସ୍କଙ୍କୁ ୧ କିଲୋ ଓ ପିଲାଙ୍କୁ ୫୦୦ ଗ୍ରାମ ଚାଉଳ ୩ଦିନ ପାଇଁ ମୋଟ ୬୪୨୧ କ୍ୱିଣ୍ଟାଲ ୫୭ କେଜି ଚାଉଳ ରିଲିଫ୍ ଆକାରରେ ଦିଆଯିବ। ଏହି କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହେବ ବୋଲି ବିଡିଓ ହେମନ୍ତ କୁମାର ସ୍ୱାଇଁ ଓ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ଦେଓ ସୂଚନା ଦେଇଛନ୍ତି। ବାତ୍ୟାରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ବିପନ୍ନ ପରିବାରଙ୍କୁ ୩ ଦିନ ପରିବର୍ତ୍ତେ ୭ ଦିନ ରିଲିଫ୍ ପ୍ରଦାନ ପାଇଁ ଭାଜପା ନେତା ରମେଶ ପରିଡ଼ା ଓ କଂଗ୍ରେସ ନେତା କିଶାନ ପଣ୍ଡା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ■ ରସୁଲପୁର ବ୍ଲକରେ 'ଫନୀ'ର ପ୍ରଭାବ
# ୩ ହଜାର ଚାଳଘର କ୍ଷତିଗ୍ରସ୍ତ

**ରସୁଲପୁର,୫।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ସାମୁଦ୍ରିକ ବାତ୍ୟା 'ଫନୀ' ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଶୁକ୍ରବାର ଅପରାହ୍ନ ୩ଟାରୁ ବାତ୍ୟା ତାଣ୍ଡବ ଦେଖାଦେଇଥିବାବେଳେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବର୍ଷା, ପବନର ପ୍ରକୋପ ଜାରି ରହିଥିଲା। ଶନିବାର ସକାଳୁ ଆଶ୍ରୟସ୍ଥଳରୁ ବିପନ୍ନମାନେ ଘରବାହୁଡା ହୋଇଛନ୍ତି। ହେଲେ ବାତ୍ୟା ପରେ ସବୁଆଡେ ଅଚଳାବସ୍ଥା ଦେଖାଦେଇଛି। ଛକ ବଜାରରେ ଅଧିକାଂଶ ଦୋକାନ ବନ୍ଦ ରହିଛି। ଏଭଳି ସ୍ଥିତିରେ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଗାଁରୁ ତଦନ୍ତ ଆରମ୍ଭ ହୋଇଛି। ରସୁଲପୁର ତହସିଲ ପକ୍ଷରୁ ହୋଇଥିବା ପ୍ରାଥମିକ ତଦନ୍ତରୁ ବ୍ଲକ ଅଞ୍ଚଳରେ ୩ ହଜାର ଚାଳଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେଥିରୁ ୧୦୦ ପରିବାରର ଚାଳଘର ବିଶେଷ କ୍ଷତିଗ୍ରସ୍ତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରଶାସନ ପକ୍ଷରୁ ୩୦ ପରିବାରକୁ ପଲିଥିନ ପ୍ରଦାନ କରାଯାଇଛି ବୋଲି ରସୁଲପୁର ତହସିଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅପରପକ୍ଷରେ କାଠ ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ଉପୁଡି ପଡିଥିବା ଗଛଗୁଡ଼ିକୁ କାଟି ଲୋକ ଲଗାଇ ବୋହି ନେବାକୁ ମସୁଧା କରୁଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଅରଡାରୁ ଖୋସାଲପୁର ବାରବାଟୀ-ରସୁଲପୁର ଗ୍ରାମ୍ୟଉନ୍ନୟନ ରାସ୍ତା କଡରେ ଭାଙ୍ଗିପଡ଼ିଥିବା ସରକାରୀ ଗଛଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ହାତକରି କାଟିନେବାକୁ ପ୍ରୟାସ କରୁଥିବା ଏହାର ଏକ ଉଦାହରଣ। କାଠ ବୋହିନେବା ସମୟରେ ଭୋଟକା ସରପଞ୍ଚ ଅକ୍ଷୟ କୁମାର ମଳିକ ହସ୍ତକ୍ଷେପ କରି କୁଆଖିଆ ଥାନାର ସହାୟତା ନେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାଠଗୁଡ଼ିକୁ ଜବତ କରିଥିଲା। ଜବତ କାଠଗୁଡ଼ିକୁ ସରପଞ୍ଚ ମଳିକଙ୍କ ତତ୍ତ୍ୱାବଧାନରେ ଅରଡା ଗାଁରେ ମହଜୁଦ୍ କରି ରଖାଯାଇଛି।

## ■ ଡେରାବିଶରେ ଫନୀର ତାଣ୍ଡବ
# ୨୬ ପଞ୍ଚାୟତବାସୀଙ୍କୁ ୩ ଦିନର ରିଲିଫ୍

**ଡେରାବିଶ, ୫।୫ (ସ୍ୱ.ପ୍ର.)**

ବାତ୍ୟା ପ୍ରଭାବରେ ଡେରାବିଶ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଉପକୂଳ ଓଡ଼ିଶାରେ ଫନୀ ୪ଘଣ୍ଟା ତାଣ୍ଡବ ରଚିଥିବା ବେଳେ ଏହା ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଅଞ୍ଚଳବାସୀ। ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତସ୍ଥିତ ୨୮୨ ରାଜସ୍ୱ ଗ୍ରାମରେ ଅଧିକାଂଶ ଘର ଭାଙ୍ଗି ଯାଇଥିବା ବେଳେ ବହୁ ଗଛ ଉପୁଡ଼ି ପଡ଼ିଛି। ଓଡ୍ରାଫ୍ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ରାସ୍ତାରୁ ଗଛ ହଟାଇବା ପରେ କେତେକ ସ୍ଥାନରେ ଯିବାଆସିବା ସ୍ୱାଭାବିକ ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥୀ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଡେରାବିଶ ବ୍ଲକ ଅଞ୍ଚଳବାସୀଙ୍କୁ ରବିବାରଠାରୁ ୩ ଦିନ ପାଇଁ ମୁଣ୍ଡ ପିଛା ଦେଢ଼ କିଗ୍ରା ରିଲିଫ ଚାଉଳ ପ୍ରଦାନ କରାଯାଇଛି। ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ନିର୍ଦ୍ଦେଶରେ ଯୋଗାଣ ନିରୀକ୍ଷକ ରବୀନ୍ଦ୍ର ବେହେରା ସମସ୍ତ ଡିଲର ପ୍ଲାଣ୍ଟରେ ପହଞ୍ଚି ରିଲିଫ ବଣ୍ଟନ କାର୍ଯ୍ୟ ତଦାରଖ କରୁଛନ୍ତି। ଅନ୍ୟପଟେ ବାତ୍ୟା ସମୟରେ ଆମ୍ବ ତୋଳୁଥିବା ବେଳେ ଗୁଆଳ ସିଂ ପଞ୍ଚାୟତ ଠାକୁରହାଟ ଗ୍ରାମର ଦୀପକ ନାୟକଙ୍କ ପୁଅ ରାଜା (୧୨) ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି ଗଛ ଡାଳ ପଡ଼ି ଛୋଟି ପଞ୍ଚାୟତ ଚକ ରଘୁନାଥପୁର ଗ୍ରାମର କୁମୁନି ଜେନା ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭାଜପା ନେତା ବିଜୟ ମହାପାତ୍ର, ବିଜେଡି ନେତା ସଞ୍ଜୟ ଅଗ୍ରୱାଲ ଓ କଂଗ୍ରେସ ନେତା ଜୟନ୍ତ ମହାନ୍ତି ବାତ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଲୋକମାନଙ୍କୁ ଭେଟିଛନ୍ତି।

# ବାତ୍ୟା ସମୟରେ ଫେଲ ମାରିଲା ୟାର୍ଲି ୱାର୍ନିଂ ସିଷ୍ଟମ

**କେନ୍ଦ୍ରାପଡା ଅଫିସ, ୫।୫**

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ପାଇବା ପାଇଁ କେନ୍ଦ୍ରାପଡା ସମେତ ସମୁଦ୍ର ତଟବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ୟାର୍ଲି ୱାର୍ନିଂ ସିଷ୍ଟମ ବ୍ୟବହାର କରାଯାଉଛି। ଏହି ଜିଲାର ୧୫ଟି ସ୍ଥାନରେ ସ୍ଥାପନ କରାଯାଇଥିବା ଏହି ସିଷ୍ଟମ କାମ କରି ନ ଥିବା ଜଣାପଡିଛି । ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟରେ ୬ଟି ଜିଲାର ୨୨ଟି ବ୍ଲକରେ ୧୨୨ଟି ସୁନାମୀ ସତର୍କତା ଘଣ୍ଟି କେନ୍ଦ୍ର (ୟାର୍ଲି ୱାର୍ନିଂ ସିଷ୍ଟମ) ସ୍ଥାପନ କରାଯାଇଛି । କେନ୍ଦ୍ରାପଡା ଜିଲାର ମହାକାଳପଡା ଓ ରାଜନଗର ବ୍ଲକରେ ମୋଟ ୨୦ଟି ସ୍ଥାନରେ ଏହି କେନ୍ଦ୍ର ସ୍ଥାପନ ହୋଇଛି । ରାଜନଗର ବ୍ଲକର ୧୧ ଓ ମହାକାଳପଡା ବ୍ଲକର ୯ଟି ସ୍ଥାନରେ ଏହି କେନ୍ଦ୍ର ରହିଛି । ଯୋଜନା ଅନୁଯାୟୀ, ପ୍ରାକୃତିକ ବିପର୍ଯ୍ୟୟର ଯଥେଷ୍ଟ ପୂର୍ବରୁ ଏହି କେନ୍ଦ୍ରରେ ସାଇରନ ବାଜିବ। ଫଳରେ ଗ୍ରାମବାସୀ ସତର୍କ ହେବାକୁ ସମୟ ପାଇବେ। ମାତ୍ର ମହାକାଳପଡା ବ୍ଲକର ବଡଗୁବି, ବରକୋଳିଖଲା, କଜଳପାତିଆ, ରତପଙ୍ଗା ଓ ନରସିଂହପୁର ବ୍ୟତୀତ ଅନ୍ୟ ସବୁସ୍ଥାନରେ ଏହି ଯୋଜନା ଫେଲ ମାରିଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାର ଏଲଏଣ୍ଡଟି ସାଇଟ ସୁପରଭାଇଜର କୁହନ୍ତି ଯେ, ରାଜନଗର ବ୍ଲକରେ ବିଦ୍ୟୁତ ବିଭ୍ରାଟ ସହ ଓସ୍‌ୱାନରୁ ନେଟୱର୍କ କାମ କରୁନାହିଁ। ତେବେ ମହାକାଳପଡା ଓ ରାଜନଗର ଅଞ୍ଚଳରେ ସ୍ଥାପିତ ସାଟେଲାଇଟ ଆଣ୍ଟିନା ଦ୍ୱାରା ମୋଟୋରୋଲା ରେଡିଓ ଭିଏଚଏଫ୍ ମାଧମରେ ଭଏସ କଲ କରିହେବ। ମାତ୍ର ଏଥିରେ ଜନ ସାଧାରଣ ଗୁରୁବାର ଓ ଶୁକ୍ରବାର କଥା ହୋଇ ନ ଥିବା ସେ ଦର୍ଶାଇଛନ୍ତି । ଜିଲାରେ ସ୍ଥାପିତ ୟାର୍ଲି ୱାର୍ନିଂ ସିଷ୍ଟମ ବାତ୍ୟା ସମୟରେ କାମରେ ଲାଗି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ରାଜକନିକା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

**ରାଜକନିକା,୫।୫(ଡି.ଏନ୍.ଏ)**

ରାଜକନିକା ବ୍ଲକରେ ସାମୁଦ୍ରିକ ଝଡ ଫନୀ ତାଣ୍ଡବ ସୃଷ୍ଟିକରିଛି। ପବନରେ ଏହିଅଞ୍ଚଳରେ ଶତାଧିକ ଚାଳ ଘରର ଛପର ଉଡିଯାଇଥିବା ବେଳେ ବହୁ କଚ୍ଚା ଘର ଭାଙ୍ଗିଯାଇ ମାଟିରେ ମିଶି ଯାଇଛି । ପ୍ରବଳ ଝଡବାତ୍ୟାରେ ଶହ ଶହ ଗଛ ଉପୁଡି ପଡି ରାସ୍ତାରେ ଶୋଇଛି। ଏହି ବ୍ଲକ ଅନ୍ତର୍ଗତ ପଣସଗଣ୍ଡ ପଞ୍ଚାୟତ ଦାମୋଦରପୁର ଗ୍ରାମର କାବୁଲି ମଲିକଙ୍କ କୋଠାଘର ଉପରେ ଶୁକ୍ରବାର ଅପରାହ୍ନରେ ଏକ ବିରାଟ ଚାକୁଣ୍ଡା ଓ ନଡିଆଗଛ ପଡିଯିବାରୁ ଘରର ବ୍ୟାପକ କ୍ଷତି ଘଟିଛି । ଏହି ଘରେ ଆଶ୍ରୟ ନେଇଥିବା ୩୦ଜଣ ବାହାରକୁ ଦୌଡି ପଳାଇ ଯିବାରୁ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେହିପରି ଚରପଡା ଗ୍ରାମର ସୁଧାକର ଯେନାଙ୍କ ଘର ଉପରେ ଏକ ବିରାଟ ଗଛ ପଡିଥିବା ବେଳେ କଣ୍ଡିଆ ବି.ପି ହାଇସ୍କୁଲରେ ଥିବା ଗଛଗୁଡିକ ଭାଙ୍ଗି ଛାରଖାର ହୋଇଯାଇଛି । ପଧାନପଡା ପଞ୍ଚାୟତର ବଡହଲୁପଡା ଗ୍ରାମର ଲକ୍ଷ୍ମଣ ମଲିକଙ୍କ ଗୁହାଳରେ କାନ୍ଥ ପଡିଯିବାରୁ ଗୋଟିଏ ବଳଦର ମୃତ୍ୟୁ ଘଟିଛି । ଝଡ ବାତ୍ୟା ଫନୀ ପ୍ରଭାବରେ ଏହି ପଞ୍ଚାୟତର ବାଲିସାହି, ବଡହଳପଡା, ସାନହଳପଡା, ପଧାନପଡା, ହାଟସାହି, ବଟରପଡା, କଇଥାପାଳ ଅଞ୍ଚଳରେ ହୋଇଥିବା ଶହ ଶହ ଏକର ଜମିର ଦାଳୁଅ ଧାନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ପାଚିଲା ଧାନ ଗୁଡିକ ଝଡିଯାଇ ମାଟିରେ ମିଶିଯାଇଛି। କ୍ଷତିଗ୍ରସ୍ତ ଚାଷୀ ଧାନବିଲରେ ମୁଣ୍ଡରେ ହାତ ଦେଇ ବସିଛି । ଆଗାମୀ ଦିନରେ କିପରି ପରିବାର ଚଳାଇବ ଏ ନେଇ ଚାଷୀ ମୁଣ୍ଡରେ ଚଡକ ପଡିଛି । ସେହିପରି ବହୁ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ଛିଡି ଯାଇଥିବା ବେଳେ ୨ ଦିନ ଧରି ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇପଡିଛି । ଗତକାଲି ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ଆଶ୍ରୟ ନେଇଥିବା ମହିଳା, ଶିଶୁ ଓ ବୃଦ୍ଧାବୃଦ୍ଧମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ମାନପୁର ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା ।

### ଫନୀ ତାଣ୍ଡବ ପରେ ସଫା ହେଉଛି ରାସ୍ତା

**ପାଟକୁରା,୫।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ ପାଟକୁରା ବ୍ଲକର ବିଭିନ୍ନ ସ୍ଥାନରେ ୨୦୦ କିଲୋମିଟରରୁ ଊର୍ଦ୍ଧ୍ୱ ବେଗରେ ପବନ ବହିଥିଲା। ଫଳରେ ବହୁ ବଡ ବଡ ଗଛ ଉପୁଡିବା ସହ ଭାଙ୍ଗି ଯିବାରୁ ରାସ୍ତା ଅବରୋଧ ହୋଇଯାଇଥିଲା। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟରୁ ତାର ଛିଣ୍ଡି ତଳେ ପଡିଯାଇଛି। ଏବେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଅବରୋଧ ରାସ୍ତାଗୁଡିକୁ ସଫା କରାଯିବା ସହ ବିଦ୍ୟୁତ୍ ଖୁଣ୍ଟଗୁଡିକୁ ମରାମତି ପାଇଁ ଉଦ୍ୟମ ଚାଲିଛି। ବାତ୍ୟାପରେ ଶୁକ୍ରବାର ରାତିରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଟେଲିଫୋନ ଓ ମୋବାଇଲ ଫୋନ୍ ସେବାଗୁଡିକ ବନ୍ଦ ହୋଇଯାଇଛି। ଜଗଦଳପୁର-ପାଟକୁରା ଗ୍ରାମ୍ୟ ରାସ୍ତାରେ ଓ ବେଡାରୀ-କଚେରି ଛକରେ ଗଛ ପଡିଯିବାରୁ ରାସ୍ତା ଅବରୋଧ ହୋଇଛି। ସେହିପରି ମାଣ୍ଡିଆକୁଦା ଗ୍ରାମରେ ଓ ମାର୍ଶାଘାଇସ୍ଥିତ ଜଳସେଚନ ବିଭାଗ କଲୋନୀରେ ବହୁ ବଡ ବଡ ଆମ୍ବ ଓ ଚାଖୁଣ୍ଡାଗଛଗୁଡିକ ଭାଙ୍ଗି ରାସ୍ତା ଅବରୋଧ ହେଇଥିଲା । ବାତ୍ୟା ପରେ ଗରଦପୁର ବିଡିଓ ଧରଣୀଧର ବେହେରା, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ ଓ ପାଟକୁରା ଥାନା ଅଧିକାରୀ ସୁଜିତ୍ ପ୍ରଧାନ ବିଭିନ୍ନ ଆଶ୍ରୟସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।



କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ଏନ୍‌ଡିଆରଏଫ୍ ଟିମ୍ ପକ୍ଷରୁ ରାସ୍ତାଘାଟ ସଫେଇ କରାଯାଉଛି।



କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ଗଛ ପଡି ଏକ ଗାଡି ଚୂର୍‌ମାର୍ ହୋଇଯାଇଛି।



ନଗରୀପଡା ଗ୍ରାମରେ ଫନୀ ପ୍ରଭାବରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ତଳେ ପଡିଯାଇଛି।

### ରାଜନଗର : ୨୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଭିଟାମାଟିକୁ ଫେରିଲେ

**ରାଜନଗର, ୫।୫ (ଡିଏନଏ)**

ଫନୀର ପ୍ରଭାବରେ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ୨୯ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦୁଇ ଦିନ ପୂର୍ବରୁ ଏହି ବ୍ଲକର ୨୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ରବିବାର ସକାଳୁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଥିବା ଲୋକେ ସେମାନଙ୍କ ଭିଟାମାଟିକୁ ଫେରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୫୨ଟି ଗ୍ରାମକୁ ୩ଦିନ ପାଇଁ ରିଲିଫ ଯୋଗାଣ ବ୍ୟବସ୍ଥା କରାଯାଇଛି। ଫନୀ ଦୀର୍ଘ ୫ଘଣ୍ଟା ଧରି ରାଜନଗରରେ ତାଣ୍ଡବ ରଚିଥିଲା।

### ବାତ୍ୟାରେ ୪ ଗୁରୁତର: ୨୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା

**ଆଳି,୫।୫(ଡି.ଏନ୍.ଏ.)**

'ଫନୀ' ବାତ୍ୟା ପ୍ରଭାବରେ ଆଳି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ବ୍ଲକରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଏଥିରେ ଆଳି ବ୍ଲକ ଅନ୍ତର୍ଗତ ଅରଗଳ ଗ୍ରାମର ଉମ୍ବରୁଧର ଦାସଙ୍କ ସ୍ତ୍ରୀ ଭାରତୀ ଦାସ(୬୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ବାଳକାଟୀ ପଞ୍ଚାୟତର ପ୍ରମୋଦ ବାରିକଙ୍କ ସ୍ତ୍ରୀ ପାଞ୍ଚାଳି ବାରିକ(୪୦) ଆହତ ହୋଇଛନ୍ତି। ଉପରେ ଗଛ ପଡିଯିବାରୁ ତାଙ୍କ ମୁଣ୍ଡ ଫାଟିଯିବା ସହ ଗୋଡ ଭାଙ୍ଗିଯାଇଛି। ସେହିପରି ଶାସନ ଗ୍ରାମର ସୁରେଶ ରାୟ ଓ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ନଡିଆ ବାହୁଙ୍ଗା ବାଜିବାରୁ ସେମାନେ ଆହତ ହୋଇଛନ୍ତି। ବଡାମ୍ବିଳା ପଞ୍ଚାୟତ ଅନ୍ତର୍ଗତ ଦଶିପୁର ଗ୍ରାମର ନିରା ତରେଇଙ୍କ ସ୍ତ୍ରୀ ମିନତି (୪୦) ଶୌଚ ହେବାକୁ ଯାଇଥିବା ବେଳେ ମୁଣ୍ଡ ଉପରେ ଗଛ ଭାଙ୍ଗି ପଡିବାରୁ ସେ ଗୁରୁତର ହୋଇଛନ୍ତି। ଏଥିରେ ବ୍ଲକର ୩୪ ପଞ୍ଚାୟତରେ ୨୦୦ରୁ ଊର୍ଦ୍ଧ୍ୱ ମାଟିଘର ଭାଙ୍ଗିଯାଇଛି। ସେହିପରି ଫନୀ ବାତ୍ୟାରେ ଏହି ଅଞ୍ଚଳର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଛି।

> ଆଇପିଏଲ ଦ୍ୱିତୀୟାର୍ଦ୍ଧରେ ଆମ ଦଳ ଭଲ ପ୍ରଦର୍ଶନ କରିଥିବାରୁ ଚଳିତ ସିଜନ୍ ଆମ ପାଇଁ ଖରାପ ବୋଲି ଅନୁଭବ ହେଉନାହିଁ।
> **-ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ**

> ମୁଁ ଛୋଟ ଥିବାବେଳେ ଅଷ୍ଟ୍ରେଲୀୟ ସ୍ପିନର ଶେନ ୱାର୍ନଙ୍କୁ ଅନୁସରଣ କରୁଥିଲି, କିନ୍ତୁ ବର୍ତ୍ତମାନ ଇମ୍ରାନ ତାହିରଙ୍କ ସହାୟତା ନେଉଛି।
> **-ରାହୁଲ ଚହର, ମୁମ୍ବାଇ ଇଣ୍ଡିଆନ୍ସ ରିଷ୍ଟ ସ୍ପିନର**

## ସଂକ୍ଷେପରେ

### ଜେଣ୍ଡର ନିୟମ କାର୍ଯ୍ୟକାରୀ ନ କରିବା ଲାଗି ଡାକ୍ତରଙ୍କୁ ନିର୍ଦ୍ଦେଶ

**ସିଡ୍‌ନୀ, ୫।୫ (ଏଏଫ୍‌ପି):** ମହିଳା ଆଥ୍‌ଲେଟ୍ସ ବିଭାଗୀକରଣ ନେଇ ଉଦ୍ଦିଷ୍ଟ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ (ଆଇଏଏଏଫ୍)ର ନୂଆ ଜେଣ୍ଡର ରୁଲ୍‌କୁ କାର୍ଯ୍ୟକାରୀ ନ କରିବା ଲାଗି ୱାର୍ଲ୍ଡ ମେଡିକାଲ ଆସୋସିଏଶନ ରବିବାର ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛି। ଏହି ନିୟମ କାର୍ଯ୍ୟକାରୀ କରାଗଲେ ଏଥିକାଲ କୋଡ୍ ଉଲ୍ଲଂଘନ ହେବ ବୋଲି କହିଛି। ଆଇଏଏଏଫ୍‌ର ଜେଣ୍ଡର ରୁଲ୍‌କୁ ଦକ୍ଷିଣ ଆଫ୍ରିକୀୟ ଆଥଲେଟ କାଷ୍ଟର ସିମେନ୍ୟା କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଚ୍ୟାଲେଞ୍ଜ କରିଥିଲେ। ଗତ ସପ୍ତାହରେ ସେ ତାଙ୍କର ଏହି ମାମଲାରେ କିନ୍ତୁ ହାରିଯାଇଥିଲେ। ଆଇଏଏଏଫ୍‌ର ଏହି ନିୟମ ମେ' ୮ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଫଳତଃ କେତୋଟି ଇଭେଣ୍ଟ ଲାଗି କିଛି ମହିଳା ଆଥଲେଟ୍‌ଙ୍କୁ ସେମାନଙ୍କ ଶରୀରରେ ଟେଷ୍ଟୋଷ୍ଟେରୋନ ଅବା ପୁରୁଷ ହର୍‌ମୋନ ମାତ୍ରାକୁ ଏକ ନିର୍ଦ୍ଦିଷ୍ଟ ସ୍ତର ମଧ୍ୟରେ ରଖିବାକୁ ହେବ। ଏଥିଲାଗି ସପ୍ରେସିଭ୍ ଟ୍ରିଟ୍‌ମେଣ୍ଟ ଆବଶ୍ୟକ। ତା' ନ ହେଲେ ସେମାନେ କୌଣସି ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ଆଇଏଏଏଫ୍‌ର ଯୁକ୍ତି ଥିଲା ଦୁଇଥର ଅଲିମ୍ପିକ ଚାମ୍ପିୟନ ସିମେନ୍ୟାଙ୍କ ଶରୀରରେ ପୁରୁଷ ହର୍‌ମୋନ ମାତ୍ରା ଅଧିକ ଥିବାରୁ ସେ ଅନ୍ୟମାନଙ୍କଠାରୁ ବେଶି ଫାଇଦାରେ ରହୁଛନ୍ତି। କିନ୍ତୁ ୱାର୍ଲ୍ଡ ମେଡିକାଲ ଆସୋସିଏଶନ ଚେୟାରମ୍ୟାନ ଫ୍ରାଙ୍କ୍ ଅଲ୍‌ରିଚ୍ ମଣ୍ଟଗୋମେରି ଅଷ୍ଟ୍ରେଲିଆନ ବ୍ରଡକାଷ୍ଟିଂ କର୍ପୋରେଶନକୁ ତାଙ୍କର ଏକ ସାକ୍ଷାତ୍‌କାର ଅବସରରେ ନିୟମକୁ କାର୍ଯ୍ୟକାରୀ ନ କରିବା ଲାଗି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଅନ୍ତର୍ଜାତୀୟ କ୍ରୀଡ଼ା ନିୟମାବଳୀ ଅନୁସାରେ ଯଦି ଆବଶ୍ୟକ ଚିକିତ୍ସା ଦ୍ୱାରା ଜଣେ ଆଥଲେଟଙ୍କୁ ବାଧ୍ୟତାମୂଳକ ତାଙ୍କ ଶରୀରର ହର୍‌ମୋନ ମାତ୍ରାକୁ ହ୍ରାସ କରିବାକୁ ପଡ଼େ, ତାହା ଅତ୍ୟନ୍ତ ଗୁରୁତର ବିଷୟ।

### ରିୟାନ ପରାଗଙ୍କ ଆଇପିଏଲ ରେକର୍ଡ

**ନୂଆଦିଲ୍ଲୀ,୫।୫:** ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ରିୟାନ ପରାଗ ଶନିବାର ସ୍ୱତନ୍ତ୍ର ଆଇପିଏଲ ରେକର୍ଡର ଅଧିକାରୀ ହୋଇଛନ୍ତି। ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଆଇପିଏଲ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ଲଗାଇଛନ୍ତି। ଏଥିସହ ସେ ଆଇପିଏଲରେ କନିଷ୍ଠ ଖେଳାଳି ଭାବେ ଅର୍ଦ୍ଧଶତକ ଲଗାଇବା ରେକର୍ଡର ଅଧିକାରୀ ହୋଇଛନ୍ତି। ୧୭ ବର୍ଷ ୧୭୫ ଦିନରେ ପରାଗ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ରୟାଲ୍ସ ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କ ନାମରେ ଥିଲା। ତାଙ୍କ ବୟସ ୧୮ ହୋଇଥିବାବେଳେ ଆଇପିଏଲରେ ପ୍ରଥମ ଅର୍ଦ୍ଧଶତକ ଲଗାଇଥିଲେ। ମ୍ୟାଚ୍‌ରେ ରୟାଲ୍ସ ଦଳ ସଂଘର୍ଷ କରୁଥିବାବେଳେ ପରାଗ ଧୈର୍ଯ୍ୟର ସହ ଖେଳିଥିଲେ। ଯାହାଫଳରେ ଦଳ ସମ୍ପୂର୍ଣ୍ଣ ୨୦ ଓଭର ଖେଳିବାକୁ ସମର୍ଥ ହୋଇଥିଲା। ଆସାମ ପାଇଁ ରଣଜୀ ଖେଳୁଥିବା ପରାଗ ଆଇପିଏଲରେ ୩୨ ଆଭରେଜରେ ୧୬୦ ରନ୍ କରିଛନ୍ତି।

# ବିଜୟ ସତ୍ତ୍ୱେ ପଞ୍ଜାବ ପ୍ଲେ-ଅଫ୍‌ରୁ ବଞ୍ଚିତ

**ଚଣ୍ଡିଗଡ଼, ୫।୫**

ଲୋକେଶ ରାହୁଲଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିଜୟ ସହ ଏହାର ଆଇପିଏଲ(ଇଣ୍ଡିଆନ ପ୍ରିମିୟର ଲିଗ୍) ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଚେନ୍ନାଇ ପକ୍ଷରୁ ଧାର୍ଯ୍ୟ ୧୭୧ ରନ ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୮ ଓଭରରେ ୪ ଉଇକେଟ ହରାଇ ଅତିକ୍ରମ କରିଛି। ତେବେ ଏହି ବିଜୟ ସତ୍ତ୍ୱେ ପଞ୍ଜାବ ପ୍ଲେ-ଅଫ୍ ପ୍ରବେଶରୁ ବଞ୍ଚିତ ହୋଇଛି। ଦଳ ୧୪ ମ୍ୟାଚ ଖେଳି ୬ ବିଜୟ ଓ ୮ ପରାଜୟ ସହ ୧୨ ପଏଣ୍ଟ ପାଇଛି। ଦଳର ନେଟ୍ ରନରେଟ୍ -୦.୨୫୧ ରହିଛି। ଅନ୍ୟପକ୍ଷରେ ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବା ଚେନ୍ନାଇ ୧୪ ମ୍ୟାଚରୁ ୯ ବିଜୟ ଓ ୫ ପରାଜୟ ସହ ୧୮ ପଏଣ୍ଟ ପାଇଛି।

ଲୋକେଶ ଓ ଗେଲ୍ ଓପନିଂ ଯୋଡ଼ିରେ ୬୩ ବଲ୍‌ରୁ ୧୦୮ ରନ ସଂଗ୍ରହ କରି ଦଳର ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଗେଲ୍‌ଙ୍କ ଆଗରେ ଏଠାରେ ବିସ୍ଫୋରକ ଇନିଂସ ଖେଳିଥିଲେ ଲୋକେଶ। ସେ ୩୬ ବଲ୍‌ରୁ ୭ ଚୌକା ଓ ୫ ଛକା ସହାୟତାରେ ୭୧ ରନ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଗେଲ୍ ୨୮ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ୨୮ ରନ କରିପାରିଥିଲେ। ହରଭଜନ ସିଂଙ୍କ କ୍ରମାଗତ ୨ଟି ବଲ୍‌ରେ ଦୁଇ ଓପନର ଆଉଟ ହେବାପରେ ନିକୋଲାସ ପୁରନ ଦଳର ଭାର ନିଜ ଉପରକୁ ନେଇଥିଲେ। ମୟଙ୍କ ଅଗ୍ରୱାଲ ୧୧ ରନରେ ଆଉଟ ହୋଇଥିଲେ ହେଁ ପୁରନ ୨୨ ବଲ୍‌ରୁ ୩୬(୨ ଚୌକା, ୩ ଛକା) ରନ ସଂଗ୍ରହ କରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ଶେଷରେ ମନଦୀପ ସିଂ ୧୧ ଓ ସାମ୍ କୁରାନ ୬ ରନରେ ଅପରାଜିତ ରହି ଔପଚାରିକତା ପୂରଣ କରିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ହରଭଜନ ୩ଟି ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।



ଲୋକେଶ ରାହୁଲ ।

### ସ୍କୋର ବୋର୍ଡ

**■ ଚେନ୍ନାଇ ସୁପର କିଙ୍ଗ୍ସ**
ଡୁପ୍ଲେସି-ବୋ-କୁରାନ-୯୬
ୱାଟସନ-ବୋ-କୁରାନ-୭
ରାଇନା-କ-ସାମି-ବୋ-କୁରାନ-୫୩
ଧୋନୀ-ନଟଆଉଟ-୧୦
ରାୟୁଡୁ-କ-ମନଦୀପ-ବୋ-ସାମି-୧
କେଦାର-ବୋ-ସାମି-୦
ବ୍ରାଭୋ-ନଟଆଉଟ-୧
ଅତିରିକ୍ତ-୨
ମୋଟ(୫ ଉଇକେଟ, ୨୦ ଓଭର) ୧୭୦।
ଉଇକେଟ ପତନ:୧/୩୦, ୨/୧୫୦, ୩/୧୬୩, ୪/୧୬୬, ୫/୧୬୭।
ବୋଲିଂ(କିଙ୍ଗ୍ସ ଇଲେଭେନ)
ହରପ୍ରୀତ ବ୍ରାର ୩-୦-୨୪-୦
ମହମ୍ମଦ ସାମି ୩-୦-୧୭-୨
ସାମ୍ କୁରାନ ୪-୦-୩୫-୩
ରବିଚନ୍ଦ୍ରନ ଅଶ୍ୱିନ ୪-୦-୨୩-୦
ଆଣ୍ଡ୍ରୁ ଟାଇ ୩-୦-୩୭-୦
ମୁରୁଗାନ ଅଶ୍ୱିନ ୩-୦-୩୩-୦

**■ କିଙ୍ଗ୍ସ ଇଲେଭେନ ପଞ୍ଜାବ**
ରାହୁଲ-କ-ତାହିର-ବୋ-ହରଭଜନ-୭୧
ଗେଲ୍-କ-ଶୋରେ-ବୋ-ହରଭଜନ-୨୮
ପୁରନ-କ-ଧୋନୀ-ବୋ-ଜାଡେଜା-୩୬
ମୟଙ୍କ-କ-ଜାଡେଜା-ବୋ-ହରଭଜନ-୭
ମନଦୀପ-ନଟଆଉଟ-୧୧
କୁରାନ-ନଟଆଉଟ-୬
ଅତିରିକ୍ତ-୧୪
ମୋଟ(୪ ଉଇକେଟ, ୧୮ ଓଭର) ୧୭୩।
ଉଇକେଟ ପତନ:୧/୧୦୮, ୨/୧୦୮, ୩/୧୧୮, ୪/୧୬୪।
ବୋଲିଂ(ସୁପର କିଙ୍ଗ୍ସ)
ଦୀପକ ଚହର ୪-୦-୨୮-୦
ହରଭଜନ ସିଂ ୪-୦-୫୭-୩
ଡ୍ୱେନ ବ୍ରାଭୋ ୪-୦-୨୭-୦
ଇମ୍ରାନ ତାହିର ୪-୦-୩୬-୦
ରବୀନ୍ଦ୍ର ଜାଡେଜା ୨-୦-୧୬-୧।

ଚେନ୍ନାଇର ଶେଷ ମ୍ୟାଚରେ ଦର୍ଶନୀୟ ଇନିଂସ ଖେଳିଥିଲେ ଫାଫ୍ ଡୁପ୍ଲେସି। ସେ ଚମତ୍କାର ବ୍ୟାଟିଂ କରି ଚେନ୍ନାଇକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ତେବେ ସେ ମାତ୍ର ୪ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ପଞ୍ଜାବ ବୋଲରମାନେ ଡେଥ୍ ଓଭରରେ ଟାଇଟ୍ ବୋଲିଂ କରିବାରୁ ଚେନ୍ନାଇ ଇନିଂସ ୨୦ ଓଭରରେ ୧୭୦/୫ରେ ସୀମିତ ରହିଥିଲା। ଡୁପ୍ଲେସି ୫୫ ବଲ୍‌ରୁ ୯୬ ଏବଂ ସୁରେଶ ରାଇନା ୩୮ ବଲ୍‌ରୁ ୫୩ ରନ କରିଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ଏ ଦୁହେଁ ୧୨୦ ରନର ଭାଗୀଦାରି ଗଢ଼ି ପ୍ରତିପକ୍ଷ ଦଳ ପାଇଁ ଚିନ୍ତାର କାରଣ ପାଲଟିଥିଲେ। ଡୁପ୍ଲେସି ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୪ ଛକା ମାରିଥିଲେ। ବିଶେଷକରି ପଞ୍ଜାବ ମିଡିୟମ ପେସର ଆଣ୍ଡ୍ରୁ ଟାଇ ଓ ମୁରୁଗାନ ଅଶ୍ୱିନଙ୍କୁ ସେ ଟାର୍ଗେଟ କରିଥିଲେ। ଫଳରେ ଟାଇ ୩ ଓଭରରେ ୩୭ ଓ ମୁରୁଗାନ ୩ ଓଭରରେ ୩୩ ରନ ବ୍ୟୟ କରିଥିଲେ। ଶତକର ନିକଟତର ହୋଇଥିଲେ ହେଁ ଡୁପ୍ଲେସି ୧୯ତମ ଓଭରରେ ସାମ୍ କୁରାନଙ୍କ ୟର୍କର ଆଗରେ ହାର ମାନି କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ଅନ୍ୟ ଏଣ୍ଡରେ ରାଇନା ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ରାଇନା ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୨ ଛକା ମାରିଥିଲେ। ସ୍କୋର ୧୫୦ରେ ପହଞ୍ଚିବାପରେ ୧୭ତମ ଓଭରର ୪ର୍ଥ ବଲ୍‌ରେ କୁରାନଙ୍କ ବଲ୍‌ରେ ରାଇନା ଆଉଟ ହୋଇଥିଲେ। ଶେଷଭାଗରେ କୁରାନ ଓ ମହମ୍ମଦ ସାମି ପ୍ରଭାବୀ ବୋଲିଂ କରି ଚେନ୍ନାଇ ରନ ହାରରେ ଅଙ୍କୁଶ ଲଗାଇଥିଲେ। କୁରାନ ୩୫ ରନରେ ୩ଟି ଏବଂ ସାମି ୧୭ ରନରେ ୨ଟି ଉଇକେଟ ନେଇଥିଲେ। ଅନ୍ତିମ ଓଭରରେ ଅମ୍ବାତି ରାୟୁଡୁ (୧୦) ଓ କେଦାର ଯାଦବ(୦)ଙ୍କୁ ସାମି ଆଉଟ କରିଥିଲେ।

## ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ
## ବିସିସିଆଇକୁ ଦାୟୀ କଲେ ତେନ୍ଦୁଲକର

**ନୂଆଦିଲ୍ଲୀ, ୫।୫(ପି.ଟି.)**

କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ଜଣେ ସଦସ୍ୟ ଏବଂ ମୁମ୍ବାଇ ଇଣ୍ଡିଆନ୍ସର ଜଣେ 'ଆଇକନ' ଭାବେ ତାଙ୍କ ଦ୍ୱୈତ ଭୂମିକାକୁ ନେଇ ଯେଉଁ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି, ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦାୟୀ ବୋଲି ସଚିନ ତେନ୍ଦୁଲକର କହିଛନ୍ତି। କ୍ରିକେଟ କିମ୍ବଦନ୍ତୀଙ୍କ ବିରୋଧରେ ଯେଉଁ ସ୍ୱାର୍ଥନିହିତ ଅଭିଯୋଗ ଆସିଛି, ତାହା 'ଟ୍ରାକ୍ଟେବଲ କାଟେଗୋରି' ପରିସରଭୁକ୍ତ ବୋଲି ବିସିସିଆଇ ପ୍ରକାଶ କରିବା ପରେ ତେନ୍ଦୁଲକର ଏ କଥା କହିଛନ୍ତି। ଅବଶ୍ୟ ବ୍ୟାଟିଂ ମାଷ୍ଟର ବିସିସିଆଇ ଏଥିକ୍ସ ଅଫିସର ଡି.କେ. ଜୈନଙ୍କ ନୋଟିସର ଜବାବ ଇତିମଧ୍ୟରେ ଦେଇସାରିଛନ୍ତି। ୧୩ ଦଫା ସମ୍ବଳିତ ତାଙ୍କ ଜବାବରେ ସେ କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ମୁଖ୍ୟ ବିନୋଦ ରାୟ ଏବଂ ସିଇଓ ରାହୁଲ ଜୋହରିଙ୍କୁ ତାଙ୍କ ପୋଜିଶନ ସମ୍ପର୍କରେ ସ୍ପଷ୍ଟ କରିବା ଲାଗି କହିଛନ୍ତି। ବିସିସିଆଇ ସମ୍ବିଧାନର ଧାରା ୩୮(୩)(କ) ଅନୁସାରେ ଟ୍ରାକ୍ଟେବଲ କନ୍‌ଫ୍ଲିକ୍ଟର ସମାଧାନ ସମ୍ଭବ ଅବା ଅନୁମତିଯୋଗ୍ୟ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ବିଷୟରେ ପ୍ରକାଶ କଲେ କ୍ଷମଣୀୟ। ଅମ୍ବୁଡ୍‌ସମ୍ୟାନ ତଥା ଏଥିକ୍ସ ଅଫିସର ଡି.କେ. ଜୈନ ସିଏସିର ୩ ଜଣ ଯାକ ସଦସ୍ୟ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଏବଂ ଭିଭିଏସ ଲକ୍ଷ୍ମଣଙ୍କ ନିକଟକୁ ନୋଟିସ ଜାରି କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସେମାନେ ସେମାନଙ୍କ ସତ୍ୟପାଠରେ କୌଣସି ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ନ ଥିବା ସଫେଇ ଦେଇଥିଲେ।

# ଶେଷ ମ୍ୟାଚ ଜିତି ଆର୍‌ସିବିର ବିଦାୟ

**ବେଙ୍ଗାଲୁରୁ, ୫।୫**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳ ଚଳିତ ଆଇପିଏଲରେ ବିଜୟ ସହ ଅଭିଯାନ ଶେଷ କରିଛି। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ତିମ ମ୍ୟାଚ୍‌ରେ ଆରସିବି ୪ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପରାଜୟ ଯୋଗୁ ଗତ ଥରର ରନର୍ସଅପ୍ ହାଇଦ୍ରାବାଦ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ୍ କରିଥିଲା। ଦଳ ପାଇଁ ଅଧିନାୟକ କେନ ୱିଲିୟମସନ ସର୍ବାଧିକ ୭୦, ମାର୍ଟିନ ଗୁପ୍‌ଟିଲ ୩୦ ଓ ବିଜୟ ଶଙ୍କର ୨୭ ରନ୍ କରିଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ୱାଶିଂଟନ ସୁନ୍ଦର ୩ ଓ ନବଦୀପ ସାଇନି ୨ ଉଇକେଟ ହାତେଇଥିଲେ। ଜବାବରେ ଆରସିବି ମାତ୍ର ୨୦ ରନ୍ ମଧ୍ୟରେ ପାର୍ଥିବ ପଟେଲ (୦), ବିରାଟ କୋହଲି (୧୬) ଓ ଏବି ଡି'ଭିଲିୟର୍ସ (୧)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ଶିମରନ ହେଟମେର୍ ଓ ଗୁରକିରତ୍ ସିଂ ମାନ୍ ୪ର୍ଥ ଉଇକେଟ ପାଇଁ ୧୪.୫ ଓଭରରେ ୧୨୪ ରନ୍ ଯୋଗ କରି ଦଳର ବିଜୟ ନିଶ୍ଚିତ କରି ଦେଇଥିଲେ। ହେଟମାଇର ୭୫ ଓ ଗୁରକିରଟ ୬୫ ରନ୍ କରି ପ୍ୟାଭିଲିଅନ ଫେରିବା ପରେ ଉମେଶ ଯାଦବ (୯) ଓ କଲିନ ଡେ'ଗ୍ରାଣ୍ଡହୋମ (୩) ଦଳକୁ ବିଜୟୀ କରାଇଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ଅହମ୍ମଦ ୩ ଓ ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ସନରାଇଜର୍ସ ହାଇଦ୍ରାବାଦ**- ୨୦ ଓଭର, ୧୭୫/୭ (କେନ ୱିଲିୟମସନ- ୭୦, ଗୁପଟିଲ -୩୦, ବିଜୟ ଶଙ୍କର- ୨୭, ୱାଶିଂଟନ ସୁନ୍ଦର- ୩/୨୪, ନବଦୀପ ସାଇନି-୨/୩୯)। **ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**- ୧୯.୨ ଓଭର, ୧୭୮/୬ (ସିମରନ ହେଟମେର- ୭୫, ଗୁରକିରଟ ସିଂ ମାନ- ୬୫, ଖଲିଲ ଅହମ୍ମଦ- ୩/୩୭, ଭୁବନେଶ୍ୱର କୁମାର- ୨/୨୪)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ | ୧୪ | ୯ | ୫ | ୧୮ | ୦.୧୩୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୯ | ୫ | ୧୮ | ୦.୦୪୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୧୬ | ୦.୩୨୧ |
| ସନ୍‌ରାଇଜର୍ସ | ୧୪ | ୬ | ୮ | ୧୨ | ୦.୫୭୭ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | ୦.୧୭୩ |
| କିଙ୍ଗ୍ସ ଇଲେଭେନ | ୧୪ | ୬ | ୮ | ୧୨ | -୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୧୪ | ୫ | ୮ | ୧୧ | -୦.୪୪୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୪ | ୫ | ୮ | ୧୧ | -୦.୬୦୭ |



ବିଜୟ ହାସଲ ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଖେଳାଳିମାନେ ।

**ଆଇସିସି ବିଶ୍ୱକପ୍ - ଆଉ ୨୩ ଦିନ**

# ସ୍ମିଥ୍, ୱାର୍ନରଙ୍କ ପ୍ରସ୍ତୁତି ଆରମ୍ଭ

**ବ୍ରିସ୍‌ବେନ୍,୫।୫(ଏଏଫ୍‌ପି)**

ବିଶ୍ୱକପ୍ ପୂର୍ବରୁ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଓ ଡେଭିଡ ୱାର୍ନର ଅଷ୍ଟ୍ରେଲିଆ ଦଳକୁ ଫେରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ କେପ୍ ଟାଉନ୍ ଟେଷ୍ଟରେ ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଗୋଟିଏ ବର୍ଷ ବାସନ୍ଦ ହେବାପରେ ଏହି ଦୁଇ ଖେଳାଳି ଏବେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ସପ୍ତାହରେ ଏହି ଦୁଇ ତାରକା ଖେଳାଳିଙ୍କୁ ଦଳର ବିଶ୍ୱକପ୍ ପ୍ରସ୍ତୁତି ଶିବିରକୁ ସ୍ୱାଗତ କରାଯାଇଥିଲା। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳି ଫେରିବା ପରେ ସ୍ମିଥ୍ ଓ ୱାର୍ନର ଅସୁସ୍ଥ ହୋଇ ପଡିଥିଲେ। ତେବେ ଗତ ରବିବାର ନେଟ୍ସରେ ଏମାନେ ଅଭ୍ୟାସ କରୁଥିବାର ଦେଖାଯାଇଥିଲା। ସୋମବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅଭ୍ୟାସ ମ୍ୟାଚ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସ୍ମିଥ୍ ଓ ୱାର୍ନର ଫିଟ୍ ହୋଇ ଏହି ଅଭ୍ୟାସ ମ୍ୟାଚ୍‌ରେ ଖେଳିବେ ବୋଲି ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ବିଶ୍ୱାସର ସହ କହିଛନ୍ତି। ଆଇପିଏଲ୍‌ରେ ଏହି ଦୁଇଜଣ ଦମ୍‌ଦାର ପ୍ରଦର୍ଶନ କରି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୱାର୍ନର ଆଇପିଏଲ୍‌ରେ ୧୨ଟି ଇନିଂସ ଖେଳି ସର୍ବାଧିକ ୬୯୨ ରନ ସଂଗ୍ରହ କରିଛନ୍ତି। କୋଚ୍ ଜଷ୍ଟିନ୍ ଲାଙ୍ଗର ମଧ୍ୟ ଏହି ଦୁଇ ଖେଳାଳିଙ୍କ ଉପରେ ଯଥେଷ୍ଟ ଭରସା କରିଛନ୍ତି। ସ୍ମିଥ୍ ଓ ୱାର୍ନର ଏବେ ଦଳକୁ ଫେରିଛନ୍ତି। ସେମାନଙ୍କୁ ମଧ୍ୟ ଚୟନ କରାଯାଇଛି। ବାସନ୍ଦ ପରେ ଏହି ଦୁଇ ଖେଳାଳି ଆଇପିଏଲରେ ଭଲ ପ୍ରଦର୍ଶନ କରିବା ସବୁଠାରୁ ବଡ଼ କଥା ବୋଲି ଲାଙ୍ଗର କହିଛନ୍ତି। ଇଂଲଣ୍ଡର ଜନୀ ବେୟାରଷ୍ଟୋଙ୍କ ସହ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଓପନିଂ କରି ୱାର୍ନର ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହି ଦୁଇ ଖେଳାଳି ସୁପରଷ୍ଟାର ହିସାବରେ ପରିଗଣିତ ହେଉଛନ୍ତି। ଏମାନଙ୍କ ପ୍ରତ୍ୟାବର୍ତ୍ତନରେ ଅଷ୍ଟ୍ରେଲିଆ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଲାଙ୍ଗର କହିଛନ୍ତି। ଏହି ଦୁଇ ଖେଳାଳି ଅଷ୍ଟ୍ରେଲିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ନେଇ କୌଣସି ସନ୍ଦେହ ନାହିଁ। ଅଷ୍ଟ୍ରେଲିଆ ବିଶ୍ୱକପ୍‌ର ଗତ ସଂସ୍କରଣରେ ଟାଇଟଲ ଜିତିଥିଲା। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ମାସେ ଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୩ଟି ଅଭ୍ୟାସ ମ୍ୟାଚ୍ ଖେଳିବ। ଏହା ବିଶ୍ୱକପ୍ ପ୍ରସ୍ତୁତିରେ ବେଶ୍ ସହାୟକ ହେବ। ବିଶ୍ୱକପ୍‌ରେ ସ୍ମିଥ୍ ଓ ୱାର୍ନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ଭାରତ ଓ ପାକିସ୍ତାନ ବିପକ୍ଷରେ କ୍ରମାଗତ ୮ଟି ଦିନିକିଆ ମ୍ୟାଚ୍‌ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ଏବେ ଜବରଦସ୍ତ ଫର୍ମରେ ରହିଛି। ଓପନିଂ ଯୋଡି ଆରୋନ ଫିଞ୍ଚ ଓ ଉସ୍‌ମାନ ଖ୍ୱାଜା ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ତେବେ ୱାର୍ନର ଦଳରେ ସାମିଲ ହେବା ପରେ କୋଚ୍ ଲାଙ୍ଗର ଓପିନଂ ଯୋଡିରେ ଅଦଳବଦଳ କରିବା ନେଇ ଦ୍ୱିଧାରେ ରହିବେ। ୱାର୍ନରଙ୍କୁ ଓପିନିଂ କରିବାକୁ ସୁଯୋଗ ଦେଲେ ଫିଞ୍ଚ ଓ ଖ୍ୱାଜାଙ୍କ ମଧ୍ୟରୁ ଜଣକୁ ନିମ୍ନକ୍ରମରେ ବ୍ୟାଟିଂ କରିବାକୁ ହେବ। ପାରମ୍ପରିକ ଭାବେ ୱାର୍ନର ଓପନିଂ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଲାଙ୍ଗର ତାଙ୍କୁ ଅଗ୍ରାଧିକାର ଦେବେ ବୋଲି ଆଶା କରାଯାଉଛି।

ଡେଭିଡ୍ ୱାର୍ନର | ଷ୍ଟିଭ୍ ସ୍ମିଥ୍



# ଜାତୀୟ ଜୁନିୟର ମହିଳା ହକି କ୍ୟାମ୍ପ୍ ଆଜିଠାରୁ

**ନୂଆଦିଲ୍ଲୀ, ୫।୫(ପି.ଟି.)**

ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରଠାରେ ସୋମବାରଠାରୁ ଜାତୀୟ ଜୁନିୟର ମହିଳା ହକି କ୍ୟାମ୍ପ୍ ଆରମ୍ଭ ହେବ। ଏଥିଲାଗି ରବିବାର ହକି ଇଣ୍ଡିଆ ପକ୍ଷରୁ ଏହି କ୍ୟାମ୍ପ୍ ପାଇଁ ୩୩ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ତିନି ସପ୍ତାହବ୍ୟାପୀ ହେବାକୁ ଥିବା ଏହି କ୍ୟାମ୍ପ୍ ମେ ୨୪ରେ ଶେଷ ହେବ। ସମସ୍ତ ଖେଳାଳି କୋଚ୍ ବଲ୍‌ଜିତ୍ ସିଂ ସାଇନିଙ୍କ ନିକଟରେ ରିପୋର୍ଟିଂ କରିବା ପାଇଁ କୁହାଯାଇଛି। ଭାରତୀୟ ଦଳ ମେ ୨୫ରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଆୟର୍ଲାଣ୍ଡରେ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଏଥିଲାଗି ଏହି କ୍ୟାମ୍ପ୍‌ରୁ ଭାରତୀୟ ଦଳ ପାଇଁ ୧୮ ଜଣିଆ ଖେଳାଳି ମନୋନୀତ କରାଯିବ। ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଆୟୋଜକ ଆୟର୍ଲାଣ୍ଡ ଓ ଭାରତ ବ୍ୟତୀତ ସ୍କଟ୍‌ଲାଣ୍ଡ, କାନାଡା ଅଂଶଗ୍ରହଣ କରିବେ।

### କ୍ୟାମ୍ପ୍ ଲାଗି ମନୋନୀତ ଖେଳାଳି

ରଶନପ୍ରୀତ୍ କୌର, ବିଚୁ ଦେବୀ ଖରିବାମ୍, ଖୁସ୍‌ବୁ (ସମସ୍ତେ ଗୋଲକିପର), ପ୍ରିୟଙ୍କା, ସିମରନ ସିଂ, ମାରିନା ଲାଲରମନଘାକି, ଗଗନଦୀପ୍ କୌର, ଇଶିକା ଚୌଧୁରୀ, ଜ୍ୟୋତି କାଲସି, ସୁମିତା, ଏକତା ଧେକାଲେ, ଉଷା, ପରନିତ୍ କୌର (ସମସ୍ତେ ଡିଫେଣ୍ଡର୍ସ), ବଲ୍‌ଜିତ୍ କୌର, ମାରିଆନା କୁଜୁର, ଚେତନା, ପ୍ରଭଲିନ କୌର, ପ୍ରୀତି, ଅଜମିନା କୁଜୁର, ବୈଷ୍ଣବୀ ଫାଲକେ, ରୀତା, ବଲ୍‌ଜିନ୍ଦର କୌର, ସୁଷମା କୁମାରୀ (ମିଡ୍‌ଫିଲ୍ଡର), ମମତାଜ୍ ଖାନ୍, ବିଉଟି ଡୁଙ୍ଗ୍‌ଡୁଙ୍ଗ୍, ଶର୍ମିଳା ଦେବୀ, ଦୀପିକା, ଲାଲରିଣ୍ଡିଙ୍କି, ଜିଓ୍ୱନ କିଶୋରୀ ଟପ୍ପୋ, ରୁତୁଜା ପିସଲ, ସଙ୍ଗୀତା କୁମାରୀ, ଯୋଗିତା ବୋରା ଓ ଅନୁ (ସମସ୍ତେ ଫର୍‌ୱାର୍ଡ)।

## ଫେଲିକ୍ସ ଷ୍ଟାମ ଆନ୍ତର୍ଜାତିକ ବକ୍ସିଂ
## ସୋଲାଙ୍କି, କୌଶିକଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ,୫।୫(ପି.ଟି.)**

ପୋଲାଣ୍ଡର ୱାରସରେ ଚାଲିଥିବା ୩୬ତମ ଫେଲିକ୍ସ ଷ୍ଟାମ ଆନ୍ତର୍ଜାତିକ ବକ୍ସିଂ ଟୁର୍ନାମେଣ୍ଟରେ ଭାରତର ଗୌରବ ସୋଲାଙ୍କି ଓ ମନିସ କୌଶିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଦୁଇ ସ୍ୱର୍ଣ୍ଣପଦକ ସହ ଭାରତୀୟ ବକ୍ସରମାନେ ମୋଟ ୬ଟି ପଦକ ହାସଲ କରି ଅଭିଯାନ ଶେଷ କରିଛନ୍ତି। ଭାରତୀୟ ବକ୍ସରମାନେ ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୨୨ ବର୍ଷୀୟ ସୋଲାଙ୍କି ୫୨ କେ.ଜି. ବର୍ଗରେ ଇଂଲଣ୍ଡର ୱିଲିୟମ କଲିଙ୍କୁ ୫-୦ରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ କେମେଷ୍ଟ୍ରୀ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୨୩ ବର୍ଷୀୟ କୌଶିକ୍ ୬୦ କେ.ଜି. ବର୍ଗ ପ୍ରତିଯୋଗିତାରେ ମରୋକ୍କୋର ମହମ୍ମଦ ହାମ୍‌ଆଉଟଙ୍କୁ ୪-୧ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି। ଗତବର୍ଷ କୌଶିକ୍ ଇଣ୍ଡିଆ ଓପନ୍ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଅନ୍ୟତମ ଭାରତୀୟ ବକ୍ସର ମହମ୍ମଦ ହୁସାମୁଦ୍ଦିନ ୫୬ କେ.ଜି. ଫାଇନାଲରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ରୁଷିଆର ମୁଖାମ୍ମଦ ଶେଖୋଭଙ୍କଠାରୁ ୪-୧ରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ମେ ୬ /୨୦୧୯ Dhenkanal, Monday, May 6 / 2019

# ନିମାପଡ଼ାରେ ୬ଜଣଙ୍କ ମୃତ୍ୟୁ

ନିମାପଡ଼ା,୫।୫(ଡି.ଏନ୍.ଏ.)– ସମଗ୍ର ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ବାତ୍ୟା ଫନୀର ବିଭୀଷିକା ଦେଖାଦେଇଛି। ବାତ୍ୟାର ପ୍ରଭାବରେ ନିମାପଡ଼ା ବ୍ଲକର ୬ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଏହି ବ୍ଲକ ଅନ୍ତର୍ଗତ ହଂସପଡ଼ା କେନ୍ଦୁବାରୀ ସାହିର ବେଣୁଧର ଖୁଣ୍ଟିଆ, ବାମନାଳ ସାଦେରିଆ ଗ୍ରାମର ରଶ୍ମିତା ସ୍ୱାଇଁ, ଉତ୍ତୁପଦା ବଡ଼ନିନିଗା ଗ୍ରାମର ଲକ୍ଷ୍ମୀଧର ପାଣି, ହରିପୁର ଗ୍ରାମର ସୌମ୍ୟରଞ୍ଜନ ବେହେରା, ଗଡ଼ପଦନପୁର ଗ୍ରାମର ପରମାନନ୍ଦ ବେହେରା ଓ ଉଚ୍ଛୁପୁର ଗ୍ରାମର ଅମଜାନ ଖାନ। ଏହାସହ କାନ୍ଥ ଓ ଗଛ ପଡ଼ି ଜାଗେଶ୍ୱରପୁର ଗ୍ରାମର ଭରତଚନ୍ଦ୍ର ସ୍ୱାଇଁ, ଅମୁଣିଆପାଟଣା ଗ୍ରାମର ସୁବାଷିନୀ ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ବାତ୍ୟା ଯୋଗୁ ସମଗ୍ର ଅଞ୍ଚଳରେ ରହିଥିବା ମାଟି କଚ୍ଚାଘର, ଆଜବେଷ୍ଟସ ଗୃହଗୁଡ଼ିକ ଭାଙ୍ଗିରୁଜି ଧରାଶାୟୀ ହୋଇପଡ଼ିଛି। ସେହିପରି ରାସ୍ତାରେ ଥିବା ବିରାଟକାୟ ଗଛଗୁଡ଼ିକ ଉପୁଡ଼ି ପଡ଼ି ରାସ୍ତାରେ ପଡ଼ିଯାଇଥିବାରୁ ନିମାପଡ଼ା–ପିପିଲି, କାକଟପୁର,ବଳଙ୍ଗା, ବାମନାଳ, ଚାରିଛକ–ଗୋପ ଆଦି ମୁଖ୍ୟରାସ୍ତା ଅବରୋଧ ହୋଇପଡ଼ିଛି। ଫଳରେ ସେହି ରାସ୍ତାରେ ଯାନବାହନ ଚଳାଚଳ, ସାଧାରଣ ଯାତାୟାତ ବନ୍ଦ ହୋଇପଡ଼ିଥିଲା। ଶନିବାର ଅଗ୍ନିସେବା ସଂସ୍ଥା ପକ୍ଷରୁ ଗଛ କଟାଯାଇ ରାସ୍ତା ପରିଷ୍କାର କରାଯାଇଥିବାରୁ ରବିବାର ଯାତାୟାତରେ ସ୍ୱାଭାବିକ ହୋଇଛି। ସେହିଭଳି ଅଞ୍ଚଳରେ ଥିବା କେତେକ ବିଦ୍ୟୁତ୍ ଖୁଣ୍ଟ, ଟେଲିଫୋନ ଟାୱାରଗୁଡ଼ିକ ଭାଙ୍ଗିରୁଜି ଯାଇଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ୍, ପାଣି ଓ ଟେଲି ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସରକାର ପକ୍ଷରୁ କେତେକ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ ଯୋଗାଇ ଦେବାର ବ୍ୟବସ୍ଥା ଚାଲୁରହିଛି। ବାତ୍ୟାରେ ବହୁ ଚାଷୀଙ୍କର ଧାନ, ବିରି, ମୁଗ ଆଦି ରବି ଫସଲ ଉଜୁଡ଼ି ଯାଇଥିବା ବେଳେ ଅଧିକାଂଶ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସବୁ କ୍ଷତିଗ୍ରସ୍ତ ହୋଇଛି। ଗୋଟିଏ ପଟେ ବାତ୍ୟା ଫନୀ ଅଞ୍ଚଳରେ ପ୍ରଳୟ ରଚିଯାଇଥିବାବେଳେ ଅପରପକ୍ଷେ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ କରୁଥିବା ଖାଉଟୀ ସାମଗ୍ରୀଗୁଡ଼ିକର ଦର ଅହେତୁକ ଭାବେ ବଢ଼ି ଚାଲିଛି।






# ରିଲିଫ୍ ନ ପାଇ ଲୋକେ ତାତିଲେ

ପୁରୀ ଅଫିସ, ୫।୫

ବାତ୍ୟା 'ଫନୀ' ପ୍ରଭାବରେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ଛାରଖାର ହୋଇଯାଇଛି। ଇତିମଧ୍ୟରେ ୩ଦିନ ବିତିଲାଣି, ମାତ୍ର ବର୍ତ୍ତମାନ ସୁଦ୍ଧା ବିପନ୍ନଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚିନାହିଁ। ଏଥିଯୋଗୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରିଲିଫ, ପାନୀୟଜଳ ଆଦି ଦାବି ନେଇ ରବିବାର ବିଭିନ୍ନ ସ୍ଥାନରେ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ସକାଳ ୭ଟାରେ ପେଣ୍ଟକଟା ଛକରେ ସ୍ଥାନୀୟ ଅଞ୍ଚଳବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପେଣ୍ଟକଟା ଛକଠାରୁ ଚକ୍ରତୀର୍ଥ ରୋଡ଼ର ସୁଭାଷ ବୋଷ ଛକ ପର୍ଯ୍ୟନ୍ତ

- ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତାରୋକୋ
- ଅଟକିଲା ୫ହଜାରରୁ ଊର୍ଦ୍ଧ୍ୱ ଯାନ
- ରାସ୍ତା ପାର ଉଦ୍ୟମବେଳେ ଯାତ୍ରୀଙ୍କୁ ମାଡ଼

ବିଭିନ୍ନ ସ୍ଥାନରେ ରାସ୍ତାରୋକା କରାଯାଇଥିଲା। ପରେ ଗୋପୀନାଥପୁର ବାସିନ୍ଦା ଅଠରନଳା ଏବଂ ଚାରିନଳା ବାସିନ୍ଦା ଚାରିନଳା ଛକଠାରେ ରାସ୍ତା ଅବରୋଧ କରିଥିଲେ। ଅପରାହ୍ନରେ ବୀର ହରେକୃଷ୍ଣପୁର ଓ ବାଟଗାଁ ଗ୍ରାମବାସୀ ବାଟଗାଁ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପଟେ ୫ହଜାରରୁ ଊର୍ଦ୍ଧ୍ୱ ଯାନବାହନ ଅଟକି ରହିଥିଲା। ୫ଘଣ୍ଟା ଧରି ପର୍ଯ୍ୟଟକମାନେ ହଇରାଣ ହୋଇଥିଲେ। ପଶ୍ଚିମବଙ୍ଗରୁ ଆସିଥିବା ୬୦ଜଣ ପର୍ଯ୍ୟଟକ ଅଟକି ରହିଥିଲେ। ଏ ନେଇ ବର୍ଦ୍ଧମାନର ସୁନିତା ବାନାର୍ଜୀ କହିଥିଲେ, ରାତି ୮ଟାରେ ଭୁବନେଶ୍ୱର ରେଲୱେ





ବୀରହରେକୃଷ୍ଣପୁର ଛକଠାରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି (ଉପର) । ଅଟକି ରହିଥିବା ଯାତ୍ରୀ ଓ ପର୍ଯ୍ୟଟକମାନେ ।

ଷ୍ଟେଶନରୁ କୋଲକାତା ଅଭିମୁଖେ ଯାତ୍ରା କରିବାର ଥିଲା। ବହୁ ଅନୁରୋଧ ସତ୍ତ୍ୱେ ଆନ୍ଦୋଳନକାରୀ ଛାଡ଼ିଲେ ନାହିଁ। ପୋଲିସ ଉପସ୍ଥିତ ଥାଇ ମଧ୍ୟ ସହଯୋଗ କରି ନ ଥିଲେ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ। ସେହିପରି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାରିନଳା, ବୀର ହରେକୃଷ୍ଣପୁର ଛକ ନିକଟରେ ସ୍ଥାନୀୟ ବାସିନ୍ଦା ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ବାଟଗାଁ ଓ ହରେକୃଷ୍ଣପୁର ଛକ ମଧ୍ୟରେ ୫ଶହରୁ ଊର୍ଦ୍ଧ୍ୱ ଯାତ୍ରୀ ଅଟକି ରହିଥିଲେ। କେତେକ ଯାତ୍ରୀ ଜବରଦସ୍ତ ରାସ୍ତା ପାର ହେବାକୁ ଉଦ୍ୟମ କରିବାବେଳେ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି। ଅନ୍ୟପଟେ ଶତାଧିକ ବାଇକ ଆରୋହୀ ବୀରହରେକୃଷ୍ଣପୁର ନିକଟ ରେଲୱେ ଲାଇନ ପାର୍ଶ୍ୱରେ ୨କିମି ପର୍ଯ୍ୟନ୍ତ ବାଇକ ଗଡ଼ାଇ ମାଳତିପାଟପୁର ଓଭରବ୍ରିଜ ଦେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

# ରେଡ୍‌କ୍ରସର ରିଲିଫ୍ ପ୍ରସ୍ତୁତିକୁ ତଦାରଖ କଲେ ରାଜ୍ୟପାଳ

ଭୁବନେଶ୍ୱର,୫।୫(ବ୍ୟୁରୋ)–

ବାତ୍ୟା 'ଫନୀ'ର ମୁକାବିଲା ପାଇଁ ଓଡ଼ିଶା ରେଡ୍‌କ୍ରସ ରାଜ୍ୟ ଶାଖା ତରଫରୁ ଚାଲିଛି ଜୋରଦାର ରିଲିଫ୍ ପ୍ରସ୍ତୁତି କାର୍ଯ୍ୟ। ରାଜ୍ୟ ଶାଖା ସଚିବ ମେଜର ଡ. କଳ୍ପନା ଦାସଙ୍କ ନେତୃତ୍ୱରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସରକାରୀ ଶିଳ୍ପ ଓ ତାଲିମ ଅନୁଷ୍ଠାନ, ଚନ୍ଦକା ମହାବିଦ୍ୟାଳୟ ଏବଂ କଟକ ମହାବିଦ୍ୟାଳୟର ପ୍ରାୟ ୧୦୦ଜଣ ରେଡ୍‌କ୍ରସ ସ୍ୱେଚ୍ଛାସେବୀ, ଆଜୀବନ ସଦସ୍ୟ ଯୋଗଦେଇ ରେଡ୍‌କ୍ରସ ଭବନ ପରିସରରେ ରିଲିଫ୍ ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯେକୌଣସି ସମୟରେ ରିଲିଫ୍ ବଣ୍ଟନରେ ଯିବାକୁ ପ୍ରସ୍ତୁତ ରହିଛନ୍ତି। ରେଡ୍‌କ୍ରସର ରାଜ୍ୟ ସଭାପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରିଲିଫ୍ ସାମଗ୍ରୀ ତଦାରଖ କରିଛନ୍ତି। ଏଥିସହିତ ଜିଲା ପ୍ରଶାସନ, ସ୍ଥାନୀୟ ପୋଲିସ, ଲୋକସମ୍ପର୍କ ଅଧିକାରୀଙ୍କ ସମନ୍ୱୟରେ ରିଲିଫ୍ ପ୍ରଦାନ କରିବାକୁ ରେଡ୍‌କ୍ରସ ସଚିବଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଛୋଟ ପିଲାମାନଙ୍କୁ କିପରି ତୁରନ୍ତ ଶିଶୁ ଖାଦ୍ୟ ପ୍ରଦାନ କରାଯାଇପାରିବ, ସେ ବିଷୟରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ପୁରୀ, କୋଣାର୍କ, କଣାସ, ପିପିଲି, ସାତପଡ଼ା, ଭୁବନେଶ୍ୱର ଓ କଟକ ଆଦି ସ୍ଥାନରେ ଥିବା ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ଚୁଡ଼ା, ବିସ୍କୁଟ, ମହମବତି, ଦିଆସିଲି, ଗୁଡ଼ ସହ ପାଲ, ରୋଷେଇ ଉପକରଣ, ଶାଢ଼ି, ଲୁଙ୍ଗି, ଟାୱେଲ, କମ୍ବଳ ଆଦି ବିତରଣ କରାଯାଇଛି। ବିଶୁଦ୍ଧ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯାଉଛି। ବାତ୍ୟା ଯୋଗୁ ଉପୁଜିଥିବା ପରିସ୍ଥିତିର ମୁକାବିଲା କରିବା ପାଇଁ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନଙ୍କର ଏକ ଜରୁରିକାଳୀନ ସହାୟକ ଦଳ ମଧ୍ୟ ସଜାଗ ରହିଛି। ତତ୍‌ସହିତ ୨ ଜରୁରିକାଳୀନ



ରେଡକ୍ରସ ଭବନ ପରିସରରେ ରିଲିଫ ପ୍ରସ୍ତୁତିକୁ ରାଜ୍ୟପାଳ ତଦାରଖ କରୁଛନ୍ତି


ସ୍ୱାସ୍ଥ୍ୟ ରକ୍ଷାକାରୀ ଦଳର ତତ୍ତ୍ୱାବଧାନରେ ସମସ୍ତ ୧୭ ଜିଲାରେ ସାମାଜିକ ବିପତ୍ତିକାଳୀନ ମୁକାବିଲାକାରୀ ସହାୟତା ଦଳ ଓ ପ୍ରାଥମିକ ଚିକିତ୍ସକ ଦଳ ମୁତୟନ ରହିଛନ୍ତି। ରାତିରେ କଟକ ଏବଂ ଭୁବନେଶ୍ୱର ସହରର ବିଭିନ୍ନ ବସ୍ତି ଅଞ୍ଚଳ ଓ ଆଶ୍ରୟସ୍ଥଳୀରେ ୧୦୦୦ରୁ ଅଧିକ ଲୋକଙ୍କୁ ରେଡ୍‌କ୍ରସ ତରଫରୁ ରନ୍ଧା ଖାଦ୍ୟ ବିତରଣ କରାଯାଇଛି। ଅନ୍ୟାନ୍ୟ ଜିଲାରେ ଥିବା ରେଡ୍‌କ୍ରସ ଶାଖା ତରଫରୁ ମଧ୍ୟ ବିଭିନ୍ନ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଦିଆଯାଇଛି। ବାତ୍ୟାରେ ୧୦୦ରୁ ଅଧିକ ଆହତ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ସେବା ପ୍ରଦାନ କରାଯାଇଛି। ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଉପକୂଳ ଜିଲାଗୁଡ଼ିକରେ ବାତ୍ୟା ପରର ସ୍ଥିତି ସଜାଡ଼ିବାକୁ ସଫେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

# ରିଲିଫ୍ ବିଳମ୍ବକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

ବାଲିଅନ୍ତା, ୫।୫(ଡି.ଏନ୍.ଏ.)–

**ବାଲିଅନ୍ତା ବ୍ଲକର ୧୬ ପଞ୍ଚାୟତ କ୍ଷତିଗ୍ରସ୍ତ**

ବାତ୍ୟା ଫନୀର ପ୍ରକୋପ ଯୋଗୁ ବାଲିଅନ୍ତା ବ୍ଲକର ୧୬ଟି ପଞ୍ଚାୟତ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଛି। ଗ୍ରାମରେ ଥିବା କଚ୍ଚାଘର, ଆଜବେଷ୍ଟସ, ଚାଳ ଛପର ଭାଙ୍ଗି ଯାଇଥିବା ବେଳେ ହଜାରରୁ ଊର୍ଦ୍ଧ୍ୱ ଗଛ ସବୁ ଉପୁଡି ଯାଇଥିଲା। ଏହାସହ ଚାଷଜମିଗୁଡିକ ଜଳମଗ୍ନ ହୋଇପଡ଼ିଛି। କ୍ଷତିଗ୍ରସ୍ତ ଲୋକେ ରିଲିଫ ପାଇଁ ଚାହିଁ ବସିଥିବା ବେଳେ ରିଲିଫ ମିଳିବାରେ ବିଳମ୍ବ ହେବାରୁ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ସେମାନଙ୍କ ରୋଷର ଶିକାର ହୋଇଛନ୍ତି। ରିଲିଫ ପ୍ରଦାନ ପାଇଁ ଉତ୍ତ୍ୟକ୍ତ ଲୋକେ ଶନିବାର ରାତିରେ ଭିଙ୍ଗାରପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରିବା ସହ ସରପଞ୍ଚଙ୍କ ସ୍ୱାମୀଙ୍କୁ ଅଟକ ରଖିଥିଲେ। ଖବରପାଇ ବାଲିଅନ୍ତା ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ବଇଁଚୁଆ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ସାହୁ କହୁନ୍ତି, କେତେକ ସ୍ଥାନରେ ଲୋକେ ରିଲିଫ ନ ପାଇ ସରପଞ୍ଚଙ୍କୁ ଗାଳି କରୁଛନ୍ତି। ଏଣୁ ପ୍ରଶାସନ ପାଣି, ରିଲିଫ ଓ ଜରି ତୁରନ୍ତ ଯୋଗାଇବା ଦରକାର ବୋଲି କହିଥିଲେ। ବ୍ଲକର ଭାରପ୍ରାପ୍ତ ବିଡିଓ ରଶ୍ମିରେଖା ପ୍ରଧାନ କୁହନ୍ତି, ବାତ୍ୟା ପୂର୍ବରୁ ୧୨ହଜାର ଲୋକଙ୍କୁ ବିଭିନ୍ନ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେମାନଙ୍କୁ ୩ଦିନ ଧରି ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଅନ୍ୟପକ୍ଷେ ରବିବାର ବିହାରରୁ ଆସିଥିବା ଏନଡିଆରଏଫର ଏକ ଟିମ ପହଞ୍ଚି ରାସ୍ତାରେ ପଡିଥିବା ବହୁ ଗଛକୁ କାଟି ସଫା କରିଥିଲେ।


Disclaimer: • Images used are for illustration purposes only. • Accessories shown in the pictures are not a part of the standard product and may vary from variant to variant. • Fuel efficiency as certified by Testing Agency under rule 115 of CMVR, 1989. • Finance at sole discretion of the finance company. • Paytm Benefits as per Paytm offer(s). • Offers are from Suzuki Motorcycle Authorized dealer(s).• This Scheme is on selected and Limited Stock and valid upto 31st May 2019. • Offer available on selected models. Ride safe. Wear a helmet.

For further information call Suzuki Motorcycle India Private Limited (toll-free): 1800 - 121 - 7996 (09:00AM To 06:00PM) or write to us at: customer.queries@suzukimotorcycle.in, Visit website: www.suzukimotorcycle.co.in for *T&C and more.

**Orissa: Bhubaneswar: Jyote Suzuki Patia,** Ph: 8338033885, **Super Sales Bapuji Nagar,** Ph: 7873978600, 0674-2597491, 2597823, **Cuttack: Shree Mahaveer Suzuki,** Ph: 0671-2367441, 7440036300, 7440036303, **Jajpur Road: Om Sai Suzuki,** Ph: 8598899002, 8598899001, **Berhampur: Berhampur Suzuki,** Ph: 9437558282, 9040023499, 0680-2226633, 7873942227, **Bhawanipatna: Aditya Suzuki,** Ph: 9437092325, 06670-234475, **Rourkela: Sinha Suzuki, Panposh Road, Rourkela,** Ph: 7077704214, 9090246046, **Jeypore: Surya Suzuki, beside IDBI BANK,** Ph: 7873656466, 8763811186, **Baripada: Seba Motors, Chhamch (Near Income Tax Office) Baripada,** Ph: 8249440465, **Keonjhar: Sai Kritika Suzuki, Madhupur Square, NH 49, Keonjhar,** Ph: 9437056114, 8249660711, **Bhadrak: Toshali Suzuki, Bonch Chowk, Near Bus Stand, Bhadrak,** Ph: 7008217628, 9437084997, **Sambalpur: Trinity Suzuki, NH -6, Panchgachia, Baraipali, Sambalpur,** Ph: 7205950221, 8093450221. **Balangir: Erish Motors Pvt.Ltd, sambalpur road, near gokuldham,** Ph: 8144919911/8144919922; **Puri : Nisanta Automobile Pvt. Ltd, Near Kambharpada Police Station,** Ph: 6372900565/ 6372900569.


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ